# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଫେବୃୟାରୀ ୯/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Berhampur, Saturday, February 9/ 2019 ★★★

୧୫ ଶ ଭାଗ ୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-







ବେଆଇନ ପ୍ରବାସୀମାନେ ଏସ୍‌ପି-ବିଏସ୍‌ପିର ଭୋଟ ବ୍ୟାଙ୍କ। ଭାଜପା ପୁନଃ କ୍ଷମତାସୀନ ହେଲେ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯିବ।

–ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

# ମୋଦିଙ୍କୁ ଘନ ଘନ ଆକ୍ରମଣ

**ନୂଆଦିଲ୍ଲୀ,୮।୨**

୫୯,୦୦୦ କୋଟିର ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ ପିଏମ୍‌ଓର ହସ୍ତକ୍ଷେପ ନେଇ ପ୍ରକାଶିତ ରିପୋର୍ଟ ଜାତୀୟ ରାଜନୀତିର ଉଷ୍ମତା ବଢ଼ାଇଦେଇଛି। ସାଧାରଣ ନିର୍ବାଚନରେ ରାଫାଲକୁ ପ୍ରସଙ୍ଗ କରିବାକୁ ଚାହୁଁଥିବା ବିରୋଧୀଙ୍କ ପାଇଁ ଏହି ପ୍ରଘଟ ବ୍ରହ୍ମାସ୍ତ୍ର ପାଲଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୋର ବୋଲି ଏଥିରୁ ପ୍ରମାଣିତ ହୋଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଥିବାବେଳେ ଅଭିଯୋଗକୁ ଖଣ୍ଡନ କରିଛି ଏନ୍‌ଡିଏ। ଏକ ଜାତୀୟ ଗଣମାଧ୍ୟମରେ ରାଫାଲ ଚୁକ୍ତି ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଶୁକ୍ରବାର ରାହୁଲ ଏକ ଖବରଦାତା ସମ୍ମିଳନୀରେ ତାକୁ ପଢ଼ି ଶୁଣାଇଛନ୍ତି। ସେ କହିଛନ୍ତି, ଏହି ଡିଲ୍‌ରେ ପିଏମ୍‌ଓ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ। ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଭାରତର ଆଲୋଚନାକାରୀ ଟିମ୍‌ର ପକ୍ଷକୁ ପିଏମ୍‌ଓ ଦୁର୍ବଳ କରିଦେଇଛି। ପ୍ରଧାନମନ୍ତ୍ରୀ ଏହି ଦୁର୍ନୀତିରେ ଦୋଷୀ। ମୋଦି ପ୍ରତିରକ୍ଷା ପ୍ରକ୍ରିୟାକୁ ବାଇପାସ୍ କରି ସଶସ୍ତ୍ର ବଳର ୩୦,୦୦୦ କୋଟି ଟଙ୍କା ଚୋରି କରିଛନ୍ତି। ସେ ଏହି ଅର୍ଥକୁ ନିଜ ବନ୍ଧୁ ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି। ତେଣୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହି ଦୁର୍ନୀତିର ତଦନ୍ତ କରାଯାଉ ବୋଲି ସେ ଦାବି ଦୋହରାଇଛନ୍ତି। କେନ୍ଦ୍ର ସରକାର ଆଇନକୁ ସମସ୍ତଙ୍କ ବିରୋଧରେ ବ୍ୟବହାର କରିପାରନ୍ତି। ଜ୍ୱାଇଁ ରବର୍ଟ ଭଦ୍ରା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ବିରୋଧରେ ତଦନ୍ତ କରାଅ, କିନ୍ତୁ ରାଫାଲ ଡିଲ୍‌କୁ ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ବୋଲି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାହୁଲ କହିଛନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜ ବନ୍ଧୁମାନଙ୍କୁ ଫାଇଦା ଦେବା ଲାଗି ଜାଣିଶୁଣି ବାୟୁସେନା ଓ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ନ୍ୟୂନ କରିଦେଇଥିଲେ। ଏଥିଯୋଗୁ ରାଜକୋଷରେ ବୋଝ ବଢ଼ିବା ସହ ଜାତୀୟ ସୁରକ୍ଷା ଉପରେ ବିପଦ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟରେ ଏକ ରିଭ୍ୟୁ ପିଟିଶନର ଶୁଣାଣି ଚାଲିଥିବାବେଳେ ଏହି ତଥ୍ୟକୁ ସରକାର ଲୁଚାଇଦେଇଛନ୍ତି। ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପିଏମ୍‌ଓରେ ସମାନ୍ତରାଳ ଆଲୋଚନାକୁ ନିନ୍ଦା କରିଛନ୍ତି। ଏକ ସ୍ୱାଧୀନ ତଥା ନିରପେକ୍ଷ ସିବିଆଇ ଦ୍ୱାରା ପିଏମ୍‌ଓ ଉପରେ ଚଢ଼ାଉ କରାଯାଇ ଡିଲ୍ ସମ୍ପର୍କିତ ସମସ୍ତ ଦସ୍ତାବିଜ ଜବତ କରାଯାଉ। ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରାଯାଉ ବୋଲି କେଜ୍‌ରିୱାଲ ଟୁଇଟ୍ କରିଛନ୍ତି। ଚୁକ୍ତିକୁ ନେଇ ମୋଦିଙ୍କ କାର୍ଯ୍ୟ ସୁପ୍ରିମକୋର୍ଟଙ୍କ ଅବମାନନା ସହ ସମାନ। କାରଣ ସର୍ବୋଚ୍ଚ ଅଦାଲତରେ ବନ୍ଦ ଲଫାପାରେ କେନ୍ଦ୍ର ଦେଇଥିବା ତଥ୍ୟରେ ଏହି ବିଷୟ ଉଲ୍ଲେଖ କରାଯାଇନାହିଁ ବୋଲି ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ସମାଲୋଚନା କରିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଟୁଇଟ୍ କରି ଚାଷୀଙ୍କ ମୃତ୍ୟୁଠାରୁ ନେଇ ରାଫାଲ୍ ଡିଲ୍ ଯାଏ ବିରୋଧୀ ଦଳଗୁଡ଼ିକର ଅସନ୍ତୋଷକୁ ବ୍ୟକ୍ତ କରିଛନ୍ତି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲାଙ୍କ ସମେତ ଅନେକ ବିରୋଧୀ ନେତା ଏହି ପ୍ରସଙ୍ଗରେ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଗଣମାଧ୍ୟମ ରିପୋର୍ଟକୁ ଖଣ୍ଡନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ କହିଛନ୍ତି, ରାଫାଲ ଚୁକ୍ତିକୁ ନେଇ ପ୍ରକାଶିତ ରିପୋର୍ଟ ମଲାଘୋଡ଼ାକୁ ପ୍ରହାର ଦେବା ସହ ସମାନ। ସରକାର କିଛି ଭୁଲ୍ କରିନାହାନ୍ତି। ବିରୋଧୀ ଦଳ ନ୍ୟସ୍ତସ୍ୱାର୍ଥ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଇଙ୍ଗିତରେ ପରିଚାଳିତ ହେଉଛି। ଚୁକ୍ତି ସମ୍ପର୍କରେ ପିଏମ୍‌ଓର ଯାଞ୍ଚକୁ ହସ୍ତକ୍ଷେପ ବୋଲି ମନେକରାଯିବା ଅନୁଚିତ। ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ରାହୁଲଙ୍କ ରାଫାଲ ଅଭିଯୋଗ ତାଙ୍କ ମିଥ୍ୟା କାରଖାନାର ଆଉ ଏକ ମିଛ। ଯୁଦ୍ଧବିମାନ ଚୁକ୍ତିକୁ ରଦ୍ଦ କରିବା ପାଇଁ ସେ ବିଦେଶୀ ଶକ୍ତିଗୁଡ଼ିକର ଇଙ୍ଗିତରେ କାମ କରୁଛନ୍ତି।



୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ୨୦୧୬ ଜାନୁୟାରୀ ୨୫ରେ ବୁଝାମଣାପତ୍ରରେ ସ୍ୱାକ୍ଷର କରିବା ପରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ଓ ତାଙ୍କ ଫ୍ରାନ୍ସ ପ୍ରତିପକ୍ଷ ଜିନ୍-ୱାଇଭେସ୍ ଲେ ଡ୍ରିଏନ୍। ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଉପସ୍ଥିତ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଫ୍ରାନ୍ସର ତତ୍କାଳୀନ ରାଷ୍ଟ୍ରପତି ଫ୍ରାଁସୁଆ ଓଲାନ୍ଦ।

## ବିରୋଧୀ ଧରିଲେ ରାଫାଲ ବ୍ରହ୍ମାସ୍ତ୍ର

- ଚୌକିଦାର ଚୋର ବୋଲି ପ୍ରମାଣିତ ହେଲା: ରାହୁଲ
- ଏକ 'ସ୍ୱାଧୀନ' ସିବିଆଇ ପିଏମ୍‌ଓରେ ଚଢ଼ାଉ କରୁ: କେଜ୍‌ରିୱାଲ
- ବନ୍ଧୁଙ୍କ ପାଇଁ ଜାତୀୟ ସୁରକ୍ଷାରେ ସାଲିସ କରିଛନ୍ତି ମୋଦି: ୟେଚୁରୀ





ଖବରଦାତା ସମ୍ମିଳନୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।

> ରାଫାଲ ଚୁକ୍ତିକୁ ନେଇ ପ୍ରକାଶିତ ରିପୋର୍ଟ ମଲାଘୋଡ଼ାକୁ ଚାବୁକ ମାରିବା ସହ ସମାନ। ନ୍ୟସ୍ତସ୍ୱାର୍ଥ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଇଙ୍ଗିତରେ ବିରୋଧୀ ଦଳ ପରିଚାଳିତ ହେଉଛି।
>
> **– ନିର୍ମଳା ସୀଥାରାମନ୍, ପ୍ରତିରକ୍ଷା ମନ୍ତ୍ରୀ**



## ସଂକ୍ଷେପରେ

### କେଜ୍‌ରିୱାଲଙ୍କ କାର୍‌କୁ ଆକ୍ରମଣ



**ନୂଆଦିଲ୍ଲୀ,୮।୨(ପି.ଟି.):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ କାର୍‌କୁ ନରେଲାଠାରେ ଆକ୍ରମଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଏକ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିବାକୁ ଯାଉଥିବାବେଳେ ୧୦୦ ପାଖାପାଖି ଉତ୍ତ୍ୟକ୍ତ ଲୋକ ଠେଙ୍ଗାବାଡ଼ି ଧରି କେଜ୍‌ରିୱାଲଙ୍କ କାର୍‌କୁ ଅଟକାଇବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ତେବେ ଏଥିରେ କେହି ଆହତ ହୋଇନାହାନ୍ତି।

### ଚିଦାମ୍ବରମ୍‌ଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୮।୨(ପି.ଟି.):** ଆଇଏନ୍‌ଏକ୍ସ ମିଡିଆ ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ଜେରା କରିଛି। କେନ୍ଦ୍ରୀୟ ଦିଲ୍ଲୀରେ ଥିବା ଇଡି କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିବା ପରେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ପୂର୍ବରୁ ଚିଦାମ୍ବରମଙ୍କୁ ଏହି ମାମଲାରେ ଏକାଧିକ ଥର ଜେରା କରାଯାଇଛି। ଗୁରୁବାର ତାଙ୍କ ପୁଅ କାର୍ତ୍ତିଙ୍କୁ ଇଡି ୬ ଘଣ୍ଟା ଜେରା କରିଥିଲା। ତାଙ୍କର ଭାରତ ଓ ବିଦେଶରେ ଥିବା ୫୪ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି। ଚିଦାମ୍ବରମ ଅର୍ଥମନ୍ତ୍ରୀ ଥିବାବେଳେ ୨୦୦୭ରେ ଆଇଏନ୍‌ଏକ୍ସ ମିଡିଆକୁ ବିଦେଶରୁ ୩୦୫ କୋଟି ପାଣ୍ଠି ଗ୍ରହଣ କରିବାକୁ ବିଦେଶୀ ନିବେଶ ବୃଦ୍ଧି ବୋର୍ଡ (ଏଫଆଇପିବି) ମଞ୍ଜୁରୀ ପ୍ରଦାନ କରିଥିଲା। ଏଥିରେ ଅନିୟମିତତା ହୋଇଥିବା ସିବିଆଇ ଏତଲା ଆଧାରରେ ଇଡି ପକ୍ଷରୁ ପିଏମ୍‌ଏଲ୍‌ଏ ମାମଲା ରୁଜୁ ହୋଇଥିଲା।

### ବଙ୍ଗଳା ଖାଲି କରିବାକୁ ତେଜସ୍ୱୀଙ୍କୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୮।୨(ପି.ଟି.):** ସୁପ୍ରିମକୋର୍ଟରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ବଡ଼ ଝଟକା ଲାଗିଛି। ପାଟନା ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରି ତେଜସ୍ୱୀ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବଙ୍ଗଳା ଖାଲି କରି ବିରୋଧୀ ଦଳ ନେତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସକୁ ଚାଲିଯିବା ଲାଗି ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟର ଦୁଇଟି ଖଣ୍ଡପୀଠ ତାଙ୍କ ଆବେଦନକୁ ଖାରଜ କରିବା ସତ୍ତ୍ୱେ ତେଜସ୍ୱୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅଦାଲତଙ୍କ ସମୟ ବରବାଦ କରିଥିବାରୁ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। କୋର୍ଟଙ୍କ ମୂଲ୍ୟବାନ ସମୟ ବରବାଦ କରି ଏହି ବିବାଦରୁ କ'ଣ ଆନନ୍ଦ ପାଉଛ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ , ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ବର୍ତ୍ତମାନ ଉପମୁଖ୍ୟମନ୍ତ୍ରୀ ଥିବା ସୁଶୀଲ କୁମାର ମୋଦିଙ୍କୁ ବଙ୍ଗଳା ହସ୍ତାନ୍ତର କରିବା ଲାଗି ବିହାର ସରକାର ଦେଇଥିବା ନିର୍ଦ୍ଦେଶକୁ ତେଜସ୍ୱୀ ପାଟନା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜାନୁୟାରୀ ୭ରେ ଡିଭିଜନ ବେଞ୍ଚ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ।

## [ଇତିହାସର ଆଇନାରେ]

### ଫେବୃୟାରୀ ୯ର ପ୍ରମୁଖ ଘଟଣା

୧୯୭୫ ଫେବୃୟାରୀ ୯ରେ ଦି ସୋୟୁଜ ୧୭ ସୋଭିଏତ୍ ସ୍ପେସ୍‌କ୍ରାଫ୍ଟ ପୃଥିବୀକୁ ଫେରିଥିଲା। ସୋଭିଏତ୍ ୟୁନିୟନ୍‌ର ସଲ୍ୟୁଟ୍ ୪ ସ୍ପେସ୍ ଷ୍ଟେଶନ୍‌କୁ ଯିବା କ୍ଷେତ୍ରରେ ଦୁଇଟି ଦୀର୍ଘ ରହଣି ମିଶନ୍ ମଧ୍ୟରେ ସୋୟୁଜ ପ୍ରଥମ। ଉକ୍ତ ସ୍ପେସ୍‌କ୍ରାଫ୍ଟ ମହାକାଶରେ ୨୯ ଦିନ ରହଣି କରିଥିଲା। ଅପରପକ୍ଷରେ ସୋୟୁଜ ୧୧ର ୨୩ ଦିନର ମହାକାଶ ରହଣି ରେକର୍ଡକୁ ଏହା ଭଙ୍ଗ କରିଥିଲା।

୨୦୧୬ ଫେବୃୟାରୀ ୯ରେ ଜର୍ମାନୀର ବାଭାରିଆ ପ୍ରଦେଶ ଅନ୍ତର୍ଗତ ବାଡ୍ ଏବଲିଙ୍ଗ୍‌ରେ ଦୁଇଟି ଯାତ୍ରୀବାହୀ ଟ୍ରେନ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ଦୁର୍ଘଟଣାରେ ୧୨ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୮୫ଜଣ ଆହତ ହୋଇଥିଲେ।

## ବିଷାକ୍ତ ମଦ ନେଲା ୩୬ ଜୀବନ

**ଲକ୍ଷ୍ନୌ/ଡେରାଡୁନ,୮।୨(ପି.ଟି.)**

ବିଷାକ୍ତ ମଦ ପିଇ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ୩୬ ଜଣଙ୍କର ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶର କୁଶିନଗର ଏବଂ ସାହାରନପୁରରେ ୨୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଉତ୍ତରାଖଣ୍ଡର ହରିଦ୍ୱାର ଜିଲାରେ ୧୬ ଜଣ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ଲାଗି ୫୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ଅବକାରୀ ସବ୍‌ଇନ୍ସପେକ୍ଟରଙ୍କ ସମେତ ୫ ଅଧିକାରୀ ଓ ୫ ପୋଲିସ ନିଲମ୍ବିତ ହୋଇଛନ୍ତି। ଜିଲା ଅବକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅବକାରୀ ବିଭାଗ ଓ ପୋଲିସର ଜ୍ଞାତସାରରେ ଉକ୍ତ ଅଞ୍ଚଳରେ ବେଆଇନ ମଦ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଉତ୍ତରାଖଣ୍ଡ ଅବକାରୀ ବିଭାଗର ୧୩ ଜଣ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ହରିଦ୍ୱାର ଜିଲା ବାଲୁପୁର ଗ୍ରାମରେ ଶୁଦ୍ଧିକ୍ରିୟା ଭୋଜିରେ ବିଷାକ୍ତ ମଦ ପରିବେଷଣ କରାଯାଇଥିଲା। ଏହାକୁ ପିଇବା ପରେ ଅନେକେ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ବି ରୁର୍‌କୀ ହସ୍ପିଟାଲରେ ୫/୬ ଜଣ ଚିକିତ୍ସିତ ହେଉଛନ୍ତି।

## ହିମ ସ୍ଖଳନ: ୭ ପୋଲିସ ମୃତ



**ଶ୍ରୀନଗର,୮।୨(ପି.ଟି.)**

ଜମ୍ମୁ-କଶ୍ମୀରର କୁଲଗାମଠାରେ ହିମ ସ୍ଖଳନରେ ୭ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥର ଜବାହର ଟନେଲ୍ ନିକଟରେ ଗୁରୁବାର ହିମସ୍ଖଳନ ହେବାରୁ ୧୦ ପୋଲିସ କର୍ମଚାରୀ ବରଫ ତଳେ ପୋତିହୋଇ ପଡ଼ିଥିଲେ। ଶୁକ୍ରବାର ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିଲାବେଳେ ଅନ୍ୟମାନଙ୍କ ମୃତଦେହ ମିଳିଛି। ପ୍ରବଳ ପବନ ଓ ତୁଷାରପାତ ଯୋଗୁ ବହୁ କଷ୍ଟରେ ଉଦ୍ଧାରକାରୀ ଟିମ୍ ଶୁକ୍ରବାର ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବୁଧବାରଠାରୁ କଶ୍ମୀର ଉପତ୍ୟକାରେ ତୁଷାରପାତ ଜାରି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ କୁଲଗାମ ଜିଲାରେ ସର୍ବାଧିକ ତୁଷାରପାତ ହୋଇ କେତେକ ସ୍ଥାନରେ ୫ ଫୁଟ ଉଚ୍ଚର ତୁଷାର ଜମା ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟ ଏକ ଘଟଣାରେ ଅନନ୍ତନାଗ ଜିଲାରେ ବରଫ ଅତଡା ଖସି ଏକ ଘର ପୋତିହୋଇପଡିବା ଫଳରେ ଦମ୍ପତିଙ୍କର ମୃତ୍ୟୁ ଘଟିଛି। ଉଦ୍ଧାରକାରୀ ଟିମ୍ ସେମାନଙ୍କ ଦୁଇ ପିଲାଙ୍କୁ ନିରାପଦରେ ଉଦ୍ଧାର କରିଛନ୍ତି।

## ଲଦାଖ ହେଲା ପୃଥକ୍ ଡିଭିଜନ

**ଶ୍ରୀନଗର,୮।୨(ପି.ଟି.)**

ଜମ୍ମୁ-କଶ୍ମୀର ପ୍ରଶାସନ ଶୁକ୍ରବାର ଏକ ବଡ଼ ନିଷ୍ପତ୍ତିକ୍ରମେ ଲଦାଖକୁ ଅଲଗା ଡିଭିଜନ କରିଛନ୍ତି। ଲଦାଖ ବର୍ତ୍ତମାନ ପର୍ଯ୍ୟନ୍ତ କଶ୍ମୀର ଡିଭିଜନର ଅଂଶବିଶେଷ ଥିଲା। ଏବେ ଲଦାଖ ପାଇଁ ସ୍ୱତନ୍ତ୍ର ଡିଭିଜନାଲ କମିଶନର ଏବଂ ପୋଲିସ ଆଇଜି ନିଯୁକ୍ତ ହେବେ। ପୂର୍ବରୁ ଜମ୍ମୁ ଏବଂ କଶ୍ମୀର ଦୁଇଟି ଡିଭିଜନ ଥିବାବେଳେ ଲଦାଖ ଅଲଗା ପ୍ରଶାସନିକ ଏବଂ ରାଜସ୍ୱ ଡିଭିଜନ ହେବା ଫଳରେ ରାଜ୍ୟ ତିନୋଟି ଡିଭିଜନରେ ବିଭକ୍ତ ହୋଇଛି।

## ଫୁର୍‌ସତ

### ଦୀପା ମେହେଟାଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ



**ଟରଣ୍ଟୋ:** ଫିଲ୍ମ ନିର୍ମାତା ଦୀପା ମେହେଟା ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପାଇବେ। ଦି ଏକାଡେମୀ ଅଫ୍ କାନାଡିଆନ୍ ସିନେମା ଆଣ୍ଡ ଟେଲିଭିଜନ୍ ପକ୍ଷରୁ ଏହି ଘୋଷଣା କରାଯାଇଛି। ଇଣ୍ଡୋ-କାନାଡିଆନ୍ ଫିଲ୍ମ ନିର୍ଦ୍ଦେଶିକାଙ୍କୁ କାନାଡିଆନ୍ ସ୍କ୍ରିନ୍ ୱିକ୍‌ରେ ଏହି ପୁରସ୍କାର ପ୍ରଦାନ କରାଯିବ। ଦୀପା ମେହେଟାଙ୍କ କଳାନୈପୁଣ୍ୟକୁ ସ୍ୱୀକୃତି ପ୍ରଦାନ ପାଇଁ କାନାଡିଆନ୍ ଏକାଡେମୀ ଗର୍ବିତ। କାନାଡିଆନ୍ ଫିଲ୍ମ ନିର୍ମାଣରେ ମଧ୍ୟ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ।

### ଚତୁର୍ଥ ସର୍ବାଧିକ ଗରମ ବର୍ଷ ୨୦୧୮

**ନ୍ୟୁୟର୍କ:** ୧୮୮୦ ପରେ ବିଶ୍ୱରେ ସର୍ବାଧିକ ଗରମ ଅନୁଭୂତ ବର୍ଷ ତାଲିକାର ଚତୁର୍ଥବର୍ଷ ହେଉଛି ୨୦୧୮। ନାସା ଏବଂ ନ୍ୟାଶନାଲ ଓସ୍‌ନିକ୍ ଆଣ୍ଡ ଆଟମସ୍‌ଫରିକ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏନ୍‌ଓଏଏ) ଦ୍ୱାରା କରାଯାଇଥିବା ଏକ ନିରପେକ୍ଷ ବିଶ୍ଳେଷଣରୁ ଏହି ସୂଚନା ମିଳିଛି। 'ନାସା'ର ଗଡାର୍ଡ ଇନ୍‌ଷ୍ଟିଚ୍ୟୁଟ୍ ଫର ସ୍ପେସ୍ ଷ୍ଟଡିଜ (ଜିଆଇଏସ୍‌ଏସ୍)ର ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ, ୨୦୧୮ରେ ବିଶ୍ୱ ତାପମାତ୍ରା ୧୯୫୧ରୁ ୧୯୮୦ ମଧ୍ୟରେ ହାରାହାରି ବାର୍ଷିକ ତାପମାତ୍ରା ଅପେକ୍ଷା ୦.୮୩ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଥିଲା। ତେବେ ୨୦୧୮ର ତାପମାତ୍ରା ୨୦୧୬, ୨୦୧୭ ଏବଂ ୨୦୧୫ର ତାପମାତ୍ରା ର୍‍ୟାଙ୍କର ନିମ୍ନରେ ରହିଛି। ସାମଗ୍ରିକ ଭାବରେ ବିଗତ ୪ବର୍ଷ ବିଶ୍ୱ ତାପମାତ୍ରା ରେକର୍ଡରେ ସବୁଠୁ ଗରମ ଅନୁଭୂତ ବର୍ଷ ବୋଲି ନାସା ପକ୍ଷରୁ କୁହାଯାଇଛି। ଏ କ୍ଷେତ୍ରରେ ଦେଖିବାକୁ ଗଲେ ୨୦୧୮ ହେଉଛି ଅତି ଗରମ ଅନୁଭୂତ ବର୍ଷଗୁଡିକ ମଧ୍ୟରେ ଅନ୍ୟତମ ବୋଲି ଜିଆଇଏସ୍‌ଏସ୍ ନିର୍ଦ୍ଦେଶକ ଗାଭିନ ସ୍କିତ୍ ପ୍ରକାଶ କରିଛନ୍ତି। ୧୮୮୦ ପରଠାରୁ ହାରାହାରି ବିଶ୍ୱ ଉଷ୍ମତା ପାଖାପାଖି ୧ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ବାୟୁମଣ୍ଡଳକୁ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ଏବଂ ମାନବିକ କାର୍ଯ୍ୟକଳାପରୁ ସୃଷ୍ଟ ଗ୍ରୀନହାଉସ୍ ଗ୍ୟାସ ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ସାଜିଥିବା ସ୍କିତ୍ ପ୍ରକାଶ କରିଛନ୍ତି। ଉତ୍ତରମେରୁ ଅଞ୍ଚଳରେ ବିଶ୍ୱ ଉଷ୍ମାୟନ ଧାରା ତୀବ୍ର ହୋଇଥିବା ବେଳେ ୨୦୧୮ରେ ବ୍ୟାପକ ମାତ୍ରାରେ ବରଫ ତରଳିଥିବା ନାସା ପକ୍ଷରୁ କୁହାଯାଇଛି।





### କେମିତି ରହିବ ଆଜିର ପାଗ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୩ | ୧୬.୬ |
| ଚାନ୍ଦବାଲି | ୩୨.୦ | ୧୮.୧ |
| କଟକ | ୩୧.୦ | ୧୬.୦ |
| ପାରାଦ୍ୱୀପ | ୨୮.୨ | ୧୯.୦ |
| ଭୁବନେଶ୍ୱର | ୩୧.୮ | ୧୭.୬ |
| ଗୋପାଳପୁର | ୨୮.୯ | ୧୯.୧ |
| ପୁରୀ | ୨୯.୫ | ୨୦.୬ |
| ଅନୁଗୋଳ | ୩୨.୧ | ୧୫.୦ |
| ବାରିପଦା | ୩୦.୬ | ୧୭.୫ |
| ଝାରସୁଗୁଡ଼ା | ୨୮.୯ | ୧୭.୧ |
| କେନ୍ଦୁଝର | ୨୮.୬ | ୧୬.୯ |
| ସମ୍ବଲପୁର | ୩୧.୦ | ୧୭.୪ |
| ସୁନ୍ଦରଗଡ଼ | --- | ୧୩.୦ |
| ହୀରାକୁଦ | ୩୦.୧ | ୧୭.୨ |
| ତାଲଚେର | ୩୧.୫ | ୧୫.୫ |
| ଭବାନୀପାଟଣା | ୩୦.୫ | ୧୮.୦ |
| ବଲାଙ୍ଗୀର | ୩୨.୦ | ୧୮.୫ |
| କୋରାପୁଟ | ୨୯.୦ | ୧୫.୬ |
| ଫୁଲବାଣୀ | ୨୮.୦ | --- |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୩୨.୦ | ୧୪.୫ |
| ସୋନପୁର | ୩୦.୦ | ୧୪.୫ |
| ଦାରିଙ୍ଗିବାଡ଼ି | ୨୭.୫ | ୧୬.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ପ୍ରଧାନମନ୍ତ୍ରୀ ଦୌଡ଼ରେ ଥାଇଲାଣ୍ଡ ରାଜକୁମାରୀ

**ବ୍ୟାଙ୍କକ୍:** ଆଗାମୀ ନିର୍ବାଚନରେ ଥାଇଲାଣ୍ଡ ରାଜକୁମାରୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ସେ ଶିନାୱାତ୍ରା ଦଳରୁ ପ୍ରାର୍ଥୀ ହେଉଥିବା ବେଳେ ଏହାଦ୍ୱାରା ଶାସକ ଜୁଣ୍ଟା ଦଳକୁ ଶକ୍ତ ଧକ୍କା ଲାଗିଛି। ୧୯୩୨ରେ ସାମ୍ବିଧାନିକ ରାଜତନ୍ତ୍ର ପ୍ରତିଷ୍ଠା ହେବା ପରଠାରୁ ରାଜପରିବାରର କୌଣସି ସଦସ୍ୟ ପ୍ରଧାନମନ୍ତ୍ରୀ ହୋଇ ନ ଥିବା ବେଳେ ରାଜକୁମାରୀଙ୍କ ଏହି ନିଷ୍ପତ୍ତିକୁ ଦେଶର ଶାସକ ଦଳ ବିରୋଧ କରିଛି। ୬୭ବର୍ଷ ବୟସ୍କା ରାଜକୁମାରୀ ଉବୋଲରତ୍ନା ହେଉଛନ୍ତି ଥାଇଲାଣ୍ଡ ରାଜା ମହା ବାଜିରାଲଙ୍ଗ୍‌କର୍ନଙ୍କ ଭଉଣୀ। ସେ ଥାଇ ରକ୍ଷା ଚାର୍ଟ ପାର୍ଟି ତରଫରୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ଉବୋଲରତ୍ନା ଜଣେ ଉଚ୍ଚ ଶିକ୍ଷିତ ଏବଂ ଦକ୍ଷ ବ୍ୟକ୍ତିତ୍ୱ। ସେ ସର୍ବାଧିକ ପସନ୍ଦଯୋଗ୍ୟ ବ୍ୟକ୍ତି ବୋଲି ରକ୍ଷା ଚାର୍ଟ ପାର୍ଟିର ନେତା ପ୍ରିଚାପଲ୍ ପଙ୍ଗପାନିଚ୍ ପ୍ରକାଶ କରିଛନ୍ତି। ଶିନାୱାତ୍ରା ପାର୍ଟି ସହିତ ରୟାଲ ଫ୍ରଣ୍ଟେଡ ପାର୍ଟିର ମେଣ୍ଟ ଘୋଷଣା ହେବାପରେ ସାମରିକ ଦଳକୁ ପ୍ରତ୍ୟକ୍ଷ ଭାବରେ ଧକ୍କା ଲାଗିଛି। କାରଣ ଏହି ଦଳର ମୁଖ୍ୟ ପ୍ରୟୁତ ଚାନ୍-ଓ-ଚାଙ୍କୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଦୀର୍ଘ ୫ବର୍ଷ ଧରି ପ୍ରୟୁତ ଜୁଣ୍ଟା ଦଳର ନେତୃତ୍ୱ ନେଇଆସୁଛନ୍ତି। କିନ୍ତୁ ରାଜନୀତିକୁ ଉବୋଲରତ୍ନାଙ୍କ ଅଚାନକ ପ୍ରବେଶ ସାମରିକ ଶାସକଙ୍କ ଯୋଜନାକୁ ଶକ୍ତ ଧକ୍କା ପହଞ୍ଚାଇବା ସମ୍ଭାବନା ଅଛି। ଉବୋଲରତ୍ନା ଦଶବର୍ଷ ତଳେ ଜଣେ ଆମେରିକୀୟଙ୍କୁ ବିବାହ କରିବା ପରେ ସେ ରାଜ ପରିବାରର ସଦସ୍ୟ ପଦ ହରାଇଥିଲେ। କିନ୍ତୁ ଘଟଣାକ୍ରମରେ ଉକ୍ତ ଦମ୍ପତିଙ୍କ ମଧ୍ୟରେ ଛାଡପତ୍ର ଦିଆନିଆ ହୋଇଥିଲା। ଉବୋଲରତ୍ନା ପୁନଶ୍ଚ ଥାଇଲାଣ୍ଡ ଆସିବା ପରେ ତାଙ୍କୁ ବର୍ତ୍ତମାନ ରାଜ ପରିବାରର ଅନ୍ୟତମ ସଦସ୍ୟା ଭାବେ ବିବେଚନା କରାଯାଉଛି।



# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଫେବୃୟାରୀ ୯/୨୦୧୯ | Berhampur, Saturday, February 9/ 2019 | ପୃଷ୍ଠା-୧




**ନିଜ ପ୍ରତିମୂର୍ତ୍ତି ଅନାବରଣ କଲେ ପ୍ରିୟଙ୍କା**

ନ୍ୟୁୟର୍କରେ ମାଡାମ୍ ଟୁସାଡ୍ସ ମ୍ୟୁଜିୟମ୍‌ରେ ନିଜର ମହମ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା।

୧୨

୧୬

**କ୍ରୁନାଲଙ୍କ ପ୍ରଭାବୀ ପ୍ରଦର୍ଶନ**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



## ଶପଥ ନେଲେ ଜଷ୍ଟିସ ପ୍ରମଥ ପଟ୍ଟନାୟକ

**ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୧୫ରେ ପହଞ୍ଚିଲା**

କଟକ ଅଫିସ, ୮।୨

ଶୁକ୍ରବାର ପୂର୍ବାହ୍ନ ୧୦ଟା ୧୫ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ ପ୍ରମଥ ପଟ୍ଟନାୟକ। ମୁଖ୍ୟ ବିଚାରପତି କଲ୍ଲେଶ ସତ୍ୟେନ୍ଦ୍ର ଝାବେରୀ ତାଙ୍କୁ ଶପଥ ପାଠ କରାଇଥିଲେ। ପ୍ରଥମେ ରାଜ୍ୟ ଗୃହ ସଚିବ ଅସିତ୍ କୁମାର ତ୍ରିପାଠୀ ରାଷ୍ଟ୍ରପତିଙ୍କ ☞ପୃଷ୍ଠା-୨



ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଶପଥପାଠ କରାଉଛନ୍ତି।

■ ପତ୍ର ସାମ୍ନାକୁ ଆସିବା ପରେ ଜାତୀୟ ରାଜନୀତିରେ ଭୂକମ୍ପ

# ରାଫାଲ ଚୁକ୍ତିରେ ହସ୍ତକ୍ଷେପ କରିଥିଲା ପିଏମ୍‌ଓ

ନୂଆଦିଲ୍ଲୀ, ୮।୨

ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଚୁକ୍ତି ସମ୍ପର୍କରେ ଆଲୋଚନା କରୁଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏଥିରେ ହସ୍ତକ୍ଷେପ କରି ଫ୍ରାନ୍ସ ପକ୍ଷଙ୍କ ସହ 'ସମାନ୍ତରାଳ ଆଲୋଚନା' ଚଳାଇଥିଲା। ଏଥିଯୋଗୁ ଆଲୋଚନାରତ ଭାରତୀୟ ଦଳର ପୋଜିଶନ (ସ୍ଥିତି) ଦୁର୍ବଳ ହୋଇଛି ବୋଲି ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ନୋଟ୍‌ରେ ଅସନ୍ତୋଷ ବ୍ୟକ୍ତ କରିଥିଲା। ଏହାସହ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରି ପିଏମ୍‌ଓର ସମ୍ପୃକ୍ତ ଅଧିକାରୀଙ୍କୁ ସମାନ୍ତରାଳ ଆଲୋଚନାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ନୋଟ୍‌ରେ ଉଲ୍ଲେଖ କରାଯାଇଥିଲା। ଏ ସମ୍ପର୍କିତ ରିପୋର୍ଟ ଶୁକ୍ରବାର ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଦେଶର ରାଜନୀତିରେ ଭୂକମ୍ପ ସୃଷ୍ଟି ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉକ୍ତ ରିପୋର୍ଟ ଆଧାରରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହାକୁ 'ମଲାଘୋଡ଼ାକୁ ପ୍ରହାର' ଭାବେ ଅଭିହିତ କରି ରିପୋର୍ଟକୁ ମିଛ ବୋଲି ଖଣ୍ଡନ କରିଛନ୍ତି।

ଫ୍ରାନ୍ସଠାରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ୭.୮୭ ବିଲିୟନ୍ ୟୁରୋର ଚୁକ୍ତିରେ ବ୍ୟାପକ ଅନିୟମିତା ହୋଇଥିବା ☞ପୃଷ୍ଠା-୨


It is, therefore, clear that such parallel discussions by the PMO has weakened the negotiating position of MoD and Indian Negotiating Team. We may advise PMO that any Officers who are not part of Indian Negotiating Team may refrain from having parallel parleys with the officers of French Government. In case the PMO is not confident about the outcome of negotiations being carried out by the MoD, a revised modality of negotiations to be led by PMO at appropriate level may be adopted in the case.

(S.K. Sharma)
Deputy Secretary (Air-II)
November 24, 2015

JS & AM(Air)



୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲେଖାଯାଇଥିବା ଆଭ୍ୟନ୍ତରୀଣ ନୋଟ୍।

**ଗୁମର ଫିଟାଇଲା ଚିଠି**

- ଯୁଦ୍ଧବିମାନ କିଣିବା ପାଇଁ ଫ୍ରାନ୍ସ ସହ ଭାରତୀୟ ଟିମ୍ ଆଲୋଚନା କରୁଥିବାବେଳେ ପିଏମ୍‌ଓ ଚଳାଇଥିଲା ସମାନ୍ତରାଳ ଆଲୋଚନା
- ଏଥିଯୋଗୁ ଭାରତର ପକ୍ଷ ଦୁର୍ବଳ ହୋଇଥିଲା ଓ ଫ୍ରାନ୍ସ ଫାଇଦା ନେଇଥିଲା
- ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା
- ୨୦୧୫ ଅକ୍ଟୋବର ୨୦ରେ ଫ୍ରାନ୍ସର ଆଲୋଚନାକାରୀ ଟିମ୍ ମୁଖ୍ୟଙ୍କ ଚିଠିରୁ ପିଏମ୍‌ଓର ହସ୍ତକ୍ଷେପ ନେଇ ଜଣାପଡ଼ିଥିଲା

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପାଇଁ ୫ କୋଟି

# କେନ୍ଦ୍ର ଆଡ଼କୁ ଗୋଟି ଖେଳିଲା ରାଜ୍ୟ

ଭୁବନେଶ୍ୱର,୮।୨(ବ୍ୟୁରୋ)

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାବାସୀଙ୍କୁ ନିର୍ବାଚନ ପୂର୍ବରୁ ସନ୍ତୁଷ୍ଟ କରିବା ପାଇଁ ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ପୁଣି କେନ୍ଦ୍ର ଆଡକୁ ଗୋଟି ଚାଳନା କରିଛନ୍ତି। ପଶ୍ଚିମ କିମ୍ବା ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ଓଡିଶା କୋର୍ଟଙ୍କୁ ବଲ ଫିଙ୍ଗିବା ପରେ ରାଜ୍ୟ ସରକାର କେନ୍ଦ୍ର ଉପରେ ଦାୟିତ୍ୱ ଛାଡିଛନ୍ତି। ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ରାଜ୍ୟ ସରକାର ସମସ୍ତ ଭିତ୍ତିଭୂମି ନିର୍ମାଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଲାଗି ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ବଜେଟରେ ☞ପୃଷ୍ଠା-୨

**ଆର୍ଥିକ ସହାୟତା ଦେବାକୁ ବିଧାନସଭାରେ ଅର୍ଥମନ୍ତ୍ରୀଙ୍କ ଘୋଷଣା**



## ଅଧାରୁ ସରିଲା ଅଧିବେଶନ

**■ ଧୋଇ ନେଲା ଚାଷୀ, ଚିଟ୍‌ଫଣ୍ଡ, ବେକାରି ସମସ୍ୟା**

ଭୁବନେଶ୍ୱର,୮।୨(ବ୍ୟୁରୋ)

ପଞ୍ଚଦଶ ବିଧାନସଭାରେ ୫ ଦିନିଆ ଶେଷ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ୨ଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ଲାଗି ବାଚସ୍ପତି ପ୍ରଦୀପ ଅମାତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି। ଅଧିବେଶନ ଫେବୃୟାରୀ ୪ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହୋଇ ଥାଆନ୍ତା। ତେବେ ନିର୍ବାଚନ ପାଖେଇ ଆସୁଥିବାରୁ ବିଧାନସଭାକୁ ଆଉ ଆଗକୁ ନେବାକୁ ସରକାର ଚାହିଁ ନ ଥିଲେ। ଏହି ସ୍ୱଳ୍ପକାଳୀନ ଅଧିବେଶନରେ ୫ଟି କାର୍ଯ୍ୟ ଦିବସ ହୋଇଥିବା ବେଳେ ୧୦ ଜଣ ପରଲୋକଗତ ନେତା ଓ ଯବାନଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆସିଥିଲା। ସେହିପରି ୨୬୦ଟି ଅଣତାରକା ଓ ୩ଟି ତାରକା ପ୍ରଶ୍ନ ଉପରେ ଆଲୋଚନା ହୋଇଥିବା ବେଳେ ଗୃହରେ ୧୫ଟି ପେପର , ୧୪ଟି ବାର୍ଷିକ ରିପୋର୍ଟ, ୮ଟି କମିଟି ରିପୋର୍ଟ, ଗୋଟିଏ ବିଲ୍ ଆଗତ କରାଯାଇଥିଲା। ଏହି ଅଧିବେଶନରେ ଚାଷୀ, ଚିଟ୍‌ଫଣ୍ଡ, ନାବାଳିକା ବଳାତ୍କାର, ବେକାରି ସମସ୍ୟାକୁ ନେଇ ବିରୋଧୀ ବିଧାନସଭାକୁ ହୁଲସ୍ଥୁଲ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ☞ପୃଷ୍ଠା-୨

■ ଅନଲାଇନରେ ଋଣ ଦେବେ କହି ଲୁଟୁଥିଲେ

# ୬ ଜଣଙ୍କୁ ଗିରଫ କଲା ସାଇବର୍ ଥାନା ପୋଲିସ

**ଗିରଫଙ୍କ ମଧ୍ୟରେ ୫ ଯୁବତୀ**

ବ୍ରହ୍ମପୁର ଅଫିସ୍,୮।୨

ଏକ ଫାଇନାନ୍ସ କମ୍ପାନୀ ନାମରେ ମିଥ୍ୟା ୱେବ୍ ସାଇଟ୍ ଖୋଲି ଅନଲାଇନରେ ଋଣ ଦେବା ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକୁଥିବା ୫ ଯୁବତୀଙ୍କ ସମେତ ୬ ଜଣଙ୍କୁ ଶୁକ୍ରବାର ବ୍ରହ୍ମପୁର ସାଇବର୍ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ

ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ଦମୟନ୍ତୀ ମାର୍ଥା, କେନ୍ଦ୍ରାପଡା ଅଞ୍ଚଳର ମଧୁସ୍ମିତା ଦାସ, ଦେବସ୍ମିତା ଦାସ, ବିଷ୍ଣୁପ୍ରିୟା ଶତପଥୀ, ପୁରୀ ଅଞ୍ଚଳର ସରୋଜିନୀ ସ୍ୱାଇଁ ଏବଂ ସମ୍ବଲପୁର ଅଞ୍ଚଳର ଆଶିଷ୍ ପୋଢ଼ । ଏହି ଘଟଣାର ମାଷ୍ଟରମାଇଣ୍ଡ ଥିଲେ ଦମୟନ୍ତୀ। ଭୁବନେଶ୍ୱରରେ ଥିବା ଏହି ମିଥ୍ୟା ସଂସ୍ଥାର କାର୍ଯ୍ୟାଳୟରେ ଗୁରୁବାର ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି କଳ୍ପନା କାଉଁରୀ ସୂଚନା ଦେଇଛନ୍ତି । ଠକେଇରେ ବ୍ୟବହୃତ କମ୍ପ୍ୟୁଟର୍, ଲାପଟପ୍, ପ୍ରିଣ୍ଟର୍ ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ☞ପୃଷ୍ଠା-୨


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


## ଗୋଲ୍ଡ କପ୍ ମହିଳା ଫୁଟ୍‌ବଲ ଆଜିଠାରୁ



ଯବାମଣି ଟୁଡୁ

ଭୁବନେଶ୍ୱର, ୮।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମ ଆଉ ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଭେଟି ଦେବା ପାଇଁ ପ୍ରସ୍ତୁତ। ଏଥର ଓଡ଼ିଶା ଦର୍ଶକ ଦେଖିବାକୁ ପାଇବେ ମହିଳା ଫୁଟ୍‌ବଲର ରୋମାଞ୍ଚ। ହିରୋ ଗୋଲ୍ଡ କପ୍ ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଏଥିରେ ଆୟୋଜକ ଭାରତ ସମେତ ମ୍ୟାନ୍‌ମାର, ଇରାନ ଓ ନେପାଳ ଭାଗନେବେ। ୪ଟି ଯାକ ଦଳ ୨୦୨୦ ଏଏଫ୍‌ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିବାରୁ ଟୁର୍ନାମେଣ୍ଟ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଶନିବାର ପ୍ରଥମ ମ୍ୟାଚ୍‌ରେ ନେପାଳକୁ ମ୍ୟାନ୍‌ମାର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଇରାନକୁ ଭେଟିବ ଭାରତ। ଭାରତୀୟ ଦଳରେ ଓଡ଼ିଶାର ଯବାମଣି ଟୁଡୁ ସ୍ଥାନ ପାଇଛନ୍ତି।






# ଦୁର୍ଘଟଣା ନେଲା ୩ ଜୀବନ

ଭଦ୍ରକ ଅଫିସ/ତିହିଡ଼ି, ୮।୨(ଡି.ଏନ.ଏ.)

ଭଦ୍ରକ ଜିଲାର ପୃଥକ୍ ସ୍ଥାନରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ବଜାରରେ ଏକ ଟ୍ରକ୍‌କୁ ପଛପଟୁ ସ୍କର୍ପିଓ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ସ୍କର୍ପିଓ ଚାଳକ ଭଦ୍ରକ ଗେଲପୁର ଗ୍ରାମର ଦିଲୀପ ରାଉତ ଓ ଯାଜପୁର ଟାଉନ ଅଞ୍ଚଳର ସୁକାନ୍ତ କୁମାର ପୁହାଣ। ଆହତ କର୍ମଚାରୀଙ୍କ ନାମ ବିଚିତ୍ର ପାଢ଼ୀ। ସେମାନେ ଇଣ୍ଡିଆନ ଅଏଲର ସୁରକ୍ଷା କର୍ମଚାରୀ ବୋଲି ଜଣାଯାଇଛି। ସେମାନେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ଜଣେ ଏବଂ ଭଦ୍ରକ ଡାକ୍ତରଖାନା ନିଆଯିବା ରାସ୍ତାରେ ଅନ୍ୟ ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ଆହତ ବିଚିତ୍ର ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହିଘଟଣାରେ ତିହିଡ଼ିଥାନାରେ ଏକ ମାମଲା(ନଂ.୬୨/୧୯) ରୁଜୁ ହୋଇଛି।କ ସେହିପରି ଜାତୀୟ ରାଜପଥର ରାଣୀତାଲ ନିକଟରେ ୨ ଟ୍ରକ୍ ଧକ୍କାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ହେଲ୍‌ପର ଗୁରୁତର ହୋଇଛନ୍ତି। ଆଗରେ ଯାଉଥିବା ଏକ ଟ୍ରକ୍ ସହ ଦ୍ରୁତଗତିରେ ଯାଉଥିବା ଅନ୍ୟ ଏକ ଟ୍ରକ୍ ପଛପଟୁ ଧକ୍କା ହୋଇଥିଲା। ପଛ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଆସାମ ଅଞ୍ଚଳରେ। ରିପୋର୍ଟ ଲେଖା ହେବା ସୁଦ୍ଧା ପରିବାର ଲୋକେ ପହଞ୍ଚି ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା।



ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓ।


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com


**ଆଜିର ସମ୍ପାଦକୀୟ**

**ମିଛ ପରିସଂଖ୍ୟାନ**

**ଆଜିର ମନ୍ତବ୍ୟ**

" କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ରାଫାଲ ଅଭିଯୋଗ ତାଙ୍କ 'ମିଥ୍ୟା କାରଖାନା'ର ଆଉ ଏକ ମିଛ।

**-ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ**


NECC NATIONAL EGG CO-ORDINATION COMMITTEE 08.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 78 | 129 | 139 |
| BDK | 80 | 132 | 142 |
| BLS | 81 | 133 | 143 |
| ANG | 79 | 131 | 141 |

*Conditions Apply

Eggs Retail Price- 50/-Dozen
Issued in the Interest of Consumers


**କିଛି ତଥ୍ୟ**

ଫେବୃୟାରୀ ୪ ସୁଦ୍ଧା ଦେଶର ଥର୍ମାଲ ପ୍ଲାଣ୍ଟଗୁଡ଼ିକରେ ୨୦.୮୭୦ ନିୟୁତ ଟନ୍ କୋଇଲା ମହଜୁଦ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୪.୬୮ ନିୟୁତ ଟନ୍ ଥିଲା।

**-କୋଇଲା ମନ୍ତ୍ରଣାଳୟ**





AUTHORIZED DISTRIBUTOR: CUTTACK - VISHAL ENTERPRISES - 9040601631, BHUBANESWAR - RAM JI ENTERPRISES - 0674-2463082, BEHRAMPUR - PATEL SHOE BAZAR - 9437064888, BHWANIPATNA - KWALITY TRADERS - 9040106894, BHUBANESWAR - STYLE EXCLUSIVE - 9938499290

PREFERRED RETAILERS: BHUBANESWAR: SHOE MART - 9437177070 | GOLDEN BOOTS - 9437044407 | KOLHAPURI MART - 7978616737 | GOPAL SHOES - 9437089155 | BHADRAK: SOFT WALK - 9937420078 | DHENKANAL: NEW MADHUSUDAN PATRA & SONS - 8328887187 | ANGUL: DAMINI SHOES - 9437033910 | BHAWANIPATNA: KWALITY SHOES - 9437326234 & 8637273567 | UMARKOTE: K.K. FOOTWEAR - 9437524957 | DHARAMAGARH: SHIV SHANKAR BOOT HOUSE - 9437225120

Shop online at: www.redchief.in, For b2b: www.redchiefb2b.in, FOR TRADE ENQUIRIES CONTACT 7753933497, redchiefb2b@leayan.com
Also available at : Flipkart | Myntra | amazon | AJIO | Paytm | JABONG | SHOPCLUES
Toll free no. 1800-121-0800 For more information contact: 0512-2241749, 9794352683

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


କାହ୍ନା
ପରିବାରବର୍ଗ


ଜାଗି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




## SALE

L&T Pc 71 Komatsu show room condition, 2009 Dec. (Mo): 7978887806. D-10897

Ford Ikon 2003 NXT Diesel car with new AC Cluch pressure plate good running condition for sale. M: 8917370377. D-11015




## SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

ORERA registered 1BHK, studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-65550

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଛାରୁ ବିକ୍ରିହେବ। 9178660666. D-65558

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65817

7 guntha ghara-badi converted road side land at Bhatapada, Salepur, located adjacent to (Jagatpur-Kendrapada Highway) for immediate sale. Contact: 7829553888. D-10995

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11034

30 feet main road 30 feet sub road yellow zone plot near Vipul Garden & Tata Ariyan Khandagiri. 9437426733. D-10891

Tamando Market ପାଖରେ ଘରବାଡି boundary plot ନେଇ ଘର କରନ୍ତୁ। 9438859527. D-10898

Residential plot for sale at Patia connecting with blacktop road boundary-wall, electrification, water supply (ready for construction). 9556003065, 7978159231. D-65352

**21000 Sqft under construction Hostel at Kalarahanga, Total 52 rooms, 28 nos. drawing dining, G+2 building, Sufficient parking, Expected Bed 215 nos., Price- 6.5 Crore/ Negotiable Contact: 9439856856.** D-11033

Booking one lakh simplex 2BHK 1200 sqft. land 20,50,000/- BDA area Tankpaniroad Sai Temple monthly instalment 10,000/-. 7735738102. D-11016

4000 sqft. SC land (Gharabari) BDA approved sft. height boundarywall at Patia. 9437096921, 9938855111. D-64785

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11032

Newly construction Triplex at Sreevihar, Chandrasekharpur (infront of Indian Oil Headoffice). 9437096921, 9938855111. D-64784

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65818

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-11035

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3BHK flat Shibani Villa Badagada Canal Road. Rent. 15,000/-. 7735738098. D-11017

7BHK house for rent/ lease. Suitable for Guest House, warehouse. Address– Gour Vihar, On the way to Mata Matha. Contact: 7978356787. D-63761




New opening ayurvedic full body massage. 7077444583. D-10885

## AFFIDAVIT

I Bijaya Kumar Naik, S/o- Late Gopinath Naik, Residing- Suryavihar Gadamohavir, BBSR-2 have changed my name from Bijaya Kumar Naik to Bijaya Kumar Nayak affidavit no.- 22, Dt- 07.02.19 before Executive Magistrate BBSR. Hence I shall be known and called as Bijaya Kumar Nayak. D-11021

## Happy Birthday


(କାହ୍ନା)

**ମଷ୍ଟି ମିଲନ ବିଶ୍ୱାଳ**
ବମିଖାଲ, ଭୁବନେଶ୍ୱର
ଆଜିର ଏହି ଶୁଭ ଜନ୍ମଦିନ ଅବସରରେ ମା' ଦୁର୍ଗା ତୋତେ ସାହସ, ଶକ୍ତି ପ୍ରଦାନ କରି ତୋର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ପ୍ରାର୍ଥନା କରୁଅଛୁ। ଶୁଭାଶୀର୍ବାଦ ସହ: ଜେଜେ– ଅଦ୍ୱୈତ, ଜେଜି– ଗୋମତୀ, ବାପା– ରଞ୍ଜନ, ବୋଉ– ବୈଜୟନ୍ତୀ, ବାଙ୍ଗଲୋ ବାପା– ପ୍ରସନ୍ନ, ଓକିଲ ବାପା– ରାକେଶ, ଦିଦି– ନେହା, କୁନୁ, ରିଙ୍କି। ଧ–୬୫୪୭୩

Now Matrimonial ads. only on Wednesday & Sunday Book 1 Get 1 FREE


## ରାଫାଲ ଚୁକ୍ତିରେ ହସ୍ତକ୍ଷେପ...

ଅଭିଯୋଗ ଆଣି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏନ୍‌ଡିଏକୁ ଟାର୍ଗେଟ କରୁଥିବାବେଳେ ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ଖବର ସାମ୍ନାକୁ ଆସିଛି। ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ଯୋଗୁ ରାଫାଲ ଚୁକ୍ତିକୁ ନେଇ ଭାରତର ପକ୍ଷ ଦୁର୍ବଳ ହୋଇଥିଲା, ଯାହାର ଫାଇଦା ଫ୍ରାନ୍ସ ନେଇଥିଲା। ଦୁଇଦେଶ ମଧ୍ୟରେ ଡିଲ୍ ଚାଲିଥିବାବେଳେ ପିଏମ୍‌ଓ ସମାନ୍ତରାଳ ଭାବେ ଆଲୋଚନା ଚଳାଇଥିଲା। ଏଥିଯୋଗୁ ଆଲୋଚନାରତ ଭାରତୀୟ ଟିମ୍‌ର ପକ୍ଷ ଦୁର୍ବଳ ହୋଇଥିଲା। ୨୦୧୫ ନଭେମ୍ବର ୨୪ରେ ଏ ସମ୍ପର୍କରେ ସେତେବେଳର ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆମେ ପିଏମ୍‌ଓକୁ ପରାମର୍ଶ ଦେଇପାରିବା ଯେ, କୌଣସି ଅଧିକାରୀ ଆଲୋଚନା କରୁଥିବା ଭାରତୀୟ ଟିମ୍‌ର ଅଂଶବିଶେଷ ନୁହନ୍ତି। ତେଣୁ ଫ୍ରାନ୍ସ ସରକାରଙ୍କ ଅଧିକାରୀମାନଙ୍କ ସହ ସମାନ୍ତରାଳ ଆଲୋଚନାରୁ ତାଙ୍କୁ କ୍ଷାନ୍ତ ରହିବାକୁ ତାଙ୍କୁ କୁହାଯାଉ। ଯଦି ପିଏମ୍‌ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଆଲୋଚନାର ନିଷ୍କର୍ଷକୁ ନେଇ ଭରସା କରୁନାହିଁ, ତେବେ ଏହି କ୍ଷେତ୍ରରେ ପିଏମ୍‌ଓ ନେତୃତ୍ୱରେ ଉପଯୁକ୍ତ ସ୍ତରରେ ଏକ ନୂଆ ପ୍ରକ୍ରିୟା ଆପଣାଯାଇପାରେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ଉକ୍ତ ନୋଟ୍‌ରେ ଉଲ୍ଲେଖ କରିଥିଲା। ପ୍ରତିରକ୍ଷା ମନ୍ତ୍ରୀ ଦୟାକରି ଏହା ଉପରେ ଧ୍ୟାନ ଦିଅନ୍ତୁ ବୋଲି ତତ୍କାଳୀନ ପ୍ରତିରକ୍ଷା ସଚିବ ଜି. ମୋହନ କୁମାର ଏଥିରେ ଲେଖିଥିଲେ।

ମୂଳ ଚୁକ୍ତି ସହ ଅଳ୍ପ ସାମଞ୍ଜସ୍ୟ ଥିବା ନୂଆ ରାଫାଲ ଡିଲ୍ ବିଳମ୍ବିତ ହୋଇଥିଲା। ୨୦୧୫ ଏପ୍ରିଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ରାଜଧାନୀ ପ୍ୟାରିସ୍ ଗସ୍ତବେଳେ ଚୁକ୍ତି ସମ୍ପର୍କରେ ଘୋଷଣା କରିଥିଲେ। ୨୦୧୬ ସାଧାରଣତନ୍ତ୍ର ଦିବସରେ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଂସୁଆଁ ଓଲାନ୍ଦ ଭାରତ ଆସିଥିବାବେଳେ ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୁଝାମଣାପତ୍ର (ଏମ୍‌ଓୟୁ)ରେ ସ୍ୱାକ୍ଷର କରିଥିଲେ। ଡାସଲ୍ଟ ଆଭିଏଶନ୍‌ଠାରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଆନ୍ତଃ ସରକାରୀ ଚୁକ୍ତି ୨୦୧୬ ସେପ୍ଟେମ୍ବର ୨୩ରେ ସ୍ୱାକ୍ଷରିତ ହୋଇଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ ପିଏମ୍‌ଓ ପକ୍ଷରୁ ସମାନ୍ତରାଳ ଆଲୋଚନା ନେଇ ୨୦୧୫ ଅକ୍ଟୋବର ୨୩ରେ ଫ୍ରାନ୍ସର ଆଲୋଚନାକାରୀ ଟିମ୍ ମୁଖ୍ୟ ଜେନେରାଲ ଷ୍ଟିଫେନ୍ ରେବ୍‌ଙ୍କଠାରୁ
ସୂଚନା ମିଳିଥିଲା। ପିଏମ୍‌ଓର ଯୁଗ୍ମ ସଚିବ ଜାୱେଦ୍ ଅଶ୍ରଫ୍ ଏବଂ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରଣାଳୟର ପରାମର୍ଶଦାତା ଲୁଇସ୍ ଭାସିଙ୍କ ମଧ୍ୟରେ ୨୦୧୫ ଅକ୍ଟୋବର ୨୦ରେ ଚୁକ୍ତି ନେଇ ହୋଇଥିବା ଟେଲିଫୋନ ବାର୍ତ୍ତାଳାପ ସମ୍ପର୍କରେ ଷ୍ଟିଫେନ୍ ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପଠାଇଥିବା ଏକ ପତ୍ରରେ ଉଲ୍ଲେଖ କରିଥିଲେ। ଷ୍ଟିଫେନ୍‌ଙ୍କ ପତ୍ର ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପିଏମ୍‌ଓର ଦୃଷ୍ଟି ଆକର୍ଷଣ କରିଥିଲା। ଲୁଇସ୍‌ଙ୍କ ସହ ଆଲୋଚନା କରିଥିବା ନେଇ ଅଶ୍ରଫ୍ ୨୦୧୫ ନଭେମ୍ବର ୧୧ରେ ସ୍ୱୀକାର କରିଥିଲେ। ଫ୍ରାନ୍ସ ରାଷ୍ଟ୍ରପତି ଅଫିସର ପରାମର୍ଶକ୍ରମେ ଲୁଇସ୍ ତାଙ୍କୁ ଫୋନ୍ କରିଥିଲେ ବୋଲି ଅଶ୍ରଫ୍ ଆଲୋଚନାରତ ଭାରତୀୟ ଟିମ୍ ମୁଖ୍ୟ ଏୟାର ମାର୍ଶଲ ଏସ୍.ବି.ପି. ସିହ୍ନାଙ୍କୁ ପଠାଇଥିବା ପତ୍ରରେ ଉଲ୍ଲେଖ କରିଥିଲେ। ପ୍ରକାଶ ଯେ, ବାୟୁସେନା ଉପମୁଖ୍ୟଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ରାଫାଲ ଡିଲ୍‌କୁ ନେଇ ଆଲୋଚନା ଚାଲିଥିଲା। ଏଥିରେ ପିଏମ୍‌ଓର କିଛି ଭୂମିକା ନ ଥିଲା ବୋଲି ୨୦୧୮ ଅକ୍ଟୋବରରେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାଖଲ ଜବାବରେ କୁହାଯାଇଥିଲା।

## ୬ ଜଣଙ୍କୁ ଗିରଫ କଲା...


ମାଷ୍ଟର୍ ମାଇଣ୍ଡ୍ ଦମୟନ୍ତୀଙ୍କ ସମେତ ୫ ଯୁବତୀ ଓ ଜଣେ ଯୁବକ ଗିରଫ।

ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ରାଉରକେଲାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଥାନା ଅଞ୍ଚଳର ଦୀପକ ପଣ୍ଡା ତାଙ୍କ ମୋବାଇଲ ଫୋନରେ ସାଉଥ୍

### ପ୍ରଥମ ପୃଷ୍ଠାରୁ...

ଇଣ୍ଡିଆ ଫାଇନାନ୍ସ କମ୍ପାନୀ ଲିମିଟେଡ୍ ନାମକ ଏକ ୱେବ୍‌ସାଇଟ୍ ଦେଖି ତାହାକୁ ସର୍ଚ୍ଚ କରିଥିଲେ। ସେଥିରେ ନିଜର ସବିଶେଷ ତଥ୍ୟ ଦେବା ପରେ ତାଙ୍କୁ ୫ଲକ୍ଷ ଟଙ୍କା ଋଣ ମିଳିବ ପ୍ରଲୋଭନ ଦେଖାଯାଇଥିଲା । ତେବେ ଏଥିପାଇଁ ସିକ୍ୟୁରିଟି ଡିପୋଜିଟ୍ କରିବାକୁ ହେବ ବୋଲି କୁହାଯାଇଥିଲା। ତେଣୁ ଗତ ଜୁନ୍‌ରେ ୩ଟି ପର୍ଯ୍ୟାୟରେ ଦୀପକ ମୋଟ ୭୦ ହଜାର ଟଙ୍କା ଉକ୍ତ କମ୍ପାନୀ ପକ୍ଷରୁ ଦିଆଯାଇଥିବା ବ୍ୟାଙ୍କ୍ ଆକାଉଣ୍ଟ୍‌ରେ ଜମା କରିଥିଲେ । ପରେ ସେ ଋଣ ଟଙ୍କା ପାଇ ନ ଥିଲେ କି କମ୍ପାନୀର କୌଣସି କର୍ତ୍ତୃପକ୍ଷଙ୍କୁ ଆଉ ଯୋଗାଯୋଗ କରିପାରି ନ ଥିଲେ । ଠକେଇର ଶୀକାର ହୋଇଥିବା ଜାଣି ସାଇବର୍ ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ନଂ.୯/୨୦୧୮ରେ ଏକ ମାମଲା ରୁଜୁ କରି ସାଇବର ଥାନା ପୋଲିସ ତଦନ୍ତ ଚଳାଇଥିଲା । ସମସ୍ତ ବ୍ୟାଙ୍କ ଟ୍ରାଞ୍ଜାକସନ୍ ଏବଂ ମୋବାଇଲ ନମ୍ବରକୁ ଟ୍ରାକିଂ କରି ସାଇବର୍ ଥାନା ପୋଲିସ ଗୁରୁବାର ଭୁବନେଶ୍ୱରରେ ରିଷିକା ହଲିଡେଜ୍ ଟୁର୍ ଆଣ୍ଡ ଟ୍ରାଭେଲେସ୍ ଆଳରେ ଖୋଲାଯାଇଥିବା ଏକ ଅଫିସ୍‌ରେ ଚଢାଉ କରିଥିଲା। ଉକ୍ତ ଅଫିସ୍‌ରେ ସାଉଥ୍ ଇଣ୍ଡିଆ କମ୍ପାନୀ ଲିଃ ନାମରେ ଫେକ୍ ୱେବ୍ ସାଇଟ୍ ଖୋଲି ଯୁବତୀମାନେ ଫୋନ୍ କଲ୍ କରିବା ସହିତ ମିଥ୍ୟା ୱେବ୍ ସାଇଟ୍‌ର ବିଭିନ୍ନ ଲିଙ୍କ୍‌କୁ ଅନ୍ ଲାଇନ୍ ଜରିଆରେ ଲୋକଙ୍କ ମୋବାଇଲ୍‌କୁ ପଠାଉଥିଲେ । କମ୍ପାନୀର ପ୍ରମୋଶନ୍ ଆଳରେ ଲୋକଙ୍କୁ ଋଣ ନେବାକୁ କହି ସେମାନଙ୍କର ତଥ୍ୟ ହାସଲ କରୁଥିଲେ । ପ୍ରଥମେ ଟଙ୍କା ଜମା କରିଲେ ଉକ୍ତ ଜମା ରାଶିକୁ ଭିତ୍ତି କରି ଋଣର ପରିମାଣ ବଢିବ ବୋଲି ଲୋଭ ଦେଖାଇ କମ୍ପାନୀ ଲୋକଙ୍କୁ ଠକୁଥିବା ଜଣାପଡିଥିଲା । ସାଇବର୍ ଥାନା ଏସ୍‌ଆଇ ଅଭିନାସ ରେଙ୍ଗୀ, ସୁରେଶ ପୃଷ୍ଟି, ଉତ୍ତମ ଗୌଡ, ହରିକୃଷ୍ଣ ବେହେରା, ଶିବାନୀ ନାୟକ ଓ ଏସ୍.ସରୋଜା ପ୍ରମୁଖ ଚଢଉରେ ସାମିଲ ଥିଲେ।

## କେନ୍ଦ୍ର ଆଡ଼କୁ ଗୋଟି ...

ଭିତ୍ତିଭୂମି ନିର୍ମାଣ ସକାଶେ ୫ କୋଟି ଟଙ୍କାର ବ୍ୟୟ ବରାଦ କରିଥିବା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଶୁକ୍ରବାର ବିଧାନସଭାରେ ଘୋଷଣା କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପଶ୍ଚିମ କିମ୍ବା ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ପାଇଁ କେନ୍ଦ୍ର ସରକାର ଅନୁମୋଦନ କରିବା ମାତ୍ରେ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ।

ଏଠାରେ ସୂଚନା ଯୋଗ୍ୟ ଯେ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ବିଭିନ୍ନ ଓକିଲ ସଂଘ ଆନ୍ଦୋଳନ ଚଳାଇଥିବା ବେଳେ ଏ ନେଇ ରାଜନୀତି ମଧ୍ୟ ଜୋର ଧରିଛି। କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ଉପରକୁ ଦାୟିତ୍ୱ ଠେଲିବାରେ ଲାଗିଛନ୍ତି। ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ କରିବାକୁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ଦାବି କରୁଥିବା ବେଳେ କେନ୍ଦ୍ର ସରକାର ମଧ୍ୟ ପାଲଟା ରାଜ୍ୟ ଉପରେ ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରି ଦେଉଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ୨୦୧୮ ଜାନୁୟାରୀ ୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବେଞ୍ଚ ସ୍ଥାପନ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରିବାକୁ କହିଥିଲେ।
ପଶ୍ଚିମ କିମ୍ବା ଦକ୍ଷିଣ ଓଡିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ନେଇ ଆବଶ୍ୟକ ପଦକ୍ଷେପ ନେବା ସକାଶେ ୨୦୧୯ ଜାନୁୟାରୀ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖିଥିଲେ। ଏହାର ଜବାବରେ ରବି ଶଙ୍କର ଚିଠିରେ ଉଲ୍ଲେଖ କରିଥିଲେ ଯେ, କେନ୍ଦ୍ର ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ୨୦୧୮ ସେପ୍ଟେମ୍ବର ୧୦ ତାରିଖରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଯଶୱନ୍ତ ସିଂ କମିଶନ ସୁପାରିସ ସହ ସୁପ୍ରିମକୋର୍ଟର ବିଚାର ବ୍ୟବସ୍ଥାର ଡବ୍ଲ୍ୟୁପି ନଂ. ୩୭୯ /୨୦୦୦ ଅନୁଯାୟୀ ବିଚାର କରାଯାଇଛି। ମୁଖ୍ୟ ବିଚାରପତି ହାଇକୋର୍ଟ ବେଞ୍ଚର ମୁଖ୍ୟ। ରାଜ୍ୟରେ ହାଇକୋର୍ଟ ଦୈନିକ ପ୍ରଶାସନିକ ବ୍ୟବସ୍ଥା ଚଳାଇବା ଏବଂ କୌଣସି ବେଞ୍ଚ ସ୍ଥାପନ କରିବା ତାଙ୍କର ଦାୟିତ୍ୱ। କୌଣସି ନୂତନ ବେଞ୍ଚ ସ୍ଥାପନ କରିବା ପୂର୍ବରୁ ମୁଖ୍ୟ ବିଚାରପତିଙ୍କ ସହିତ ପରାମର୍ଶ କରିବା ଦରକାର। ଯାହାକି ଯେ କୌଣସି ହାଇକୋର୍ଟ ବେଞ୍ଚ ସ୍ଥାପନ କ୍ଷେତ୍ରରେ ତାହାହିଁ ହୋଇଛି। ହାଇକୋର୍ଟଙ୍କ ସହମତି ହେଲା ପରେ ରାଜ୍ୟ ସରକାର ନୂତନ ବେଞ୍ଚ ସ୍ଥାପନ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ରବି ଶଙ୍କର ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଭିତ୍ତିଭୂମି ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଅର୍ଥ ବ୍ୟବସ୍ଥା କରି ରାଜ୍ୟ ସରକାର କେନ୍ଦ୍ର ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି।

## ଅଧାରୁ ସରିଲା...

୩ ଦିନ ଗୃହ ଅଚଳ ହୋଇଥିଲା। ଶେଷ ଦିବସରେ ହଟ୍ଟଗୋଳ ହୋଇଥିଲେ ମଧ୍ୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବ୍ୟୟ ମଞ୍ଜୁରୀ ବିଲ୍ ଉପରେ ଆଲୋଚନା ଚଳିତ ଅଧିବେଶନରେ ୨୦୧୯–୨୦ ପାଇଁ ରାଜ୍ୟ ସରକାର ୪ ମାସିଆ ୫୬ ହଜାର କୋଟି ଟଙ୍କାର ଲେଖାନୁଦାନକୁ ଅନୁମୋଦନ କରିଛନ୍ତି। ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇ ପାରି ନ ଥିଲା।

## ଶପଥ ନେଲେ ଜଷ୍ଟିସ ...

ଅନୁମୋଦନ କ୍ରମେ ଆସିଥିବା ୱାରେଣ୍ଟକୁ ପାଠ କରିବା ପରେ ଜଷ୍ଟିସ ପଟ୍ଟନାୟକ ଶପଥ ନେଇଥିଲେ। ଜଷ୍ଟିସ ପଟ୍ଟନାୟକ ଶପଥ ନେବା ପରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଏହି ଅବସରରେ ହାଇକୋର୍ଟ ପରିସରରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ହାଇକୋର୍ଟର ସମସ୍ତ ବିଚାରପତି, ବହୁ ଅବସରପ୍ରାପ୍ତ ବିଚାରପତିଙ୍କ ସମେତ ବିଭିନ୍ନ କମିଶନ ଅଧ୍ୟକ୍ଷମାନେ ଯୋଗଦେଇଥିଲେ। ମହାଧିବକ୍ତା ସୂର୍ଯ୍ୟପ୍ରସାଦ ମିଶ୍ର, ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷ ଟହଲି ଚରଣ ମହାନ୍ତି, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ଓ ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଜଷ୍ଟିସ ପଟ୍ଟନାୟକଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ଜଷ୍ଟିସ ପଟ୍ଟନାୟକ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଝାଡ଼ଖଣ୍ଡ ହାଇକୋର୍ଟକୁ ବଦଳି ହୋଇଥିଲେ। ସେଠାରୁ ତାଙ୍କୁ ପୁଣି ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଛି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବସନ୍ତ କୁମାର କର**
ଆବିର୍ଭାବ: ୧୪।୦୪।୧୯୬୧
ପଣା ସଂକ୍ରାନ୍ତି
ତିରୋଧାନ: ୨୧।୦୧।୨୦୧୮
ମାଘ, ଶୁକ୍ଳପକ୍ଷ ଚତୁର୍ଥୀ
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ନିବେଦନ ଜଣାଇବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ପରି ସରଳ, ନିଷ୍ଠାପର ଏବଂ ପରୋପକାରୀ ମହାତ୍ମାଙ୍କ ଆଶୀର୍ବାଦରେ ଆମର ଚଲାପଥ କୁସୁମିତ ହେଉ। ଶୋକସନ୍ତପ୍ତ: ପତ୍ନୀ, ପୁତ୍ର ଓ ବନ୍ଧୁବାନ୍ଧବବର୍ଗ। ଧ–୧୦୯୯୧

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଶ୍ରୀ ଲିଙ୍ଗରାଜ ଶତପଥି**
ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ଆବିର୍ଭାବ: ୦୨।୧୧।୧୯୨୭
ତିରୋଧାନ: ୨୯।୦୧।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆପଣଙ୍କ ଶୋକସନ୍ତପ୍ତ: ପୁତ୍ର, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ–୬୫୮୨୦


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** 
ଆଜି ଚନ୍ଦ୍ରଙ୍କ ପ୍ରତି ଭାଗ୍ୟାଧିପତିଙ୍କ ଶୁଭଦୃଷ୍ଟି ମାଙ୍ଗଳିକ କାମ ସକାଶେ ନିଯୁକ୍ତ କରାଇବ। ଚତୁର୍ଥାଧିପତି ଚନ୍ଦ୍ର ନିଜ ଭାବରୁ ନବମସ୍ଥ ହେତୁ ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନର ସୂଚନା ରହିଛି। ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ କୌଣସି କାମ ଅଟକି ରହିବ ନାହିଁ। ଆଲୋଚନା ପରିସରରେ ନିଜର ସୀମା ଭିତରେ ରହିବା ଭଲ।

**ବୃଷ**
ରାଶ୍ୟାଧିପ ଚନ୍ଦ୍ରଙ୍କ କେନ୍ଦ୍ରବର୍ତ୍ତୀ ହେତୁ ମାଙ୍ଗଳିକ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟସ୍ତତା ଅନୁଭବ କରିବେ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସୁଫଳ ପାଇବେ। ଭଲ ସମ୍ପର୍କ ରହିଥିବା ପଡୋଶୀଙ୍କ ସହାୟତାରେ କାର୍ଯ୍ୟ ହାସଲ କରି ଉପକୃତ ହୋଇପାରନ୍ତି ।

**ମିଥୁନ**
ଧନାଧିପତି କର୍ମଭାବରେ ପ୍ରବଳ ଧନଯୋଗ ସୃଷ୍ଟି କରୁଥିବାରୁ ଆଶା କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଯଥା ସମୟରେ ଅର୍ଥଲାଭ ହେବ। କିନ୍ତୁ ବୁଧଙ୍କ ସ୍ଥିତି ଆପଣଙ୍କୁ ବିଭିନ୍ନ ପ୍ରକାର ସଂଘର୍ଷମୟସ୍ଥିତି ଉତ୍ପନ୍ନ କରିବାର ଆଶଙ୍କା ମଧ୍ୟ ରହିଛି। ଅତୀତ ଘଟଣାକୁ କେନ୍ଦ୍ରକରି ନିଜ ଲୋକମାନେ ଦୂରେଇ ରହୁଥିବାର ଅନୁଭବ କରିପାରନ୍ତି।

**କର୍କଟ**
ମଙ୍ଗଳ ଓ ଚନ୍ଦ୍ର ସ୍ଥିତି ଆପଣଙ୍କ କାର୍ଯ୍ୟସିଦ୍ଧିର ସୂଚକ ହେତୁ ଚିନ୍ତା ନ କରି କାମ କରିଚାଲନ୍ତୁ କୌଣସି ଅସୁବିଧା ହେବନାହିଁ। ଯାହା ପାଇବା ସକାଶେ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ।

**ସିଂହ**
ଆଜି ନିଷ୍ପତି ନେବା ପୂର୍ବରୁ ପରିବାରରେ ବୟସ୍କଙ୍କ ଏବଂ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କର ମତକୁ ମଧ୍ୟ ବିଚାରକୁ ନ ନେଲେ ପରିସ୍ଥିତି ବଦଳିଯାଇପାରେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କୀୟ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା**
ଆଜିର ଗ୍ରହସ୍ଥିତି ଆପଣଙ୍କ ପାଇଁ ବିଶେଷଭାବରେ ପ୍ରତିକୂଳ ରହିବ ନାହିଁ। ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଗଲେ ମଧ୍ୟ ପର ମୁହୂର୍ତ୍ତରେ ସବୁ ଠିକ୍ ହୋଇଯିବ। ସଭାସମିତିରେ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ବିଭିନ୍ନ ପ୍ରକାର ଟୀକାଟିପ୍ପଣୀ ଦେଇପାରନ୍ତି। ବନ୍ଧୁ ସହାୟତାରେ ଅର୍ଥ ପାଇବାରେ ସକ୍ଷମ ହେବେ।

**ତୁଳା**
ରାଶିପ୍ରତି ଷଷ୍ଠସ୍ଥ ଚନ୍ଦ୍ର ପ୍ରଭାବରେ ଆଜିର ଶୁଭକର୍ମ ପ୍ରୀତିପ୍ରଦ ରହିବ। ଏବଂ ମଙ୍ଗଳଙ୍କ ସ୍ଥିତି ଓ ଦୃଷ୍ଟି ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରାଇ ଅର୍ଥନୈତିକ ଅଭିବୃଦ୍ଧି ଘଟାଇବ। କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା**
ଆଜିର ଦିନଚର୍ଯ୍ୟା ମଧ୍ୟରେ କେତେକ ବ୍ୟକ୍ତି ମଧ୍ୟ ନିଜର ଭଳି ଅଭିନୟ କରି ପଛରେ ବିଭିନ୍ନ ପ୍ରକାରର କଥା କହିବାର ଲକ୍ଷ୍ୟ କରିପାରନ୍ତି। ପରିବାରରେ ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମସ୍ୟାର ସରଳ ସମାଧାନ ହୋଇପାରିବ। ପ୍ରକାଶନ, ପ୍ରଶାସନ, ଚୁକ୍ତିପତ୍ର, କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ଧନୁ**
ଯେତେ ପ୍ରକାର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବାରେ ସଫଳତା ପାଇବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାୟାହ୍ନେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ।

**ମକର**
ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାର କଥା କହି କାମ ହାସଲ କରିବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡିବା ସକାଶେ ଚେଷ୍ଟା କରି ଉପକୃତ ହୋଇପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ଅଧସ୍ଥନ କର୍ମଚାରୀ ମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ଆଜି ଦିନଟିରେ ବ୍ୟବସାୟିକ ସଫଳତା ମିଳିବ। ନିକଟ ସମ୍ପର୍କୀୟ ମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ପାରିବାରିକ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇ ପାରନ୍ତି।

**ମୀନ**
ରାଶିରେ ଚନ୍ଦ୍ର ହେତୁ ବିଭିନ୍ନ କ୍ଷେତ୍ରରେ ଅନୁପ୍ରବେଶ ଆପଣଙ୍କୁ ଅସ୍ଥିରତା ମଧ୍ୟରେ ରଖିପାରେ। ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ର ସାମାନ୍ୟ ବ୍ୟତିକ୍ରମ ଦେଖାଦେବାର ସୂଚନା ରହିଛି। ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ମାଘମାସ ଶୁକ୍ଳପକ୍ଷର ବରଦା ଚତୁର୍ଥୀ ଶନିବାର, ଦିବା ଘ୧୨।୧୬ମି. ଗତେ ୫ମୀ, ଫେବୃୟାରୀ ୯ ତାରିଖ, ରାଶି ନକ୍ଷତ୍ର– ଉତ୍ତରଭାଦ୍ରପଦ୍/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ରାତ୍ରୌ ବିବାହ ପାଣିଗ୍ରହଣ, ଗୃହ ପ୍ରବେଶ, ଜଳାଶୟ ପ୍ରତିଷ୍ଠା ପାଇଁ ଶୁଭଦିନ। ଦିବା ଘ୧୨।୦୦ମି. ଗତେ ଘ୧।୫୩ମି. ମଧ୍ୟେ, ଘ୪।୦୯ମି. ଗତେ ଘ୫।୪୩ମି. ମଧ୍ୟେ ଅମୃତ ବେଳା । ସକାଳ ଘ୭।୫୩ମି. ଗତେ ଘ୯।୧୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୯।୧୨ମି. ଗତେ ଘ୧୦।୩୬ମି. ମଧ୍ୟେ ରାହୁକାଳ।

# ହେଲିନା କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା

**ବାଲେଶ୍ୱର ଅଫିସ୍,୮।୨**

ବାଲେଶ୍ୱର ଜିଲାର ଚାନ୍ଦିପୁର ପରୀକ୍ଷଣ ଘାଟିରୁ ଶୁକ୍ରବାର ଅତ୍ୟାଧୁନିକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ହେଲିନା'ର ସଫଳ ପରୀକ୍ଷା କରାଯାଇଛି। ହେଲିନା ହେଉଛି 'ନାଗ' କ୍ଷେପଣାସ୍ତ୍ରର ହେଲିକପ୍ଟରରୁ ଲଞ୍ଚ ହୋଇପାରୁଥିବା ସଂସ୍କରଣ। ଏହାର ଲକ୍ଷ୍ୟଭେଦ କ୍ଷମତା ୭ରୁ ୮ କିଲୋମିଟର। ମଧ୍ୟାହ୍ନ ୧୨ଟା ୫୫ ମିନିଟ ସମୟରେ ଉକ୍ତ କ୍ଷେପଣାସ୍ତ୍ରକୁ ସେନା ହେଲିକପ୍ଟରରୁ ଉତ୍କ୍ଷେପଣ କରାଯାଇଥିଲା, ଯାହା ଧାର୍ଯ୍ୟ ଲକ୍ଷ୍ୟକୁ ସଫଳତାର ସହ ଟାର୍ଗେଟ କରିଥିଲା। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ପ୍ରସ୍ତୁତ ଏହି କ୍ଷେପଣାସ୍ତ୍ର ବିଶ୍ୱର ଅନ୍ୟତମ ସବୁଠୁ ଅତ୍ୟାଧୁନିକ ଟ୍ୟାଙ୍କ ବିଧ୍ୱଂସୀ ଅସ୍ତ୍ର। ଏହା ଦେଶର ପ୍ରତିରକ୍ଷା ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବ। ୨୦୧୫ ଜୁଲାଇ ୧୩ରେ ରାଜସ୍ଥାନର ଜୟସାଲମେରରେ ଏବଂ ଗତବର୍ଷ ଅଗଷ୍ଟ ୧୯ରେ ପୋଖରାନରେ ରୁଦ୍ର ହେଲିକପ୍ଟରରୁ ହେଲିନାର ପରୀକ୍ଷା କରାଯାଇଥିଲା।

# ବୈଜୟନ୍ତଙ୍କ ବାହାମାସ କାରବାର ଉପରେ ଆୟକର ନଜର

**ନୂଆଦିଲ୍ଲୀ, ୮।୨**

- ଫିନ୍‌ଲେ, ମେସିନା,ପିକିକା ନାମକ ତିନୋଟି କମ୍ପାନୀ ଖୋଲାଯାଇଥିଲା
- ଏହି ୩ କମ୍ପାନୀ ମାଧ୍ୟମରେ ୧୭.୭୨ କୋଟିର କଳାଧନକୁ ଶେୟାର ମାଧ୍ୟମରେ ଧଳା କରାଯାଇଥିଲା
- ଆୟକର ବିଭାଗ ନିକଟରେ ଅଭିଯୋଗ

ପୂର୍ବତନ ବିଜେଡି ସାଂସଦ ବୈଜୟନ୍ତ ପଣ୍ଡା, ତାଙ୍କ ପତ୍ନୀ ଜଗି ମଙ୍ଗତ ପଣ୍ଡା ଏବଂ ସେମାନଙ୍କ ବ୍ୟବସାୟିକ ଘନିଷ୍ଠ ସହଯୋଗୀ ମଞ୍ଜୁଳା ଦେବୀ ଶ୍ରଫ୍ ଏବେ ଆୟକର ବିଭାଗର ନଜରକୁ ଆସିଛନ୍ତି। ବାହାମାସ୍‌ରେ ୩ଟି ଜାଲ୍ କମ୍ପାନୀ ଖୋଲି ସେମାନେ ୧୭.୭୨ କୋଟି ଟଙ୍କାର କଳାଧନ କାରବାର କରିଥିଲେ ବୋଲି ଚଳିତ ବର୍ଷ ଜାନୁୟାରୀରେ ଆୟକର ବିଭାଗ ନିକଟରେ ଅଭିଯୋଗ କରାଯାଇଛି। ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ, ବ୍ଲାକ୍ ମନି ଆକ୍ଟ ଏବଂ ଆୟକର ଆକ୍ଟ ଅଧୀନରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇପାରେ ବୋଲି ଆଲୋଚନା ହେଉଛି। ଜାତୀୟ ଗଣମାଧ୍ୟମରେ ଏହି ଖବରଟି ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଛି।

ଅଭିଯୋଗରୁ ଜଣାପଡିଛି ଯେ, ଟ୍ୟାକ୍ସ ହେଭେନ କୁହାଯାଉଥିବା ବାହାମାସରେ ପଣ୍ଡା ଦମ୍ପତି ଜୁନ୍ ୧୯୯୩ରେ ଫିନ୍‌ଲେ କର୍ପୋରେଶନ ଲିମିଟେଡ, ଜାନୁୟାରୀ ୧୯୯୫ରେ ମେସିନା କର୍ପୋରେଶନ ଲିମିଟେଡ ଏବଂ ମାର୍ଚ୍ଚ ୨୦୦୩ରେ ପିକିକା ଲିମିଟେଡ ନାମକ ୩ଟି କମ୍ପାନୀକୁ ନାସାଉ, ବାହାମାସ ଠିକଣାରେ ଖୋଲିଥିଲେ। ସେଠାକାର ରେଜିଷ୍ଟ୍ରାର ଅଫ୍ କମ୍ପାନୀଜରୁ ଏହା ଜଣାପଡିଛି। ସେମାନେ ଏହି ୩ଟି କମ୍ପାନୀକୁ କଳାଧନ ଧଳା କରିବାରେ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ରେକର୍ଡ ଅନୁଯାୟୀ, ଦିଲ୍ଲୀରେ ବସବାସ କରୁଥିବା ବୈଜୟନ୍ତଙ୍କ ପରିବାରର ଘନିଷ୍ଠ ମଞ୍ଜୁଳା ଦେବୀ ଶ୍ରଫ୍ ୧୯୯୪ ଜୁଲାଇରୁ ଫିନ୍‌ଲେ, ଜାନୁୟାରୀ ୧୯୯୫ରୁ ମେସିନାର ପାୱାର ଅଫ୍ ଆର୍ଟର୍ନି ରହିଥିଲେ। ଓଡ଼ିଶାର ପ୍ରତିଷ୍ଠିତ ରାଜବଂଶର ଦାୟାଦ କୁହାଯାଉଥିବା ମଞ୍ଜୁଳା ଦେବୀ ଗୁଜରାଟରେ କାଲୋରେକ୍ସ ଗ୍ରୁପ୍ ଅଧୀନରେ ଚଳାଯାଉଥିବା ସ୍କୁଲଗୁଡ଼ିକର ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ସେ ଜଗି ମଙ୍ଗତ ପଣ୍ଡାଙ୍କ ସହ କିଷନଗଡ ଏନଭାଇରନମେଣ୍ଟାଲ ଡେଭଲପ୍‌ମେଣ୍ଟ ଆକ୍ସନ ପ୍ରାଇଭେଟ ଲିମିଟେଡ ଓ ଓଡ଼ିଶା ଟେଲିଭିଜନ ପ୍ରାଇଭେଟ ଲିମିଟେଡରେ ଡାଇରେକ୍ଟର ରହିଛନ୍ତି। ଏଥିସହ ସେ ବୈଜୟନ୍ତ ପଣ୍ଡା, ଜଗି ମଙ୍ଗତ ପଣ୍ଡାଙ୍କ ସହ ମିଶି ୧୯୯୮ରୁ ୨୦୦୩ ପର୍ଯ୍ୟନ୍ତ ଓରଟେଲ କମ୍ୟୁନିକେଶନ ଲିମିଟେଡର ଡାଇରେକ୍ଟର ରହିଥିଲେ। ଏହି କମ୍ପାନୀ ଏବେ ଦେବାଳିଆ ସମାଧାନ ଅଧୀନରେ ରହିଛି। ଅଭିଯୋଗ ଅନୁଯାୟୀ ଫିନ୍‌ଲେ, ମେସିନା ଓ ପିକିକା ନିଜେ ଏବଂ ଭାରତରେ ଥିବା ସେମାନଙ୍କ ସହଯୋଗୀ କମ୍ପାନୀ ଏମ୍‌ଏସ୍ ଟେଲିକମ୍ ଲିମିଟେଡ ଏବଂ କାଲୋରେକ୍ସ ହୋଲ୍ଡିଂ ପ୍ରାଇଭେଟ ଲିମିଟେଡ ଜରିଆରେ ୧୯୯୫ରୁ ୨୦୦୭ ମଧ୍ୟରେ ଓରଟେଲ କମ୍ୟୁନିକେଶନରେ ଇକ୍ୱିଟି, ପ୍ରିଫରେନ୍ସିଆଲ ଶେୟାର ଏବଂ ଋଣ ପ୍ରଦାନ ମାଧ୍ୟମରେ ୧୭.୭୨ କୋଟି ଟଙ୍କା ନିବେଶ କରିଥିଲା। ଉଭୟ ଏମ୍‌ଏସ୍ ଟେଲିକମ୍ ଏବଂ କାଲୋରେକ୍ସରେ ମଧ୍ୟ ମଞ୍ଜୁଳା ଦେବୀ ଡାଇରେକ୍ଟର ଥିଲେ। ଏହାପରେ ପଣ୍ଡା ପରିବାର ନିଜ ମାଲିକାନାରେ ଥିବା ପଣ୍ଡା ଇନଭେଷ୍ଟମେଣ୍ଟସ ପ୍ରାଇଭେଟ ଲିମିଟେଡ ଓ ମେଟ୍ରୋ ସ୍କାଏନେଟ୍ ଲିମିଟେଡ ମାଧ୍ୟମରେ ବାହାମାସ କମ୍ପାନୀ ଏବଂ ସହଯୋଗୀଙ୍କ ଦ୍ୱାରା ଓରଟେଲରେ ବିନିଯୋଗ ହୋଇଥିବା ୯.୪୬ କୋଟି ଟଙ୍କାର ଶେୟାରକୁ ମାତ୍ର ୧.୬୮ କୋଟି ଟଙ୍କାରେ କିଣି ନେଇଥିଲେ। ସେହିପରି ଫିନ୍‌ଲେର ସମସ୍ତ ପ୍ରିଫରେନ୍ସ ଶେୟାରକୁ ଡିସେମ୍ବର ୨୦୧୦ରେ ଓଡ଼ିଶା ଟେଲିଭିଜନ ଲିମିଟେଡରେ ବିନିଯୋଗ କରାଯାଇଥିଲା। କଳାଧନ କାରବାର ଶେଷରେ ୨୦୧୧ ଜୁଲାଇରେ ପିକିକା, ୨୦୧୩ ଫେବୃୟାରୀରେ ମେସିନା ଓ ୨୦୧୮ ମାର୍ଚ୍ଚରେ ଫିନ୍‌ଲେ କମ୍ପାନୀକୁ ଭାଙ୍ଗି ଦିଆଯାଇଥିଲା। ତେବେ ଏମ୍‌ଏସ ଟେଲିକମ୍‌ର ୨୦୧୭-୧୮ ବାର୍ଷିକ ରିଟର୍ନ ଦାଖଲରୁ ଜଣାପଡିଛି ଯେ, ଭାଙ୍ଗିଯାଇଥିବା ଫିନ୍‌ଲେ ନିକଟରେ ଏହି କମ୍ପାନୀର ୯୬.୧୩% ଶେୟାର ରହିଛି ଓ ଏହା ଏମ୍‌ଏସ୍ ଟେଲିକମ୍‌କୁ ଦେଇଥିବା ୨.୦୩ କୋଟି ଟଙ୍କାର ଋଣ ଫେରସ୍ତ ପାଇନାହିଁ। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଉଭୟ ବୈଜୟନ୍ତ ଏବଂ ମଞ୍ଜୁଳା ଦେବୀ ଶ୍ରଫ୍ ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବୈଜୟନ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦୁଇ ଦଶନ୍ଧି ପୁରୁଣା କାରବାର ସମ୍ପର୍କରେ ମିଡିଆରେ ତଥ୍ୟ ପ୍ରକାଶ ପାଇଛି। ତାଙ୍କ ଜାଣତରେ ଉକ୍ତ କାରବାରରେ ସମସ୍ତ ଆଇନ ପାଳନ କରାଯାଇଥିଲା ଏବଂ ଅନୁମତି ନିଆଯାଇଥିଲା। ଅନ୍ୟପକ୍ଷରେ ମଞ୍ଜୁଳା ଦେବୀ କହିଛନ୍ତି ଯେ, ଜଣେ ପାୱାର ଅଫ୍ ଆଟର୍ନିଧାରୀ ଭାବେ ତାଙ୍କର କମ୍ପାନୀଗୁଡ଼ିକ ଉପରେ କୌଣସି ନିୟନ୍ତ୍ରଣ ନ ଥିଲା ଏବଂ ସେ କୌଣସି କାରବାରରେ ସମ୍ପୃକ୍ତ ନୁହନ୍ତି। ସୂଚନାଥାଉ କି, ଇଣ୍ଟରନ୍ୟାଶନାଲ କନସୋର୍ଟିୟମ ଅଫ୍ ଇନଭେଷ୍ଟିଗେଟିଭ ଜର୍ନାଲିଷ୍ଟ(ଆଇସିଆଇଜେ) ସହ ମିଶି ଏକ ଇଂଲିଶ୍ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ବାହାମାସ ଲିକ୍ସ ଏକ୍ସପୋଜ ସମ୍ପର୍କରେ ୨୦୧୬ରେ ଏକ ରିପୋର୍ଟ ପ୍ରକାଶ କରିଥିଲା। ଏହି ରିପୋର୍ଟରେ ଫିନ୍‌ଲେ, ମେସିନା ଓ ପିକିକା କମ୍ପାନୀ ସମ୍ପର୍କରେ ବିସ୍ତାରିତ ତଥ୍ୟ ପ୍ରକାଶ ପାଇଥିଲା।






କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ



# ମିଛ ପରିସଂଖ୍ୟାନ



ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

ଜାତୀୟ ପରିସଂଖ୍ୟାନ ଆୟୋଗର କାର୍ଯ୍ୟକାରୀ ମୁଖ୍ୟଙ୍କ ସମେତ ଏହାର ଦୁଇଜଣ ବେସରକାରୀ ସଦସ୍ୟ ମୋଦି ସରକାର ସହ ମତାନ୍ତର ଯୋଗୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଏହି ସ୍ୱୟଂଶାସିତ ସଂସ୍ଥାର କାର୍ଯ୍ୟକାରୀ ମୁଖ୍ୟ ତଥା ଭାରତୀୟ ପରିସଂଖ୍ୟାନ ସେବାର ପୂର୍ବତନ ସଦସ୍ୟ ପି.ସି. ମୋହାନନ ଏବଂ ଏହାର ଅନ୍ୟତମ ସଦସ୍ୟ ତଥା ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସର ପ୍ରଫେସର ଜେ.ଭି. ମୀନାକ୍ଷୀ ଇସ୍ତଫା ଦେବା ପରେ ଆୟୋଗରେ ଆଉ କୌଣସି ବାହ୍ୟ ସଦସ୍ୟ ନାହାନ୍ତି। ଏଥିରେ ବର୍ତ୍ତମାନ ମାତ୍ର ଆଉ ଦୁଇଜଣ ସଦସ୍ୟ ଅଛନ୍ତି– ମୁଖ୍ୟ ପରିସଂଖ୍ୟାନବିତ୍ ପ୍ରବୀଣ ଶ୍ରୀବାସ୍ତବ ଓ ନୀତି ଆୟୋଗର ଅମିତାଭ କାନ୍ତ। ଯାହା ଜଣାଯାଏ, ଗତବର୍ଷର ନିଯୁକ୍ତି ସର୍ଭେ ଓ ମୋଟ ଘରୋଇ ଉତ୍ପାଦ (ଜିଡିପି) ତଥ୍ୟକୁ ନେଇ ଉଭୟ ମୋହାନନ ଓ ମୀନାକ୍ଷୀ ସରକାରଙ୍କ ଉପରେ ଖୁସି ନ ଥିଲେ। ଉପା ସରକାର ତୁଳନାରେ ଏନ୍‌ଡିଏ ସରକାର ଅମଳରେ ଦେଶର ଅର୍ଥନୀତି ଯଥେଷ୍ଟ ଆଗେଇଛି ବୋଲି ଏହି ତଥ୍ୟ ପ୍ରକାଶ ପାଇଥିଲା। ଉକ୍ତ ଦୁଇ ବାବୁଙ୍କ ଇସ୍ତଫା ନିଶ୍ଚୟ ବିରୋଧୀ ଦଳକୁ ସୁହାଇବ, ଯେଉଁମାନେ ନିଯୁକ୍ତି ଓ ଜିଡିପି ତଥ୍ୟକୁ ନେଇ ସରକାର ନିଜକୁ ସୁହାଇଲା ଭଳି ଜାଲିଆତି କରୁଛନ୍ତି ବୋଲି ଅଭିଯୋଗ କରିଆସୁଛନ୍ତି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଅଧୀନ ଜାତୀୟ ପରିସଂଖ୍ୟାନ ଆୟୋଗରେ ୭ ଜଣ ସଦସ୍ୟ ରହିବା କଥା। ଉକ୍ତ ଦୁଇ ବାବୁ ଇସ୍ତଫା ଦେବା ପୂର୍ବରୁ ତିନୋଟି ପଦବୀ ଖାଲି ପଡ଼ିଥିଲା। ବର୍ତ୍ତମାନ ମାତ୍ର ଦୁଇଜଣରେ ସଂସ୍ଥା ଚାଲିଛି।

## ନୀତି ଆୟୋଗ ନବୀକରଣ ପ୍ରସ୍ତାବ

ପୂର୍ବତନ ଅର୍ଥ ସଚିବ ତଥା ପୂର୍ବତନ ଅର୍ଥ ଆୟୋଗ ଅଧ୍ୟକ୍ଷ ବିଜୟ କେଲ୍‌କାର ନୀତି ଆୟୋଗର ନବୀକରଣ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଆୟୋଗ ତା'ର ନୂଆ ଅବତାରରେ ରାଜ୍ୟଗୁଡ଼ିକୁ ପୁଞ୍ଜି ଓ ଆର୍ଥିକ ଅନୁଦାନ ମଞ୍ଜୁର କରିପାରିବ। ସରକାର ଯୋଜନା ଆୟୋଗ ସ୍ଥାନରେ ନୀତି ଆୟୋଗ ପ୍ରତିଷ୍ଠା କରିବାର ପାଞ୍ଚବର୍ଷ ନ ପୂରୁଣୁ ଏପରି ପ୍ରସ୍ତାବ ଆସିଛି। କେଲ୍‌କାରଙ୍କ ପ୍ରସ୍ତାବ ଅନୁସାରେ, ଅର୍ଥନୀତିରେ ଆଞ୍ଚଳିକ ଅସମାନତା ଦୂର କରିବାରେ ନୂଆ ଆୟୋଗ ଭୂମିକା ଗ୍ରହଣ କରିବ। ତାଙ୍କ ମତରେ ପୂର୍ବର ଯୋଜନା କମିଶନ ଅଭିବୃଦ୍ଧିରେ ଆଞ୍ଚଳିକ ସମତୁଲତା ରକ୍ଷା କରୁଥିଲା, ଯାହା ନୀତି ଆୟୋଗ ଦ୍ୱାରା ସମ୍ଭବ ହେଉନାହିଁ। କାରଣ ଆୟୋଗର କୌଣସି ରାଜ୍ୟକୁ ପାଣ୍ଠି ମଞ୍ଜୁର କରିବାର କ୍ଷମତା ନାହିଁ। ଏହା କେବଳ ସରକାରଙ୍କୁ ସୁପାରିସ କରିବା ଛଡ଼ା ଅନ୍ୟ କିଛି କରିପାରୁ ନାହିଁ। ବର୍ତ୍ତମାନ ପାଣ୍ଠି ମଞ୍ଜୁର କରିବା କେବଳ ଅର୍ଥ ମନ୍ତ୍ରଣାଳୟର କ୍ଷମତା ପରିସରଭୁକ୍ତ। କିନ୍ତୁ ଆଗରୁ ଯୋଜନା କମିଶନ ମଧ୍ୟ ପାଣ୍ଠି ମଞ୍ଜୁର କରିପାରୁଥିଲା। ତା'ଛଡ଼ା ଏହା ରାଜ୍ୟ ସରକାରଙ୍କ ଉପରେ କିଛି ନୀତି ଲଦିଦେଇ ପାରୁଥିଲା, ଯାହା ସେମାନେ ପାଳନ କରିବାକୁ ବାଧ୍ୟ ହେଉଥିଲେ। ସର୍ବୋଚ୍ଚ ସ୍ତରରେ ସରକାରଙ୍କ ନୀତି ନିର୍ଦ୍ଧାରଣରେ ଯଦି ନୀତି ଆୟୋଗ ଅଂଶ ଗ୍ରହଣ କରିବାର ଅଧିକାର ପାଇଥାନ୍ତା, ତେବେ ଏହା ଅଧିକ ଫଳପ୍ରଦ ହୋଇପାରିଥାନ୍ତା ବୋଲି କେଲ୍‌କାର କହିଛନ୍ତି। ତେବେ ଏପରି ଜଣେ ଖ୍ୟାତନାମା ଅର୍ଥନୀତିଜ୍ଞଙ୍କ ମତକୁ କ'ଣ ସରକାର ଗ୍ରହଣ କରିବେ?

## ସିବିଆଇ ମାଡ଼

ସିବିଆଇ ଏବେ ଉପା ଅମଳର ଆଉ ଏକ ଦୁର୍ନୀତିର ତଦନ୍ତ କାର୍ଯ୍ୟରେ ନିୟୋଜିତ ହୋଇଛି। ଦେଶର ଏହି ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା ଏବେ ପୂର୍ବତନ ଏୟାର ଇଣ୍ଡିଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ଯାଦବ ଏବଂ ଏୟାର ଇଣ୍ଡିଆର ଆଉ ଚାରିଜଣ ପୂର୍ବତନ ଅଧିକାରୀଙ୍କ ବିରୋଧରେ ୨୦୧୦ରେ ବିଭିନ୍ନ ନିଯୁକ୍ତି ଓ ପଦୋନ୍ନତିରେ କରିଥିବା ଅନିୟମିତତାର ତଦନ୍ତ କରୁଛି। ଯାଦବଙ୍କ ଛଡ଼ା ସିବିଆଇ ପୂର୍ବତନ ମହାପ୍ରବନ୍ଧକ (ମେଡିକାଲ ସେବା) ଏଲ୍.ପି. ନାଖୱା (ବର୍ତ୍ତମାନ ଅବସରପ୍ରାପ୍ତ) ଏବଂ ତତ୍‌କାଳୀନ ଅତିରିକ୍ତ ମହାପ୍ରବନ୍ଧକ ଏ. କାଠପାଲିଆ, ଅମିତାଭ ସିଂ ଓ ରୋହିତ ଭାସିନଙ୍କ ବିରୋଧରେ ତଦନ୍ତ କରୁଛି। ୨୦୦୯–୧୦ରେ ମହାପ୍ରବନ୍ଧକ ପାହ୍ୟାର ଅଧିକାରୀମାନଙ୍କ ନିଯୁକ୍ତିରେ ନୀତିନିୟମ ପାଳନ କରି ନ ଥିବା ଅଭିଯୋଗରେ ଆପରାଧିକ ଷଡ଼ଯନ୍ତ୍ର ସମ୍ବନ୍ଧିତ ଆଇପିସିର ବିଭିନ୍ନ ଧାରା ଏବଂ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଉକ୍ତ ପୂର୍ବତନ ବାବୁମାନଙ୍କ ବିରୋଧରେ ଅଭିଯୋଗ ଦାଏର କରାଯାଇଛି। ଏତଲା ଅନୁସାରେ ମହାପ୍ରବନ୍ଧକ–ଅପରେଶନ୍ସ ପାଇଁ ନିର୍ଦ୍ଦିଷ୍ଟ ପ୍ରାର୍ଥୀମାନଙ୍କୁ ପଦୋନ୍ନତି ଦେବା ଲାଗି ଯାଦବ ଏକ 'ବେଆଇନ' ତିନିଜଣିଆ ଚୟନ କମିଟି ଗଠନ କରିଥିଲେ। ଆପରାଧିକ ମାମଲା ଥିବା ଓ ଭିଜିଲାନ୍ସ ଅଭିଯୋଗ ଥିବା ପ୍ରାର୍ଥୀମାନଙ୍କୁ ସେ ପଦୋନ୍ନତି ଦେଇଥିଲେ। କାଠପାଲିଆ, ସିଂ ଓ ଭାସିନଙ୍କ ସମେତ ପାଞ୍ଚଜଣଙ୍କ ନାମ ପ୍ୟାନେଲ ସୁପାରିସ କରିଥିଲା। କାଠପାଲିଆଙ୍କ ନାମରେ ଆପରାଧିକ ମାମଲା ଥିଲେ ମଧ୍ୟ ତାଙ୍କୁ ଭିଜିଲାନ୍ସ କ୍ଲିୟରାନ୍ସ ମିଳିଥିବା ଅଭିଯୋଗ ହୋଇଛି। ଅନ୍ୟ ଦୁଇଜଣଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଥିଲେ ମଧ୍ୟ ସେମାନଙ୍କୁ ଚୟନ କରାଯାଇଥିଲା। ଏହି ନିଯୁକ୍ତିରେ ଉପଯୁକ୍ତ ପଦ୍ଧତି ଅନୁସରଣ କରାଯାଇ ନ ଥିବା ସିବିଆଇ ଦାବି କରିଛି। ଆର୍ଥିକ ଅଭାବ ଦେଇ ଗତି କରୁଥିବା ଏୟାର ଇଣ୍ଡିଆ ପାଇଁ ସିବିଆଇର ଏହି ପଦକ୍ଷେପ ଏକ ଧକ୍କା ସଦୃଶ ହୋଇଛି। ତେବେ ଏୟାର ଇଣ୍ଡିଆ ପାଇଁ ଏହା କେବଳ ଆର୍ଥିକ ଅସୁବିଧା ନୁହେଁ, ପରିଚାଳନାଗତ ସଙ୍କଟ ମଧ୍ୟ ସୃଷ୍ଟି କରିଛି।

Email: dilipcherian@gmail.com

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | 5 | | | | 9 | |
| 9 | | | 7 | 3 | | D | | 2 | B | | E | | | 4 |
| | 1 | | | A | | | 5 | | 9 | | | 7 | | |
| | A | | | | 0 | 1 | | 3 | | | | C | | B |
| | | | | | | 7 | | | | 3 | 8 | | 6 | D |
| B | | | | | 9 | | | | | 2 | 4 | | 7 | |
| | | 4 | | | | | E | | | | | | | C |
| | | 5 | | | C | A | 3 | | 7 | 9 | | | | |
| | | C | | | | | | 6 | | | B | 2 | 0 | 1 |
| | | | 6 | | | 0 | C | | | E | | 3 | D | |
| | | | | | | 3 | 7 | A | | C | D | 4 | | |
| | | D | | | | | | | | | 0 | | | A |
| | | | | 4 | | 8 | 1 | | | | 5 | | B | |
| | | | | 1 | 5 | | | C | | | 6 | 9 | | |
| C | | 1 | | 6 | E | B | | | A | 8 | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# କେବଳ ସରକାରଙ୍କ ଦୋଷ ନୁହେଁ



ମନ–ମାନଚିତ୍ର
ଡ. ନରହରି ବେହେରା

ଏ ପ୍ରବନ୍ଧ ସରକାରଙ୍କର ସ୍ତୁତି ନୁହେଁ କି ଜନସାଧାରଣଙ୍କୁ ଆକ୍ଷେପ ନୁହେଁ। ଏହା ହେଉଛି କ୍ଷେତ୍ରୀୟ କାର୍ଯ୍ୟର କିଛି ରୂପରେଖ, ଯାହା ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଏ। କିଛିଦିନ ତଳେ ଖବରକାଗଜରୁ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କରେ ଦୁଇଟି ପ୍ରସଙ୍ଗ ଦୃଷ୍ଟିଗୋଚର ହୋଇଥିଲା। ଗୋଟିଏ ଥିଲା, ସରକାର ସମସ୍ତଙ୍କୁ ପକ୍କାଘର ଯୋଗାଇବା ପାଇଁ ଦେଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ କରିପାରି ନାହାନ୍ତି। ଅନ୍ୟଟି ଥିଲା ଖୋର୍ଦ୍ଧା ଜିଲାର ନିରାକାରପୁରବାସୀ ଲକ୍ଷ୍ମୀଧର ବେହେରା ଘରଟିଏ ନ ପାଇ ଆତ୍ମହତ୍ୟା କରିବା ଘଟଣା। ଏ ଦୁଇଟି ପ୍ରସଙ୍ଗ ଆଲୋଚନା କରିବା ପରିପ୍ରେକ୍ଷୀରେ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଦେବା ଆବଶ୍ୟକ। ପୂର୍ବରୁ ଗରିବ ଲୋକମାନଙ୍କୁ ପଲ୍ଲିସଭା ଏବଂ ଗ୍ରାମସଭା ମାଧ୍ୟମରେ ଚୟନ କରି ଘର ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ତଦନ୍ତ କରାଯାଇ ଏକ ପାଞ୍ଚବର୍ଷିଆ ୱେଟ୍ ଲିଷ୍ଟ କରାଯାଇ କ୍ରମାନ୍ୱୟରେ ଘର ପାଇଁ ଅର୍ଥ ପ୍ରଦାନ କରାଯାଉଥିଲା। ମାତ୍ର ତା'ପରେ ଏହି ତାଲିକାକୁ ଅଧିକ ସ୍ୱଚ୍ଛ ଏବଂ ଲୋକାଭିମୁଖୀ କରିବା ପାଇଁ ୨୦୧୧ ମସିହାରେ ସାମାଜିକ, ଆର୍ଥିକ ଓ ଜାତି ଭିତ୍ତିରେ ଗଣନା କରାଯାଇ ଏକ ସ୍ଥାୟୀ ତାଲିକା ପ୍ରସ୍ତୁତ କରାଯାଇଛି। ଏବେ ସେ ତାଲିକାର କ୍ରମାଙ୍କ ଅନୁଯାୟୀ କଚ୍ଚାଘର ଥିବା ହିତାଧିକାରୀଙ୍କୁ ଘର ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସ୍ଥାୟୀ ତାଲିକାରେ ଉପରେ ଥିବା ଜଣେ ହିତାଧିକାରୀଙ୍କୁ ବାଦ୍‌ଦେଇ ତା' ତଳ ହିତାଧିକାରୀଙ୍କୁ ଘର ପାଇଁ ଆର୍ଥିକ ସହାୟତା ଦିଆଯାଇ ପାରିବନାହିଁ। ଜଣେ ହିତାଧିକାରୀ ଘର କରିବା ପାଇଁ ଏକ ଲକ୍ଷ କୋଡ଼ିଏ ହଜାର ଟଙ୍କା ଏବଂ ଷୋଳ ହଜାର ତିନିଶହ ଅଶୀ ଟଙ୍କା ଦିଆଯାଇଥାଏ। କେତେକ ଜିଲାରେ ଏହାଠାରୁ ଅଧିକ ଅର୍ଥ ମଧ୍ୟ ଦିଆଯାଉଛି। ପୂର୍ବରୁ ହିତାଧିକାରୀମାନେ ଘର ଆରମ୍ଭ କରିବା ପରେ ଟଙ୍କାର କିସ୍ତି ଦିଆଯାଉଥିଲା। ଜଣେ ଗରିବମଣିଷ ଘର ଆରମ୍ଭ କରିବା ପାଇଁ ଅର୍ଥ ବାଧକ ସାଜୁଛି ବୋଲି ଚିନ୍ତାକରି ଏବେ ଘର ଆରମ୍ଭ କରିବାପୂର୍ବରୁ ପ୍ରଥମ କିସ୍ତି କୋଡ଼ିଏ ହଜାର ଟଙ୍କା ଦିଆଯାଉଛି। ଏହା ବ୍ୟତୀତ ହିତାଧିକାରୀଙ୍କୁ ଶୀଘ୍ର ଘର ଶେଷ କରିବା ପାଇଁ ଉତ୍ସାହିତ କରିବା ସକାଶେ ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି। ଯେଉଁ ହିତାଧିକାରୀ ଚାରିମାସରେ ଘର ସମ୍ପୂର୍ଣ୍ଣ କରିଥାନ୍ତି ସେମାନଙ୍କୁ କୋଡ଼ିଏ ହଜାର ଏବଂ ଯେଉଁମାନେ ଛଅମାସରେ ଘର କରିଥାନ୍ତି ସେମାନଙ୍କୁ ଦଶହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଥାଏ।

ସରକାର ଗରିବ ଅବହେଳିତ ଲୋକମାନଙ୍କୁ ଛାତଘରଟିଏ ନିର୍ମାଣ କରିବା ପାଇଁ ଏତେ ପନ୍ଥା ନିର୍ଦ୍ଧାରଣ କରିଛନ୍ତି। ପ୍ରତିବର୍ଷ ମାର୍ଚ୍ଚ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାରେ ଲୋକମାନଙ୍କୁ ଅନ୍ତର୍ଭୁକ୍ତ କରିଥାନ୍ତି। ସ୍ଥାୟୀ ତାଲିକାରେ ହିତାଧିକାରୀମାନେ ନିଜ ନାମ ଦେଖିବାରେ ସୁବିଧା ହେବ ବୋଲି ଗ୍ରାମପଞ୍ଚାୟତ କାନ୍ଥରେ ସେମାନଙ୍କ ତାଲିକା ପ୍ରକାଶ କରାଯାଇଛି। ଅନ୍ ଲାଇନ୍‌ରେ ସେମାନଙ୍କ ନାମର କ୍ରମାଙ୍କ ଦେଖିବାର ସୁବିଧା ମଧ୍ୟ ଅଛି। ଏହି ସୁବିଧା ପ୍ରଦାନର ମୂଳ ଲକ୍ଷ୍ୟ ହେଉଛି, ସାଧାରଣ ହିତାଧିକାରୀମାନେ ମୁନାଫାଖୋରମାନଙ୍କ ଶିକାର ନ ହୁଅନ୍ତୁ। ଅପରପକ୍ଷରେ ସରକାର ହିତାଧିକାରୀଙ୍କୁ ଗୃହ ନିର୍ମାଣରେ ସହାୟତା ଏବଂ ପରାମର୍ଶ ଦେବା ପାଇଁ ବ୍ଲକ୍‌ର ବିଡିଓ, ଏବିଡିଓ, ସିପି, ଏସିପି, ଜେଇ ପ୍ରମୁଖଙ୍କୁ ନିୟୋଜିତ କରିଛନ୍ତି।

ଏତେ ଯୋଜନା ଓ ପରିକଳ୍ପନା ସତ୍ତ୍ୱେ ଶହେରୁ ପ୍ରାୟ ଚାଳିଶ ଜଣ ହିତାଧିକାରୀ ଏବେ ବି ଘରକାମ ସମ୍ପୂର୍ଣ୍ଣ କରୁନାହାନ୍ତି। ଏଣେ ହିତାଧିକାରୀମାନେ ଘର ସମ୍ପୂର୍ଣ୍ଣ ନ କଲେ ବ୍ଲକ୍ ପ୍ରଶାସନର କର୍ମଚାରୀ ବିଭିନ୍ନ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଛନ୍ତି। କାଉ ଦୋଷ କଲେ ହଂସ ଦଣ୍ଡପାଇବା ପରି ଏ ବ୍ୟବସ୍ଥା। କିନ୍ତୁ ଜଣେ ହିତାଧିକାରୀ ଘର ନ କଲେ ତାଙ୍କ ପ୍ରତି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ– ଏହାର ବାସ୍ତବ ଉତ୍ତର କାହା ପାଖରେ ନାହିଁ। କାରଣ ହିତାଧିକାରୀ ଜଣେ ଗରିବ ମଣିଷ ବୋଲି ବିବେଚନା କରାଯାଉଥିବାରୁ ତାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସରକାର ଚିନ୍ତା କରିନାହାନ୍ତି। ତେଣୁ କିଛି ହିତାଧିକାରୀ ଏ ଘର ନିର୍ମାଣ ଦିଗରେ ଖୁବ୍ ବେପରୱା ଏବଂ କିଛି ହିତାଧିକାରୀ ପରିସ୍ଥିତି ଚାପରେ ଘର କରିପାରୁନାହାନ୍ତି। ତେଣୁ କ୍ଷେତ୍ରୀୟ ତଦାରଖ ସମୟରେ ବିଭିନ୍ନ ଦୃଶ୍ୟ ଦେଖିବାକୁ ମିଳେ। ପୁଅ ସୁରଟରେ ଚାକିରି କରିଛି, ସେହି ଆଶାରେ ଧାର୍ଯ୍ୟ ଆକାରଠାରୁ ବଡ଼ଘର କରିଦେଇ ହିତାଧିକାରୀ ସମ୍ପୂର୍ଣ୍ଣ କରିପାରୁନାହାନ୍ତି। ଅନେକ କ୍ଷେତ୍ରରେ ଜମିଜମା ବିବାଦ ମଧ୍ୟ ତୁଟୁନାହିଁ। ଘରେ କାହାର ଦେହ ଅସୁସ୍ଥ ହୋଇଛି, ତେଣୁ ଘରକାମ ଆରମ୍ଭ ହୋଇପାରୁନାହିଁ। ଏହା ବ୍ୟତୀତ ଅନ୍ଧବିଶ୍ୱାସ ହେତୁ ମଧ୍ୟ ଅନେକ ଘର ହୋଇପାରୁନାହିଁ। ଯଥା ଅମୁକ କହିଛନ୍ତି, ଏ ଘର ଛାତ ପଡ଼ିଲେ ମୁଣ୍ଡ ଚାଲିଯିବ। ପରିବାରର ଜଣେ ମରିଯାଇଛି, ବର୍ଷକିଆ ନ ଗଲେ ଘର କରି ହେବନାହିଁ। ଚୈତ୍ରମାସ, ପୌଷମାସ ନିଷ୍ଫଳା ମାସ ହୋଇଥିବାରୁ ବନ୍ଧ ପକେଇ ହେବନାହିଁ ଇତ୍ୟାଦି। କିଛି ବେପରୱା ହିତାଧିକାରୀଙ୍କ ଉତ୍ତର ମଧ୍ୟ ଦେଖନ୍ତୁ– ସରକାର ଯେତିକି ଟଙ୍କା ଦେଇଛନ୍ତି ସେଥିରେ କ'ଣ ଘର ହୋଇଯିବ? ଟଙ୍କା ହେଲେ କରିବି ନା, ବାରମ୍ବାର ମୋ ଘରକୁ କାହିଁକି ଆସୁଛ? ପୁଣି କେହି କହନ୍ତି– ଟଙ୍କା ତ ଦେଇଛ, ମୁଁ କ'ଣ ପଳାଇଯାଉଛି? ସରକାରଙ୍କ ସମସ୍ତ ଯୋଜନାର ସଫଳତା ନିର୍ଭର କରେ ଜନସାଧାରଣଙ୍କ ମାନସିକତା ଏବଂ ସହଯୋଗିତା ଉପରେ। ସେମାନେ ପାଇଥିବା ଅର୍ଥ ବା ସୁବିଧା ସୁଯୋଗକୁ ଠିକ୍ ବିନିଯୋଗ ନ କଲେ କୌଣସି ଯୋଜନା ସଫଳ ହେବନାହିଁ। ତେଣୁ ଏଥିପାଇଁ କେବଳ ସରକାର କିମ୍ବା ସରକାରୀ କର୍ମଚାରୀଙ୍କୁ ଦୋଷ ଦେଇ କିଛି ଲାଭ ନାହିଁ।

ଗ୍ରାମୀଣ ଆବାସ ଯୋଜନା କ୍ଷେତ୍ରରେ ପୂର୍ବରୁ ଥିବା ସମସ୍ତ ତ୍ରୁଟିବିଚ୍ୟୁତିକୁ ଦୂର କରିବା ପାଇଁ ଏବେ ସମସ୍ତ କାର୍ଯ୍ୟ କମ୍ପ୍ୟୁଟର ମାଧ୍ୟମରେ କରାଯାଉଛି। ଉଦ୍ଦେଶ୍ୟ ହେଉଛି, ଏ ଯୋଜନାର ସବୁ କାର୍ଯ୍ୟ ଅଧିକ ସ୍ୱଚ୍ଛ ହେବ ଏବଂ ସମସ୍ତେ ନିଜ ଘରେ ବସି ନିଜର ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ। ତେଣୁ କାହା ପଛରେ ଦୌଡ଼ିବା ବା ଲାଞ୍ଚ ଦେବା ଆବଶ୍ୟକ ପଡ଼ିବ ନାହିଁ। ଅନ୍ୟପକ୍ଷରେ ବିଭିନ୍ନ ପ୍ରଚାର ମାଧ୍ୟମରେ ସମସ୍ତ ହିତାଧିକାରୀଙ୍କୁ ଲାଞ୍ଚ ନ ଦେବା ପାଇଁ ସଚେତନ କରାଯାଉଛି। ଏହା ସତ୍ତ୍ୱେ କିଏ କାହାକୁ କାହିଁକି ଲାଞ୍ଚ ଦେଉଛନ୍ତି ତାହା ବିଚାର୍ଯ୍ୟ। କ୍ଷେତ୍ରୀୟ କାର୍ଯ୍ୟରେ କେଉଁଠି କେଉଁଠି ଦୁଷ୍ଟ ବ୍ରଣମାନେ ନ ଥିବେ ସେ କଥାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରାଯାଇ ନ ପାରେ। ଏ କ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମସ୍ୟାର ସମାଧାନ କରାଯାଇପାରେ। ସରକାରଙ୍କୁ ଏଥିରେ ଦୋଷ ଦେଲେ ସମସ୍ୟାର ସମାଧାନ ହେବନାହିଁ।

ଏଥର ନିରାକାରପୁର ଲକ୍ଷ୍ମୀଧରଙ୍କ ଘଟଣାଟିକୁ ବିଚାର କରାଯାଇପାରେ। ଖବରକାଗଜରୁ ଜଣାଯାଇଛି ତିତ୍‌ଲିରେ ତାଙ୍କର ଆଜ୍‌ବେଷ୍ଟସ ଘର ଭାଙ୍ଗିଯାଇଥିଲା, ସେ ଘରଟିଏ ପାଇଁ ବିଡିଓ, ତହସିଲଦାର ଓ ଅନ୍ୟମାନଙ୍କୁ ଅନୁରୋଧ କରିଥିଲେ। ତା'ଙ୍କୁ କେହି କେହି ୧୫ ଓ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ସେ ନିରାଶ ହୋଇ ଆତ୍ମହତ୍ୟା କଲେ। ପ୍ରକୃତ ଘଟଣା କ'ଣ ଜଣାନାହିଁ। ତାଙ୍କର ଅଭିଯୋଗକୁ ଭିତ୍ତିକରି ଏତିକି କୁହାଯାଇପାରେ ତିତ୍‌ଲି ବାତ୍ୟା ହୋଇଥିଲା ଅକ୍ଟୋବରରେ। ଆବାସ ଯୋଜନାର ହିତାଧିକାରୀ ଚୟନ ଏବଂ କିସ୍ତି ପ୍ରଦାନ ସାଧାରଣତଃ ମେ–ଜୁନ୍ ସୁଦ୍ଧା ଶେଷ ହୋଇଥାଏ। ତେଣୁ ସେତେବେଳେ ଘରଟିଏ ଦେବା କୌଣସି ବିଡିଓଙ୍କ ପକ୍ଷରେ ସମ୍ଭବ ନୁହେଁ। ତାଙ୍କୁ ଯଦି କେହି ଲାଞ୍ଚ ମାଗିଥିଲେ ସେ ସମ୍ପର୍କରେ ଜିଲାପାଳ କିମ୍ବା ସରକାରଙ୍କୁ ଅବଗତ କରାଇ ପାରିଥାନ୍ତେ, ମାତ୍ର ତାହା କଲେନାହିଁ। କେବଳ ହିତାଧିକାରୀଙ୍କ ଧୈର୍ଯ୍ୟ ଅଭାବରୁ ହିଁ ଲାଞ୍ଚ ବା ପିସି କାରବାର ହୋଇଥାଏ। ଖୁସିର କଥା, ତିତ୍‌ଲିରେ ଘର ହରାଇଥିବା ହିତାଧିକାରୀଙ୍କୁ ଏବେ ବିଜୁ ପକ୍କାଘର ଦେବା ପାଇଁ ଯୋଜନା କରାଯାଇଛି। ସରକାରଙ୍କ ଯୋଜନା ଏକ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ହୋଇଥାଏ। ହିତାଧିକାରୀମାନେ ଏହି ନିୟମକୁ ଭଲଭାବେ ଅନୁଧ୍ୟାନ କରିବା ଉଚିତ।

narahari1965@gmail.com

# ପ୍ରକୃତ ନେତା



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଗୀତାରେ ଅଛି– ''ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନାଃ। ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ।।'' (୩।୨୧) ଅର୍ଥାତ୍ ଶ୍ରେଷ୍ଠ ବ୍ୟକ୍ତି ଯେଭଳି ଆଚରଣ କରନ୍ତି ସାଧାରଣ ଜନତା ତାହା ଅନୁସରଣ କରନ୍ତି ଏବଂ କୌଣସି ବିଷୟର ଭଲମନ୍ଦ ବିଚାରକରି ନିଜର ବାସ୍ତବ ଅଭିଜ୍ଞତା ଦ୍ୱାରା ସେ ଯାହା ପ୍ରମାଣ କରନ୍ତି ସାଧାରଣ ଜନତା ସେହି ପଥରେ ଚାଲନ୍ତି। ବାସ୍ତବରେ ସମାଜ ସବୁବେଳେ ଏପରି ଜଣେ ନେତା ଆବଶ୍ୟକ କରେ, ଯିଏ ବାସ୍ତବ ଆଚରଣ ଭିତରଦେଇ ଲୋକଙ୍କୁ ଶିକ୍ଷା ଦେଇପାରୁଥିବେ, ପଥପ୍ରଦର୍ଶନ କରିପାରୁଥିବେ। ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ମଧ୍ୟ କହିଛନ୍ତି, ''ଯିଏ ଆଗେ ଝାମ୍ପ ଦେଇଛି, ଆଗେ ପଥ ଦେଖାଇଛି, ସେ ହିଁ ନେତା, ନତୁବା କେବଳ କଥାରେ କି ନେତା ହୋଇ ହୁଏ?'' (ସତ୍ୟାନୁସରଣ)। ଆଜାଦ ହିନ୍ଦ୍ ଫୌଜ ଗଠିତ ହେବା ପରେ ନେତାଜୀ ସୁଭାଷଚନ୍ଦ୍ର ନିଜେ ଜଣେ ସାଧାରଣ ସୈନିକ ଭଳି ରାଇଫଲ ଧରି ସେନା ଛାଉଣୀ ବାହାରେ ରାତିରେ ପହରା ଦେଉଥିଲେ। ଯେଉଁମାନେ ଦେଶର ନେତା, ଲୋକପ୍ରତିନିଧି କିମ୍ବା ରାଷ୍ଟ୍ରନାୟକ ସେମାନଙ୍କର ଆଚରଣ ଏବଂ ବ୍ୟକ୍ତିତ୍ୱ ଦେଶର ଜନଜୀବନକୁ ବହୁ ଭାବରେ ପ୍ରଭାବିତ କରିଥାଏ। ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷଚନ୍ଦ୍ର ପ୍ରମୁଖଙ୍କ ଭଳି ନେତୃବୃନ୍ଦଙ୍କ ଜୀବନାଦର୍ଶ ବହୁ ଲୋକଙ୍କ ଜୀବନକୁ ଉତ୍କର୍ଷମଣ୍ଡିତ କରିପାରିଥିଲା। କିନ୍ତୁ ଆମ ଦେଶର ସାମ୍ପ୍ରତିକ ନେତୃବୃନ୍ଦଙ୍କୁ ଲକ୍ଷ୍ୟ କଲେ ଦେଖାଯାଏ ଅଧିକାଂଶଙ୍କ ଜୀବନ ଆଦର୍ଶହରା, ଅନିୟନ୍ତ୍ରିତ, ନୈତିକତାହୀନ, ପରନିନ୍ଦାପରାୟଣ, ଛନ୍ଦକପଟପୂର୍ଣ୍ଣ, ମିଥ୍ୟାଭାଷଣସର୍ବସ୍ୱ, ଏପରିକି ଅନେକ ସ୍ଥଳରେ ଜାତୀୟ ସ୍ୱାର୍ଥର ବିରୋଧୀ ହୋଇଉଠିଛି। ଏଭଳି ନେତୃତ୍ୱ ପ୍ରଭାବରେ ଦେଶର ସାଧାରଣ ଜନତାଙ୍କ ଜୀବନ ଏବଂ ଚରିତ୍ର ମଧ୍ୟ କ୍ରମାଗତ ଭାବରେ ନିମ୍ନଗାମୀ ହେବାରେ ଲାଗିଛି। ଯେନତେନ ପ୍ରକାରେ ରାଜନୈତିକ କ୍ଷମତା ହାସଲ କରିବା ଅଥବା କ୍ଷମତାର ସିଂହାସନକୁ ଜାବୁଡ଼ି ଧରିବା, ପରସ୍ପରର କୁତ୍ସାରଟନାରେ ମତ୍ତହେବା, ଲୋକଙ୍କୁ ନାନା ଭାବରେ ପ୍ରଲୋଭିତ ଅଥବା ବିଭ୍ରାନ୍ତ କରି ଜନସମର୍ଥନ ଆଦାୟ କରିବା, ନାନା ପ୍ରକାର ହୀନ ପନ୍ଥା ଅବଲମ୍ବନ କରି ନିର୍ବାଚନରେ ଜୟଲାଭ କରିବା ଆଜି ନେତୃତ୍ୱର ପରିଭାଷା ହୋଇଉଠିଛି।

ଏ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁରଙ୍କ ପ୍ରଦତ୍ତ କତିପୟ ଦିଗ୍‌ଦର୍ଶନ ଉଲ୍ଲେଖ କରିବା ସାମ୍ପ୍ରତିକ ପରିସ୍ଥିତିରେ ପ୍ରାସଙ୍ଗିକ ହେବ। ସତ୍ୟାନୁସରଣରେ ସେ କହିଛନ୍ତି (୧) ଆଗେ ଅନ୍ୟ ପାଇଁ ଯଥାସର୍ବସ୍ୱ ଢାଳିଦିଅ, (୨) ଦଶଜଣଙ୍କ ପାଦରେ ମଥା ବିକ୍ରୟ କର, (୩) ଆଉ କାହାରି ଦୋଷ ବୋଲି ଦୋଷ ଦେଖିବା ଭୁଲିଯାଅ, (୪) ସେବାରେ ଆତ୍ମହରା ହୁଅ, ତେବେ ନେତା, ତେବେ ଦେଶର ହୃଦୟ, ତେବେ ଦେଶର ରାଜା, ନତୁବା ସେସବୁ କେବଳ ମୁହେଁ ମୁହେଁ ହୁଏନାହିଁ। ଏବଂ ଯଦି ନେତା ହେବାକୁ ଚାହଁ ତେବେ (୫) ନେତୃତ୍ୱର ଅହଂକାର ତ୍ୟାଗ କର, (୬) ନିଜର ଗୁଣଗାନ ଛାଡ଼ିଦିଅ, (୭) ପରହିତରେ ଯଥାସର୍ବସ୍ୱ ପଣ କର, (୮) ଆଉ ଯାହା ମଙ୍ଗଳ ଓ ସତ୍ୟ ନିଜେ ତାହା କରି ଦେଖାଅ, (୯) ସମସ୍ତଙ୍କୁ ପ୍ରେମର ସହିତ କୁହ, ଦେଖିବ ହଜାର ହଜାର ଲୋକ ତୁମକୁ ଅନୁସରଣ କରିବେ।

ଆମ ଦେଶର ନେତାମାନେ ବହୁତ ଭଲ ଭଲ କଥା କହନ୍ତି କିନ୍ତୁ ନିଜେ ଆଚରଣ କରନ୍ତି ନାହିଁ। ଦ୍ୱିତୀୟତଃ ସେମାନେ ଧରି ନେଇଛନ୍ତି, ଯେକୌଣସି ଦଳର ନେତା ହେବାକୁ ହେଲେ ଅନ୍ୟ ଦଳ ଏବଂ ଅନ୍ୟ ନେତାଙ୍କର ନିନ୍ଦା ଓ ସମାଲୋଚନା କରିବାକୁ ହେବ। ଜଣେ ନେତା ଅନ୍ୟ ଜଣେ ନେତାଙ୍କୁ ଭଲ କାମ ପାଇଁ ସହଜ ଭାବରେ ପ୍ରଶଂସା କରିବା କ୍ୱଚିତ୍ ଦେଖିବାକୁ ମିଳେ। ସେମାନେ ବୁଝନ୍ତି ନାହିଁ ଯେ, ଅଯଥାରେ ଅନ୍ୟର ନିନ୍ଦା କଲେ ନିଜର ମଧ୍ୟ ଅପ୍ରତିଷ୍ଠା ଆସିଥାଏ ଏବଂ ଅନ୍ୟକୁ ସତ୍ ଭାବରେ ପ୍ରଶଂସା କରିବା ଦ୍ୱାରା ପ୍ରକାରାନ୍ତରେ ନିଜର ମଧ୍ୟ ପ୍ରତିଷ୍ଠା ଆସିଥାଏ। ଆଉ ଗୋଟିଏ କଥା ହେଲା–ଆତ୍ମପ୍ରଚାର ଅର୍ଥାତ୍ ନିଜକୁ ବହୁତ ବଡ଼ କରି ପ୍ରଚାର କରିବା। ଶ୍ରୀଶ୍ରୀଠାକୁର କହିଛନ୍ତି, ଭୁଲରେ ବି ନିଜକୁ ପ୍ରଚାର କରିବାକୁ ଯାଅ ନାହିଁ ବା ନିଜକୁ ପ୍ରଚାର କରିବାକୁ କାହାକୁ ଅନୁରୋଧ କରନାହିଁ। ତା'ହେଲେ ସମସ୍ତେ ତୁମକୁ ଘୃଣା କରିବେ ଆଉ ତୁମଠାରୁ ଦୂରେଇଯିବେ। ସେ କହନ୍ତି, 'ଯିଏ କଥାରେ କମ୍ କାମରେ ବେଶି ସେ ହିଁ ପ୍ରଥମ ଶ୍ରେଣୀର କର୍ମୀ' (ସତ୍ୟାନୁସରଣ)। ତେଣୁ ଆମର ନେତାମାନେ ଯଦି କେବଳ ପ୍ରଚାରସର୍ବସ୍ୱ ନ ହୋଇ ଜନଗଣଙ୍କର ପ୍ରକୃତ ଉନ୍ନତି ଏବଂ ମଙ୍ଗଳ ପାଇଁ କାର୍ଯ୍ୟ କରିଚାଲିବେ ତେବେ ଦେଶର ପ୍ରକୃତ ଉନ୍ନତି ହେବା ସଙ୍ଗେ ସଙ୍ଗେ ଜନମାନସରେ ସେମାନଙ୍କର ଆସନ ମଧ୍ୟ ପକ୍କା ହୋଇଯିବ।

ପ୍ରକୃତ ଜନନେତା ହେବାକୁ ହେଲେ ଜଣକର ଆଦର୍ଶନିଷ୍ଠା, ସେବାପ୍ରାଣତା, ଚରିତ୍ରବତ୍ତା ଏବଂ ନିଜର ଐତିହ୍ୟ, ସଂସ୍କୃତି ପ୍ରତି ଆନୁଗତ୍ୟ ତଥା ସ୍ୱଦେଶପ୍ରୀତି ରହିବା ବାଞ୍ଛନୀୟ । ଯେଉଁ ବ୍ୟକ୍ତି କୌଣସି ସତ୍ ଆଦର୍ଶ ସହିତ ଯୁକ୍ତ ନୁହନ୍ତି ତାଙ୍କ ନିଜର ଜୀବନ ହିଁ ଅନିୟନ୍ତ୍ରିତ। ତେଣୁ ସେ କିପରି ଅନ୍ୟମାନଙ୍କୁ ନିୟନ୍ତ୍ରଣ କରିପାରିବେ? ଯାହାଙ୍କର କୌଣସି ପଥପ୍ରଦର୍ଶକ ନାହାନ୍ତି ସେ କିପରି ଅନ୍ୟମାନଙ୍କର ପଥପ୍ରଦର୍ଶକ ବା ନେତା ହେବେ? ମୌର୍ଯ୍ୟସମ୍ରାଟ୍ ଚନ୍ଦ୍ରଗୁପ୍ତଙ୍କ ଜୀବନରେ ଆଦର୍ଶ ଥିଲେ ମହାପଣ୍ଡିତ ଚାଣକ୍ୟ ଏବଂ ଛତ୍ରପତି ଶିବାଜୀଙ୍କ ଜୀବନର ଆଦର୍ଶ ଥିଲେ ଗୁରୁ ରାମଦାସ। ତେଣୁ ସେମାନେ ସଫଳ ରାଷ୍ଟ୍ରନାୟକ ହୋଇପାରିଥିଲେ। ଅନିୟନ୍ତ୍ରିତ ନେତା ନିଜର ଅନୁଗାମୀମାନଙ୍କୁ ମଧ୍ୟ ବିଧ୍ୱସ୍ତି ଆଡ଼କୁ ନେଇଯାଇଥାନ୍ତି। ଆଦର୍ଶନିଷ୍ଠା ଅଭାବରୁ ଆମ ଦେଶର ନେତାମାନେ ଉଡ଼ା ଚଢ଼େଇ ଭଳି ଏ ଡାଳ ସେ ଡାଳ ହୋଇ ସାରା ଜୀବନ ବିତାଇଦିଅନ୍ତି। ଏଣୁ ଆଜିର ନେତୃବୃନ୍ଦଙ୍କୁ ଶ୍ରୀଶ୍ରୀଠାକୁରଙ୍କର ଅମିୟ ସନ୍ଦେଶ– ''ପରିପୂରଣୀ ଆଦର୍ଶରେ ଅଚ୍ୟୁତିର ସହିତ ସବୁ ରକମରେ ନୀତ ହୁଅ– ତେବେ ତୁମେ ନେତା ହୋଇଉଠିବ, ଆଉ ସେ ନେତୃତ୍ୱରେ ସମସ୍ତଙ୍କୁ ସର୍ବତୋଭାବରେ ଉତ୍କର୍ଷମୁଖର କରି ତୋଳିବ ହିଁ ତୋଳିବ; ତୁମର ସେହି ଆଦର୍ଶାନତି ବିଚ୍ଛୁରିତ ହୋଇ, ସମସ୍ତଙ୍କୁ ତୁମଠାରେ ଆନତ କରି ତୋଳିବ,– ସଂଘବଦ୍ଧ ହେବେ ସମସ୍ତେ– ଶକ୍ତି ପାଇବେ ସମସ୍ତେ– ଶକ୍ତି, ବୃଦ୍ଧି, କାନ୍ତି ଓ ଚେଷ୍ଟା ଉଦ୍‌ବର୍ଦ୍ଧିତ ହୋଇଉଠିବ ସାଫଲ୍ୟରେ।'' (ସମ୍ବିତୀ–୧୪୪)। (୧୦।୦୨– ଭୁବନେଶ୍ୱର ସତ୍‌ସଙ୍ଗ ମନ୍ଦିର ଉଦ୍‌ବୋଧନ ସ୍ମୃତି–ମହୋତ୍ସବ ଉପଲକ୍ଷେ)

ମୋ–୯୪୩୭୨୮୭୯୬୪

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ରହିଛି। ଏଠାରେ ଏପରି ଏକ ଅଞ୍ଚଳ ରହିଛି ଯେଉଁଠାରେ ଅନ୍ୟର ଅଇଁଠାପତ୍ର ଉଠାଇବା ଦ୍ୱାରା ପୁଣ୍ୟ ମିଳେ ବୋଲି ବିଶ୍ୱାସ କରାଯାଏ। ଏହା କରିବା ପାଇଁ କେତେଜଣ ଲୋକ ଘୃଣାରେ ନାକ ଟେକନ୍ତି। କିନ୍ତୁ ଆୟୋଜିତ ଉତ୍ସବରେ ଅଇଁଠାପତ୍ର ଉଠାଇବାକୁ ଲୋକେ ଆଗଭର ହୋଇ ଏଥିପାଇଁ ନିଲାମ ଧରିଥାଆନ୍ତି। ମଧ୍ୟପ୍ରଦେଶର ଖଣ୍ଡୱାରେ ଥିବା ଦେବୀମାତାଙ୍କ ମନ୍ଦିରରେ ୬୦ବର୍ଷରୁ ଅଧିକ ହେଲା ଏପରି ଏକ ପରମ୍ପରା ଚଳିଆସୁଛି। ଚୈତ୍ର ଗୁପ୍ତ ନବରାତ୍ର ସମୟରେ ଏଠାରେ ଶ୍ରଦ୍ଧାଳୁଙ୍କୁ ଖାଇବାକୁ ଦିଆଯାଏ। ଏହାକୁ ଗଣଗୌର ଉତ୍ସବ କୁହାଯାଏ। ଶ୍ରଦ୍ଧାଳୁଙ୍କ ଅଇଁଠାପତ୍ର ଉଠାଇବା ପାଇଁ ପ୍ରଜାପତି ଏବଂ କହ୍ୱାର ସମ୍ପ୍ରଦାୟ ପକ୍ଷରୁ ନିଲାମ ଡକାଯାଏ। ଅଧିକ ଟଙ୍କା ଦେଇ ନିଲାମ ନେଇଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟମାନେ ଉତ୍ସବର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେଠାରେ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କ ଅଇଁଠାପତ୍ର ଉଠାଇଥାଆନ୍ତି। ଏହାଦ୍ୱାରା ପୁଣ୍ୟଫଳ ମିଳେ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି।

## ଚିରନ୍ତନୀ

ଜୀବନପରେ କି ଅଛି ଆଉ
ଆସିଛି କେହୁ ଦେଖି,
ସରଗ–ସେ ତ ମନର ଗଢ଼ା କଥା,
ଜୀବନେ ଯାହା ହଜଇ ଥରେ
ମିଳଇ ଆଉ ସେ କି
ବ୍ୟର୍ଥ ସିନା ପିଟିବା ଖାଲି ମଥା !

(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୯ ଫେବୃୟାରୀ ୧୯୯୪

- ଚେକ୍ ରାଷ୍ଟ୍ରପତି ଭାକଲାଭ ହାଭେଲଙ୍କୁ ୧୯୯୩ ମସିହାର ସମ୍ମାନଜନକ ଇନ୍ଦିରା ଗାନ୍ଧୀ ଶାନ୍ତି ନିରସ୍ତ୍ରୀକରଣ ଓ ବିକାଶ ପୁରସ୍କାର ପ୍ରଦାନ।
- ଆଙ୍ଗୋଲାର ଯୁଦ୍ଧଗ୍ରସ୍ତ କୁଇଟୋ ସହର ଉପରେ ୟୁନିଟା ବିଦ୍ରୋହୀ ଗୋଷ୍ଠୀର ଆକ୍ରମଣ ଫଳରେ ୧୭୫ ଜଣଙ୍କ ମୃତ୍ୟୁ।
- କୋଷ୍ଟାରିକାର ରାଷ୍ଟ୍ରପତି ନିର୍ବାଚନରେ ଶାସକ ସୋସିଆଲ ଖ୍ରୀଷ୍ଟିଆନ ୟୁନିଟ୍ ଦଳର ପ୍ରାର୍ଥୀ ଆଙ୍ଗେଲ ରୋଡ୍ରିଗୀଜ ମୁଖ୍ୟ ବିରୋଧୀ ଦଳର ପ୍ରାର୍ଥୀ ଜୋସେ ମାରିଆଙ୍କ ନିକଟରୁ ପରାସ୍ତ ହୋଇଛନ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## ଗଣତନ୍ତ୍ରରେ ଉଦାରତା

ମହାଶୟ,

ଭାରତ ସ୍ୱାଧୀନ ହେବା ସମୟରେ ବହୁ ଲୋକ ଭାରତରେ ଗଣତନ୍ତ୍ରର ଭବିଷ୍ୟତ ନେଇ ଚିନ୍ତା ପ୍ରକଟ କରିଥିଲେ। ହେଲେ ସ୍ୱାଧୀନ ଭାରତର ନେତୃବୃନ୍ଦ ବିଶେଷତଃ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଗଣତନ୍ତ୍ର ପ୍ରତି ଉଦାରତା ଓ ଅଙ୍ଗୀକାରବଦ୍ଧତା ଭାରତରେ ସଂସଦୀୟ ଗଣତନ୍ତ୍ରକୁ ସମୃଦ୍ଧ ଓ ଦୀର୍ଘାୟୁ କରିବାରେ ସହାୟକ ହୋଇଥିଲା। ମାତ୍ର ଏବର ନେତୃବୃନ୍ଦଙ୍କର ସମ୍ବିଧାନ ଓ ଗଣତନ୍ତ୍ର ପ୍ରତି ଉଦାରତା ଓ ଅଙ୍ଗୀକାରବଦ୍ଧତା ଊଣା ଥିବାର ପରିଲକ୍ଷିତ ହେଉଛି। ପ୍ରତିପକ୍ଷଙ୍କ ପ୍ରତି ଅଶାଳୀନ ଭାଷା ଓ ଅପଶବ୍ଦ ପ୍ରୟୋଗ କରିବା ଏବର ରାଜନେତାଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡିକର ସ୍ୱାୟତ୍ତତାକୁ କ୍ଷୁଣ୍ଣ କରିବାକୁ ଉଦ୍ୟମ କରାଯାଉଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

## ମାନବ ସମ୍ବଳର ସୁବିନିଯୋଗ ହେଉ

ମାନବ ସମ୍ବଳର ସୁବିନିଯୋଗ ଦ୍ୱାରା ହିଁ ଦେଶର ଅର୍ଥନୀତି ସୁଦୃଢ଼ ହୋଇଥାଏ। ଭାରତ ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର, ଯୁବଶକ୍ତିର ସୁବିନିଯୋଗ ଅଭାବରୁ ଦେଶରେ ବେକାରି, ବେରୋଜଗାରି ବୃଦ୍ଧି ପାଇବାରେ ଲାଗିଛି। ଶିକ୍ଷିତ, ଅଶିକ୍ଷିତ ସବୁସ୍ତରରେ ଏହା ସୁସ୍ପଷ୍ଟ। କିଛିଦିନ ପୂର୍ବେ ମହାରାଷ୍ଟ୍ରର ସଚିବାଳୟ କ୍ୟାଣ୍ଟିନ ପିଅନ ପୋଷ୍ଟ ପାଇଁ ବିଜ୍ଞପ୍ତି ଜାରି ପରେ ୧୪ଟି ପୋଷ୍ଟ ପାଇଁ ୭୦ ହଜାର ପ୍ରାର୍ଥୀ ଚୟନ ପରୀକ୍ଷାରେ ଯୋଗଦେଇଥିଲେ। ସେଥିରେ ବହୁସଂଖ୍ୟାରେ ସ୍ନାତକ ଥିଲେ। ଏହା ବେକାରି ସମସ୍ୟାର ଏକ ଜ୍ୱଳନ୍ତ ନିଦର୍ଶନ ନୁହେଁ କି? ବର୍ତ୍ତମାନ ଦେଶରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଉଦ୍ଦିଷ୍ଟ 'ଟଙ୍କିକିଆ ଚାଉଳ ଏବଂ ୫ ଟଙ୍କିଆ ଆହାର କେନ୍ଦ୍ର ଶ୍ରମବିମୁଖତାର କାରଣ। ଗ୍ରାମାଞ୍ଚଳରେ ଚାଷଜମି ପଡିଆ ପଡୁଛି। କୃଷିର ଭିତ୍ତିଭୂମି ବିକାଶ ଦ୍ୱାରା କୃଷକ ସ୍ୱାବଲମ୍ବୀ ହୋଇପାରିବ, ଯାହାକି ତା'ର ସ୍ୱାଭିମାନର ପ୍ରତୀକ।

ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଓଡ଼ଗାଁ, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ୨୭ରେ ଆସିବେ ରାହୁଲ, ୧୭ରେ ରାଜନାଥ

ଭୁବନେଶ୍ୱର, ୮।୨ (ବ୍ୟୁରୋ)

- ୧୫ରେ ଆସୁଛନ୍ତି ଶାହ
- ମାର୍ଚ୍ଚ ପ୍ରଥମ ସପ୍ତାହରେ ପ୍ରିୟଙ୍କା ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମ
- ବିଜେଡି ପଞ୍ଚମଥର ପାଇଁ ଓଡ଼ିଶାରେ ସରକାର କରିବ: ସମୀର

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି କେନ୍ଦ୍ରୀୟ ନେତାମାନଙ୍କ ଓଡ଼ିଶା ଗସ୍ତ ସେତିକି ବଢ଼ିବାରେ ଲାଗିଛି। ଗତ ଏକ ମାସ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ୨ଥର ଓଡ଼ିଶା ଆସିଥିଲେ। ପୁଣି ଆସନ୍ତା ୨୭ ତାରିଖରେ ସେ ଓଡ଼ିଶା ଗସ୍ତରେ ଆସିବା ଏକ ପ୍ରକାର ସ୍ଥିର ହୋଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ଭାଜପା ମଧ୍ୟ କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ଲଗାତର ଓଡ଼ିଶା ଆଣି ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବାରେ ଲାଗିଛି। ଡିସେମ୍ବର ୨୪ଠାରୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ଥର ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ୨ଥର ଓଡ଼ିଶା ଗସ୍ତରେ ଆସି ସାରିଛନ୍ତି। କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଗତ ୬ତାରିଖରେ ଭୁବନେଶ୍ୱର, ପାରାଦୀପ, କାମାକ୍ଷାନଗରରେ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆସନ୍ତା ୧୫ତାରିଖରେ ଶାହ ପୁଣି ଓଡ଼ିଶା ଆସି ସମ୍ବଲପୁରଠାରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଆସନ୍ତା ୧୭ ତାରିଖରେ ଭଦ୍ରକ ଆସିବେ। ଏହାପରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଥିବାବେଳେ ତାରିଖ ଓ ସ୍ଥାନ ଚୂଡ଼ାନ୍ତ ହୋଇ ନ ଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ପିସିସି ସଭାପତି ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ରାହୁଲଙ୍କ ଆସନ୍ତା କାର୍ଯ୍ୟକ୍ରମ କେଉଁଠାରେ ହେବ ସେନେଇ ଚୂଡ଼ାନ୍ତ ହୋଇନାହିଁ। ହେଲେ ଜୟପୁରଠାରେ ରାହୁଲଙ୍କ ସଭା ହେବା ଏକ ପ୍ରକାର ସ୍ଥିର ହୋଇଥିବା ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ସୂତ୍ରରୁ ଜଣାପଡ଼ିଛି। ସେହିପରି ଉତ୍ତରପ୍ରଦେଶ ପୂର୍ବାଞ୍ଚଳ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସାଧାରଣ ସମ୍ପାଦିକା ଭାବେ ନିକଟରେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଓଡ଼ିଶା ଆଣିବା ପାଇଁ ରାଜ୍ୟ ନେତୃବୃନ୍ଦ ପ୍ରସ୍ତାବ ଦେଇଛନ୍ତି। ସେହିକ୍ରମରେ ପ୍ରିୟଙ୍କା ମାର୍ଚ୍ଚ ପ୍ରଥମ ସପ୍ତାହରେ ଓଡ଼ିଶା ଆସିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି।

ସେହିପରି ଓଡ଼ିଶାର ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରଚାର ମଞ୍ଚ ବହୁ କେନ୍ଦ୍ରମନ୍ତ୍ରୀ ଧରିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି। ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କ ସହ କେନ୍ଦ୍ରୀୟ ନେତାମାନେ ଆଲୋଚନା କରିବେ। ଆସନ୍ତା ୧୭ ତାରିଖରେ ରାଜନାଥ ସିଂ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଭଦ୍ରକରେ ଆଲୋଚନା କରିବେ। ସେହିପରି ଆଉ ୪ଟି ଜିଲାର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା ପାଇଁ ଯୋଗୀ ଆଦିତ୍ୟନାଥ ଓଡ଼ିଶା ଆସିବେ ବୋଲି ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି।

ଏନେଇ ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ସବୁ ଜାତୀୟ ଦଳ ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ନିଜ ନିଜର କାର୍ଯ୍ୟକ୍ରମ ଜାରି ରଖିବେ। ନିଜର କେନ୍ଦ୍ରୀୟ ନେତାଙ୍କୁ ଡାକି ଭୋଟ ହାତେଇବା ପାଇଁ ଚେଷ୍ଟା କରିବେ। ହେଲେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ରାଜ୍ୟବାସୀ ଆସ୍ଥାପ୍ରକଟ କରିସାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ରାଜ୍ୟବାସୀ ଉପକୃତ ହୋଇଛନ୍ତି। ତେଣୁ ପଞ୍ଚମ ଥର ଲାଗି ଏଠି ବିଜେଡି ସରକାରକୁ ଆସିବ। ଓଡ଼ିଶାରେ ଭାଜପାର ନିଜସ୍ୱ ଭୋଟ କହିଲେ ସେମିତି କିଛିନାହିଁ। ପଞ୍ଚାୟତ ନିର୍ବାଚନ ସମୟରେ କଂଗ୍ରେସର ଦୁର୍ବଳ ଅବସ୍ଥାର ଫାଇଦା ନେଇ ଭାଜପା କିଛିଭୋଟ ହାତେଇଥିଲା। କଂଗ୍ରେସ ଯଦି ନିଜ ସ୍ଥିତିକୁ ପୁନର୍ବାର ସୁଦୃଢ଼ କରିବାରେ ସଫଳ ହେବ ତେବେ ଭାଜପା ତୃତୀୟ ସ୍ଥାନରେ ରହିବ ବୋଲି ସମୀର କହିଛନ୍ତି।

■ ରାଉରକେଲା ଏନ୍ଆଇଟି ବୈଜ୍ଞାନିକଙ୍କ ନୂତନ ଉଦ୍ଭାବନ

# ଗ୍ରୀନ୍ ଟି କମାଇବ କୋଲେଷ୍ଟରଲ

**ରାଉରକେଲା ଅଫିସ, ୮।୨:** କୋଲେଷ୍ଟରଲ ଓ ରକ୍ତଚାପ କମାଇବା ପାଇଁ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ବୈଜ୍ଞାନିକ ନୂତନ ଉଦ୍ଭାବନ କରିଥିବା ଦାବି କରିଛନ୍ତି। ଗ୍ରୀନ ଟି, ସୋୟା ପ୍ରୋଟିନ ଓ ଦହିରେ ଥିବା ବ୍ୟାକ୍ଟେରିଆ କୋଲେଷ୍ଟରଲ ଓ ରକ୍ତଚାପ କମାଇବାରେ ସହାୟକ ହେବ ବୋଲି କୁହାଯାଇଛି। ବିଶ୍ୱରେ ଏବେ ପ୍ରାୟ ୧୦୦ କୋଟି ଲୋକ ଉଚ୍ଚ ରକ୍ତଚାପ ଓ କୋଲେଷ୍ଟରଲଜନିତ ସମସ୍ୟାରେ ଜର୍ଜରିତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ରିପୋର୍ଟ ଅନୁସାରେ ବର୍ଷକୁ ପ୍ରାୟ ୭୦ ଲକ୍ଷ ଲୋକ ଏହି ରୋଗରେ ଜୀବନ ହରାଉଛନ୍ତି। ଏପରି ଅବସ୍ଥାରେ ଏନ୍ଆଇଟି ବୈଜ୍ଞାନିକ ଏହି ରୋଗର ନିଦାନ ନେଇ ନୂତନ ଉଦ୍ଭାବନ କରିବାକୁ ସକ୍ଷମ ହୋଇଛନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି। ଏନ୍ଆଇଟି ଜୀବବିଜ୍ଞାନ ବିଭାଗ ପ୍ରଫେସର ରସୁ ଜୟାବାଲନ ଏପରି ଅନୁସନ୍ଧାନ କରିଥିବା କୁହାଯାଇଛି। ଉତ୍ତମ ପ୍ରୋବାୟୋଟିକ୍ସ ଓ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବ୍ୟାକ୍ଟେରିଆକୁ ଚିହ୍ନିବାକୁ ଅନୁସନ୍ଧାନକାରୀ ପ୍ରଯତ୍ନ


ଏନ୍ଆଇଟି ଗବେଷକ ରସୁ ଜୟାବାଲନ।

କରିଛନ୍ତି। ପ୍ରୋବାୟୋଟିକ୍ସ ସୂକ୍ଷ୍ମଜୀବୀ ଅଟନ୍ତି। ଏଥିରେ ଲେକ୍ଟୋବେସିଲ୍ସ ଭଳି ଏସିଡୋଫିଲ୍ସ ବ୍ୟାକ୍ଟେରିଆ ରହିଛନ୍ତି। ଯେଉଁମାନେ ପାଚନତନ୍ତ୍ର ପାଇଁ ଖୁବ୍ ଲାଭଦାୟକ। ଏହାଦ୍ୱାରା ରକ୍ତଚାପକୁ ନିୟନ୍ତ୍ରିତ କରାଯାଇ ପାରିବ। ଅନୁସନ୍ଧାନକାରୀ ବାଲନଙ୍କ ସହ ସାହୁ ସୌମିତା, ଭାସ୍କର ଦାସ, ଅର୍ଚ୍ଚନା ସୌନ୍ଦର୍ଯ୍ୟ ଓ ସଂଘମିତ୍ରା ସେନାପତି ଏହି ଗବେଷଣାରେ ସାମିଲ ଥିଲେ। କାନାଡ଼ାର ମ୍ୟାକଗିଲ ବିଶ୍ୱବିଦ୍ୟାଳୟର ଜଣେ ଅନୁସନ୍ଧାନକାରୀ ଦୀର୍ଘ ୧୨ବର୍ଷ ଗବେଷଣାରୁ ପ୍ରମାଣ କରିଥିଲେ ଯେ ଦହିରେ ଥିବା ବ୍ୟାକ୍ଟେରିଆ କୋଲେଷ୍ଟରଲକୁ କମାଇବାରେ ସହାୟକ ହେବ। ହେଲେ ଜୟାବଲାନ ଓ ତାଙ୍କ ଟିମ୍ ଏହି ଅନୁସନ୍ଧାରରୁ କିଛି ପାଦ ଆଗକୁ ଯାଇ ଏମିତି ପଦାର୍ଥ ତିଆରି କରିଛନ୍ତି ଯାହା ଦହିରୁ କରାଯାଇଥିବା ବ୍ୟାକ୍ଟେରିଆ, ଗ୍ରୀନ ଟି ଓ ସୋୟା ପ୍ରୋଟିନର ଏକ ମିଶ୍ରଣ। ଏମାନଙ୍କ ଅନୁସନ୍ଧାନ ସମ୍ପର୍କରେ ଫୁଡ୍ ଓ କେମେଷ୍ଟ୍ରି ପତ୍ରିକାରେ ଏକ ସନ୍ଦର୍ଭ ପ୍ରକାଶିତ ହୋଇଛି। ଅନୁସନ୍ଧାନକାରୀ ଏହି ମିଶ୍ରଣ ତିଆରି ନେଇ ଦହିରୁ ବାହାର କରାଯାଇଥିବା ବ୍ୟାକ୍ଟେରିଆକୁ କ୍ଷୀରରେ ମିଶାଇ ସେଥିରେ ସୋୟା ମିଶ୍ରଣ କରିଥିଲେ। ଏହାକୁ ପ୍ରୟୋଗ କରାଯିବା ପରେ ଏଭଳି ସତ୍ୟ ପ୍ରକାଶିତ ହୋଇଛି। ଏଥିରୁ ଜଣାଯାଇଛି ଯେ ଦହିରେ ରହିଥିବା ଲେକ୍ଟୋବେସିଲ୍ସ, ହଲୱେଟାଇକ୍ସ କୋଲେଷ୍ଟ୍ରଲ କମ୍ କରିବାକୁ ସକ୍ଷମ। ଯଦି ଏହି ମିଶ୍ରଣକୁ ୪ଡିଗ୍ରୀ ସେଲ୍ସିୟସରେ ରଖି ୧୪ଦିନ ମଧ୍ୟରେ ସେବନ କରାଯାଏ ତେବେ ଏହା ଲାଭକାରୀ ହୋଇଥାଏ। ଏନେଇ ଜୟା ବାଲାନଙ୍କ ମତ ହେଲା ଆମେ ଏକ ସୁସ୍ଥ ଓ ପ୍ରାକୃତିକ ଆହାର ତିଆରି କରିବାକୁ ଚେଷ୍ଟା କରିଛୁ ଯାହା ଚିକିତ୍ସାର ଆବଶ୍ୟକତାକୁ କମ୍ କରିବାରେ ସକ୍ଷମ ହେବ।

# ମାର୍ଚ୍ଚ ୧୦ରେ ଏସ୍ଏସ୍‌ବି ଅଧ୍ୟାପକ ପରୀକ୍ଷା

ଭୁବନେଶ୍ୱର,୮।୨(ବ୍ୟୁରୋ)

**୧୬ ପରେ ମିଳିବ ଆଡ୍‌ମିଟ କାର୍ଡ**

ରାଜ୍ୟରେ ଥିବା ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ପାଇଁ ଆସନ୍ତା ମାର୍ଚ୍ଚ ୧୦ରେ ପରୀକ୍ଷା ଅନୁଷ୍ଠିତ ହେବ। ଉଚ୍ଚ ଶିକ୍ଷା ବିଭାଗ ଅଧୀନ ଷ୍ଟେଟ୍ ସିଲେକ୍ସନ ବୋର୍ଡ(ଏସ୍ଏସ୍‌ବି) ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ ଅନୁଷ୍ଠିତ ହେବ। ଆସନ୍ତା ୧୬ତାରିଖ ପରେ ଆଡ୍‌ମିଟ କାର୍ଡ ଉପଲବ୍ଧ ହେବ। ଯଦି କୌଣସି ପରୀକ୍ଷାର୍ଥୀଙ୍କର ଏହି ପରୀକ୍ଷା ପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନ ଥିବ, ସେମାନେ ସେମାନଙ୍କ ପଇଠ ଅର୍ଥକୁ ଫେରିପାଇବେ। ଏଥିପାଇଁ ଆସନ୍ତା ୧୫ତାରିଖ ଭିତରେ ଆବେଦନ କରିବାକୁ ପଡ଼ିବ। ଯଦି ପରବର୍ତ୍ତୀ ସମୟରେ ବିଜ୍ଞପ୍ତିରେ ପ୍ରକାଶ ପାଇଥିବା ଶିକ୍ଷାଗତ ଯୋଗ୍ୟତା ନ ଥିବା ପରିଲକ୍ଷିତ ହୁଏ, ସେହି ପରୀକ୍ଷାର୍ଥୀଙ୍କୁ ରିଜେକ୍ଟ କରାଯିବ ଏବଂ ତାଙ୍କ ଟଙ୍କାକୁ ଆଉ ଫେରସ୍ତ କରାଯାଇପାରିବ ନାହିଁ। ଏ ନେଇ ଶୁକ୍ରବାର ଏସ୍ଏସ୍‌ବି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ମୋଟ ୮୩୩(ମହିଳା ୨୭୩) ସିଟ୍ ପାଇଁ ଏହି ପରୀକ୍ଷା ହେଉଛି। ସେଥିମଧ୍ୟରେ ଏସ୍‌ଟି ପାଇଁ ୧୮୩, ଏସ୍‌ସି ପାଇଁ ୧୩୨, ଏସ୍ଇବିସି ପାଇଁ ୯୦ ଓ ୟୁଆର୍ ପାଇଁ ୪୨୮ ସିଟ୍ ରହିଛି। ଏହି ନିଯୁକ୍ତି ପାଇଁ ପରୀକ୍ଷାର୍ଥୀଙ୍କୁ ଲିଖିତ ସହିତ କ୍ୟାରିୟର ଓ ମୌଖିକ ପରୀକ୍ଷା ଦେବାକୁ ପଡ଼ିବ। ମୋଟ ୨୦୦ ମାର୍କ ବିଶିଷ୍ଟ ପରୀକ୍ଷା ମଧ୍ୟରେ ଲିଖିତ ପରୀକ୍ଷା ୧୬୫ ମାର୍କର ଥିବାବେଳେ କ୍ୟାରିୟର ପାଇଁ ୨୫ ଓ ମୌଖିକ ପାଇଁ ୧୦ ମାର୍କ ରହିଛି।

ଭିଡିଓ ଭାଇରାଲ ଘଟଣା

# ବିଷ ପିଇ ଯୁବତୀଙ୍କ ବାପା ଗୁରୁତର

**ବନ୍ତଲା, ୮।୨ (ଡି.ଏନ.ଏ.):** ପ୍ରେମିକ ଭିଡିଓ ଭାଇରାଲ କରି ଦେବାରୁ ଲୋକ ଲଜ୍ଜା ଭୟରେ ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳର ଜଣେ ଯୁବତୀ ଜାନୁୟାରୀ ୩୧ ରାତିରେ ବିଷ ପିଇ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାର ତଦନ୍ତ କରି ପୋଲିସ ଗୁରୁବାର ତାଳଚେର ଗୁଡ଼ିବନ୍ଧ ରଘୁନାଥପୁର ଗ୍ରାମର ବିବାହିତ ପ୍ରେମିକ ଦୀନେଶ ସାହୁଙ୍କୁ ଗିରଫ କରିଥିଲା। ହେଲେ ଶୁକ୍ରବାର ମୃତ ଯୁବତୀଙ୍କ ବାପା ଲୋକ ଲଜ୍ଜା ସହି ନ ପାରି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିବା ପୁଣି ଚର୍ଚ୍ଚାର ବିଷୟ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବନ୍ତଲା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ପୋଲିସ ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ଥାନାରେ ଅଟକ ଥିବା ଦୁଇ ମଧ୍ୟସ୍ଥ ମହିଳା ଓ ଯୁବକଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ପୋଲିସ ଛାଡ଼ି ଦେଇଛି। ଗିରଫ ଅଭିଯୁକ୍ତ ଓ ମଧ୍ୟସ୍ଥଙ୍କଠାରୁ ଜବତ ୩ଟି ମୋବାଇଲକୁ ପରୀକ୍ଷା ପାଇଁ ଫୋରେନ୍‌ସିକ୍ ଲାବୋରେଟୋରୀକୁ ପଠାଯାଇଛି।

# ସବ୍‌ସିଡି ଅର୍ଥ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଚିଠି

**ପାଶ୍‌ୱାନଙ୍କୁ ଚିଠି**

**ଭୁବନେଶ୍ୱର,୮।୨(ବ୍ୟୁରୋ):** ରାଜ୍ୟ ସରକାର ଏଯାବତ୍ ୪୦ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିସାରିଲେଣି। ଏହି ବାବଦକୁ ଚାଷୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ୬୦୦୦ କୋଟି ଟଙ୍କା ହସ୍ତାନ୍ତର କରାଯାଇ ସାରିଲାଣି। ଧାନ ସଂଗ୍ରହର ପରିମାଣ ଅଧିକ ହୋଇଥିବାରୁ ରାଜ୍ୟ ସାଧାରଣ ବଣ୍ଟନ ନିଗମ(ଓଏସ୍‌ସିଏସ୍‌ସି) ପକ୍ଷରୁ ପ୍ରଦାନ କରାଯାଉଥିବା ଅର୍ଥ ଧାର୍ଯ୍ୟ ସୀମା ଛୁଇଁଲାଣି। ତେଣୁ କେନ୍ଦ୍ର ରାଜ୍ୟକୁ ୩୬୫୪.୪୧ କୋଟି ଟଙ୍କା ପ୍ରଦାନ କରୁ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ମନ୍ତ୍ରୀ ରାମବିଳାସ ପାଶ୍‌ୱାନଙ୍କୁ ଶୁକ୍ରବାର ଏକ ଚିଠି ଲେଖିଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ଯାଏ ଅଗ୍ରିମ ସବ୍‌ସିଡି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ରାଜ୍ୟର ଏ ବାବଦକୁ ଦେୟ ଖାଦ୍ୟ ଯୋଗାଣ ମନ୍ତ୍ରାଳୟ ପାଖରେ ବକେୟା ରହିଛି। ୨୦୦୩-୦୪ରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଏସ୍‌ସିଏସ୍‌ସି ଧାନ ସଂଗ୍ରହ କରୁଛି। ଏଥିପାଇଁ ପ୍ରଦାନ କରାଯାଉଥିବା ଅର୍ଥ ମଧ୍ୟ ଓଏସ୍‌ସିଏସ୍‌ସି ପକ୍ଷରୁ ପ୍ରଦାନ କରାଯାଉଛି। ଗତବର୍ଷ ଏହି ପ୍ରକ୍ରିୟାରେ ୭୬୦୦ କୋଟି ଟଙ୍କା ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଥିଲା। ତେଣୁ ଚଳିତ ବର୍ଷ ଅର୍ଥ ପ୍ରଦାନରେ ବିଳମ୍ବ କିମ୍ବା ବାଧା ଉପୁଜିଲେ ଚାଷୀମାନେ ପ୍ରଭାବିତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ତେଣୁ ତୁରନ୍ତ ଏହି ପ୍ରସଙ୍ଗରେ ସିଧାସଳଖ ହସ୍ତକ୍ଷେପ କରି କେନ୍ଦ୍ରମନ୍ତ୍ରୀ ପାଶ୍‌ୱାନ ଓଡ଼ିଶାକୁ ଅଗ୍ରିମ ସବ୍‌ସିଡି ଅର୍ଥ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

**QUOTATIONS FOR AUCTION** are invited for **TITILI WATER AFFECTED STOCK** in **"as it is where it is"** basis lying at:- M/s. Raghunath Traders, Bus-Stand Aska, in front of Raghunath Lodge, Kalinga Road Aska, Dist: Ganjam, Odisha: 761110, Contact Person Mr. T. Rajeswar Patro- Mobile No. 9437073972. The water affected stock can be inspected between 11 AM to 2 PM and 5 PM to 7 PM upto 14.02.2019. The quotation should reach latest by 16.02.2019 in a **sealed envelope** written as **"Quotation for Water Affected Stock'** to above by Speed Post.

# ଖବରଦାତାଙ୍କ ସ୍ୱାସ୍ଥ୍ୟବୀମା ରାଶି ୫ ଲକ୍ଷ ଟଙ୍କାକୁ ବଢ଼ିବ

**ଦୃଷ୍ଟିଆକର୍ଷଣ କଲେ ଶାସକ,ବିରୋଧୀ**

**ଭୁବନେଶ୍ୱର,୮।୨(ବ୍ୟୁରୋ):** ଖବରଦାତାମାନେ ବହୁ କଠିନ ପରିସ୍ଥିତି ଦେଇ ଗତି କରୁଛନ୍ତି। ଅନେକ ସମୟରେ ସେମାନେ ଓ ସେମାନଙ୍କ ପରିବାର ସଦସ୍ୟମାନେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଖବରଦାତାଙ୍କ ପାଇଁ ମାତ୍ର ୨ଲକ୍ଷ ଟଙ୍କାର ବୀମା ଦେବାକୁ ଘୋଷଣା କରିଛନ୍ତି। ଏହାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଉଭୟ ଶାସକ ଓ ବିରୋଧୀ ଦଳ ଦାବି କରିଥିଲେ। ରାଜ୍ୟ ସରକାର ୨ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା କରିଥିବା ବେଳେ ଏହାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦଳମତ ନିର୍ବିଶେଷରେ ସମସ୍ତ ସଦସ୍ୟ ଦାବି କରିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ଅମର ଶତପଥୀ ଖବରଦାତାମାନଙ୍କର ସ୍ୱାସ୍ଥ୍ୟବୀମାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଶୂନ୍ୟକାଳରେ ଏକ ପ୍ରସ୍ତାବ ଆଣିଥିଲେ। ଏହାକୁ ଭାଜପା ସଭ୍ୟ କନକ ବର୍ଦ୍ଧନ ସିଂଦେଓ, ରବି ନାଏକ, ବିଜେଡି ସଭ୍ୟ ମହେଶ ସାହୁ, ପ୍ରଭାତ ବିଶ୍ୱାଳ ପ୍ରମୁଖ ସମର୍ଥନ କରିବା ସହ ବୀମା ରାଶି ବଢାଇବାକୁ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏ ଦିଗରେ ଧ୍ୟାନ ଦେବାକୁ ବାଚସ୍ପତି ପ୍ରଦୀପ ଅମାତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




# କଞ୍ଚା ବେଲ କଟାଯନ୍ତ୍ର ପାଇଁ ଓୟୁଏଟିକୁ ମିଳିଲା ପ୍ୟାଟେଣ୍ଟ

**ଭୁବନେଶ୍ୱର, ୮।୨(ବ୍ୟୁରୋ):** ବେଲ ଏକ ପୁଷ୍ଟିକର ଫଳ। ଏଥିରେ ଅନେକ ଔଷଧୀୟ ଗୁଣ ରହିଛି। ବେଲର ଉପରି ଭାଗ ବା ଖୋଳ କଠିନ ହୋଇଥିବାରୁ ଏହାକୁ ଭାଙ୍ଗିବା କଷ୍ଟକର ହୋଇଥାଏ। ବେଲ ପାଚି ଗଛରୁ ଝଡି ପଡିବା ପରେ ତାହାର ସଂରକ୍ଷଣ କ୍ଷମତା କମିଯାଏ। ତେଣୁ କଞ୍ଚା ବେଲକୁ ପାକଳ ଅବସ୍ଥାରେ ପ୍ରକ୍ରିୟାକରଣ କରାଗଲେ ଏହାର ଯଥାର୍ଥ ବ୍ୟବହାର ହୋଇପାରିବ। କଞ୍ଚା ବେଲକୁ ସହଜରେ କାଟିବାକୁ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ କଞ୍ଚା ବେଲ କଟାଯନ୍ତ୍ର ଉଦ୍ଭାବନ କରାଯାଇଛି। ଏହି ଯନ୍ତ୍ର ଦ୍ୱାରା ପାକଳ ଓ କଞ୍ଚା ବେଲକୁ ଚକି ପରି ସହଜରେ କଟାଯାଇପାରିବ। ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ପ୍ରଫେସର ମହମ୍ମଦ ଖଲିଦ ଖାଁ ଓ ଡ. କଳ୍ପନା ରାୟଗୁରୁଙ୍କ ଦ୍ୱାରା ଉଦ୍ଭାବିତ ଏହି ଯନ୍ତ୍ର ପାଇଁ ଶୁକ୍ରବାର ଭାରତ ସରକାରଙ୍କ ପକ୍ଷରୁ ଓୟୁଏଟିକୁ ପ୍ୟାଟେଣ୍ଟ ପ୍ରଦାନ କରାଯାଇଛି। ଅମଳ ପରବର୍ତ୍ତୀ ଜ୍ଞାନକୌଶଳ ସମ୍ପର୍କିତ ସର୍ବଭାରତୀୟ ସଂଯୋଜିତ ପ୍ରକଳ୍ପ ମାଧ୍ୟମରେ ଉଦ୍ଭାବିତ ଏହି ଯନ୍ତ୍ର ପାଇଁ ପ୍ୟାଟେଣ୍ଟ ଅବଧି ୨୦୨୮ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିପାଇଁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଯନ୍ତ୍ର ସାହାଯ୍ୟରେ ବେଲରୁ ଅନେକ ପ୍ରକାର ମୂଲ୍ୟଯୁକ୍ତ ସାମଗ୍ରୀ ଯଥା ମୃଦୁପାନୀୟ, ଜାମ, ଟଫି, ବାର ଆଦି ପ୍ରସ୍ତୁତ କରାଯାଇପାରିବ। ଫଳରେ ଗ୍ରାମାଞ୍ଚଳର ଯୁବତୀଯୁବକମାନେ ବ୍ୟବସାୟିକ ଭିତ୍ତିରେ ବେଲ ଫଳ ପ୍ରକ୍ରିୟାକରଣ କରି ରୋଜଗାର କରିବା ସମ୍ଭବ ହୋଇପାରିବ।



## ସଂକ୍ଷେପରେ

### ଶେରଗଡ଼ କୋର୍ଟରେ ନୂତନ ମାଜିଷ୍ଟ୍ରେଟ

**ଶେରଗଡ,୮।୨(ଡି.ଏନ୍.ଏ.):** ଶେରଗଡ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ନୂତନ ମାଜିଷ୍ଟ୍ରେଟ ଭାବେ ରେଖାରାଣୀ ନାୟକ ଯୋଗ ଦେଇଛନ୍ତି। ପୂର୍ବରୁ ସେ ଢେଙ୍କାନାଳ କୋର୍ଟରେ ମାଜିଷ୍ଟ୍ରେଟ ଭାବେ କାର୍ଯ୍ୟରତ ଥିଲେ। ଶୁକ୍ରବାର ଶେରଗଡ କୋର୍ଟରେ ଯୋଗ ଦେବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାର ସାକ୍ଷ୍ୟ ଗ୍ରହଣ କରିଛନ୍ତି। ପୂର୍ବରୁ ଶେରଗଡ କୋର୍ଟରେ ଥିବା ମାଜିଷ୍ଟ୍ରେଟ ବେଦ ପ୍ରକାଶଙ୍କର ଭଞ୍ଜନଗର କୋର୍ଟକୁ ବଦଳି ହୋଇଛି। ଶୁକ୍ରବାର ମଧାହ୍ନରେ ଶେରଗଡ ଥାନା ଅଧିକାରୀ ବିଶ୍ୱରଂଜନ ନାୟକ ପୁଷ୍ପଗୁଚ୍ଛ ଦେଇ ନୂତନ ମାଜିଷ୍ଟ୍ରେଟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ଶେରଗଡ ବାର ଆସୋସିଏଶନ ପକ୍ଷରୁ ମାଜିଷ୍ଟ୍ରେଟ ନାୟକଙ୍କୁ ମଧ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ବାର ଆସୋସିଏଶନର ସଭାପତି ରାଧାକୃଷ୍ଣ ଡାକୁଆ, ସମ୍ପାଦକ ରାଘବାନନ୍ଦ ପଶୁପାଳକ, ଓକିଲ ରାମଚନ୍ଦ୍ର ଜେନାଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କ ଉଜ୍ଜ୍ୱଳ ତାଲିମ ଶିବିର

**ବୁଗୁଡ଼ା,୮।୨(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବାଲିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକମାନଙ୍କ ପାଇଁ ମଙ୍ଗଳବାର ଉଜ୍ଜ୍ୱଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଘୋଡ଼ାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଗୁଣି ଚରଣ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଏବିଇଓ ବିନୋଦ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଉଜ୍ଜ୍ୱଳ ତାଲିମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସାଧନ କର୍ମୀ ଭାବେ ଶିବିରରେ ସନ୍ତୋଷ କୁମାର ପାଗଡ଼, ବିନୋଦ ବିହାରୀ ରାଉତ, ମିଥୁନ କୁମାର ସେଠୀ ଓ ସତ୍ୟବାନ ତରେଇ ଯୋଗଦେଇ ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ତେଜସ୍ୱିନୀ ଦାଶ ଓ ଶିକ୍ଷକ କମଳ କୁମାର ପାଢ଼ୀ ଶିବିର ପରିଚାଳନା କରିଥିଲେ।

### ବିଦ୍ୟାଳୟର ବାର୍ଷିକୋତ୍ସବ

**ବୁଗୁଡ଼ା,୮।୨(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବେଠିଆବୋରଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଇଣ୍ଡିଆନ ବ୍ୟାଙ୍କ ବୁଗୁଡ଼ା ଶାଖାର ପରିଚାଳକ ଶୁଭେନ୍ଦୁ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ତାଳଶାକର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ରୂପେ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ନିରଞ୍ଜନ ଖାଡ଼ଙ୍ଗା, ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୀତାରାମ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନିଳାଦ୍ରୀ ବିହାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ■ ଛତ୍ରପୁର ଓକିଲ ସଂଘର ସାଧାରଣ ଅଧିବେଶନ

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

**ଛତ୍ରପୁର,୮।୨(ଡି.ଏନ.ଏ.)**

ରମ୍ଭା ଥାନା ଅଧୀନ ୮୯ ଗାଁ ଓ ଗଞ୍ଜାମ ତହସିଲ ଅଧୀନ ୧୨ ପଞ୍ଚାୟତର ସମସ୍ତ ଗାଁର ମାମଲାକୁ ଛତ୍ରପୁର ଏସଡିଜେଏମ୍ କୋର୍ଟ ପରିସରଭୁକ୍ତ କରିବା ଦାବି ନେଇ ୩୨ ଦିନ ଧରି ଚାଲିଥିବା ଛତ୍ରପୁର ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରହିଛି। ଦାବିଗୁଡିକ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ଶୁକ୍ରବାର ଛତ୍ରପୁର ଓକିଲ ସଂଘର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି କେ. ଶିବରାମ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଂଘର ଦାବି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଗତ ୨୨ ତାରିଖରେ ହାଇକୋର୍ଟ ମୁଖ୍ୟ ବିଚାରପତି କେ. ଏସ୍. ଝାଭେରୀଙ୍କ ସହ ପ୍ରତିନିଧି ଦଳର ଆଲୋଚନା ଓ ପ୍ରତିଶ୍ରୁତି ଅନୁଯାୟୀ ୩୦ରେ ହାଇକୋର୍ଟ ଫୁଲ୍ ବେଞ୍ଚରେ ଛତ୍ରପୁର ଓକିଲ ସଂଘର ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ଫୁଲ୍ ବେଞ୍ଚରେ ତଥ୍ୟ ସମ୍ବଳିତ ସମସ୍ତ କୋର୍ଟର ପରିସର ସୀମା ନିର୍ଦ୍ଧାରଣ କରିବା ପାଇଁ ୩ ଜଣିଆ ଜଜ୍‌ଙ୍କୁ ନେଇ କମିଟି ଗଠନ କରାଯିବାକୁ ସ୍ଥିର ହୋଇଛି। ୬ ତାରିଖରେ ଓକିଲ ସଂଘ ପ୍ରତିନିଧି ଦଳ ସହ ଆଲୋଚନା ବେଳେ ଏ ସମ୍ପର୍କରେ ଗଞ୍ଜାମ ଜିଲା ଦାୟିତ୍ୱରେ ଥିବା ଜଜ୍ ଅକ୍ଷୟ କୁମାର ରଥ ସୂଚନା ଦେଇଥିଲେ। ଦାବିର ଯଥାର୍ଥତା ରହିଛି, ଫୁଲ ବେଞ୍ଚର କମିଟି ଗଠନ ଓ ରିପୋର୍ଟ ମଗାଯାଇ କାର୍ଯ୍ୟକାରୀ କରିବା ସମୟ ସାପେକ୍ଷ। ତେଣୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ପ୍ରତ୍ୟାହାର କରିବା ପାଇଁ ଜଜ୍ ରଥ ପ୍ରତିନିଧିଦଳକୁ ପରାମର୍ଶ ଦେଇଥିଲେ। ଉପରୋକ୍ତ ତଥ୍ୟକୁ ହୃଦୟଙ୍ଗମ କରି କାର୍ଯ୍ୟବନ୍ଦ ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରଖିବାକୁ ବୈଠକରେ ସ୍ଥିର ହୋଇଛି। ଏଥିସହ ଫୁଲ୍ ବେଞ୍ଚର ତଥ୍ୟ ସଂଗ୍ରହ ଓ ଉପସ୍ଥାପନ ପାଇଁ ସମୟ ମଧରେ ଓକିଲ ସଂଘ ଉଦ୍ୟମ ଜାରି ରଖିବା ପାଇଁ ପ୍ରତିନିଧିଦଳ କଟକ ଯାଇ ଜିଲାରେ ଥିବା ପୂର୍ବତନ ଜିଲା ଜଜ୍ ଶତ୍ରୁଘ୍ନ ପୂଜାରୀ, ଦେବବ୍ରତ ଦାସ, ଚିତ୍ତରଞ୍ଜନ ଦାସଙ୍କୁ ସାକ୍ଷାତ କରିବେ। ଏଥିସହ ଜଜ୍ ରଥଙ୍କୁ ମଧ ସାକ୍ଷାତ କରିବେ ବୋଲି ସ୍ଥିର ହୋଇଛି। ସେହିପରି ବୈଠକରେ ହୋଇଥିବା ଦ୍ୱିତୀୟ ନିର୍ଦ୍ଧାରଣ ଅନୁସାରେ ବାର୍ କାଉନସିଲର ଡାକରାରେ ଆସନ୍ତା ୧୧ ଓ ୧୨ ତାରିଖରେ ଓକିଲମାନଙ୍କ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଛତ୍ରପୁର ଓକିଲ ସଂଘ ସାମିଲ ହେବ ବୋଲି ସ୍ଥିର କରାଯାଇଥିଲା। ୧୨ ତାରିଖରେ ଓକିଲ ସଂଘ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଶୁକ୍ରବାର ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ସଂଘର ସଭାପତି ରେଡ୍ଡୀଙ୍କ ସମେତ ପୂର୍ବତନ ସଭାପତି ଗୋକୁଳ ଚନ୍ଦ୍ର ପଣ୍ଡା, ସଂଘର ସାଧାରଣ ସମ୍ପାଦକ କେ. ଶ୍ୟାମ ସୁନ୍ଦର ରାଓ, ଓକିଲ ପ୍ରଦୀପ ପାଢୀ, ଡମିନାଥ ସାହୁ, ସୁମା ଦାସ, ଜିତୁନ୍ ପାଢୀ, ରାମକୃଷ୍ଣ ଦାଶ, ପ୍ରଦୀପ ପାତ୍ର, ସଞ୍ଜୟ ବେହେରା, ସମୀର ପାଣିଗ୍ରାହୀ, ଆଇ. ଚିନ୍ତାମଣି ପ୍ରମୁଖ ଅଧିବେଶନରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ଲୋକସେବା ଅଧିକାର ସଚେତନତା କାର୍ଯ୍ୟକ୍ରମ



ତହସିଲଦାର ପ୍ରଣତି ପ୍ରିୟଦର୍ଶନୀ ରାଉତଙ୍କ ସହ ଅନ୍ୟମାନେ

**ପାତ୍ରପୁର, ୮।୨(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଲୋକସେବା ସଚେତନତା କାର୍ଯ୍ୟକ୍ରମ ତହସିଲଦାର ପ୍ରଣତି ପ୍ରିୟଦର୍ଶନୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ବିଡିଓ ସଞ୍ଜୀବରାଜ ସେନାପତି, ଅତିରିକ୍ତ ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର, ଜରଡା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ, ବିଇଓ କୋରେଶ୍ୱ ସେଠୀ, ବ୍ଲକ ଉପାଦକ୍ଷ କେ. ଦାସରଥୀ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥଲେ। କାର୍ଯ୍ୟକ୍ରମରେ ଲୋକସେବା ଶିକ୍ଷା ଅଧିକାର, ତହସିଲ କାର୍ଯ୍ୟାଳୟରୁ ମିଳୁଥିବା ବିଭିନ୍ନ ପ୍ରମାଣପତ୍ର ପାଇଁ ରହିଥିବା ସେବା ଉପରେ ତହସିଲଦାର ସୂଚନା ଦେଇଥିଲେ। ପାସ୍‌ପୋର୍ଟ ସେବା ଓ ଚରିତ୍ରଗତ ପ୍ରମାଣପତ୍ର ପାଇଁ ଜରଡା ଥାନା ଅଧିକାରୀ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମୌଳିକ ଅଧିକାର ଉପେର ସାମନ୍ତିଆପଲ୍ଲୀ କଲେଜ୍‌ର ଛାତ୍ରୀଛାତ୍ର ସୂଚନା ଦେଇଥିଲେ। ପଶୁ ସମ୍ପଦ ବିଭାଗ, ଜଙ୍ଗଲ ବିଭାଗ, ମତ୍ସ୍ୟବିଭାଗ, ଜନଙ୍ଗଳ ବିଭାଗ, ଗ୍ରାମ୍ୟ ଜଳ ଯୋଗଣ ବିଭାଗର କର୍ମକର୍ତ୍ତାମାନେ ବିଭାଗରୁ ମିଳୁଥିବା ଯୋଜନା ଓ ଉପକାରିତା ଉପରେ ବୁଝାଇଥିଲେ। ନିରଞ୍ଜନ ବେହେରା, ଗଙ୍ଗାଧର ସାହୁ, ଡମ୍ବରୁ ବେହେରା ପ୍ରମୁଖ ଉପସ୍ଥିତ ଥିବାବେଳେ ସୁମିତ ପାଢ଼ୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଂଘ ଟଙ୍କା ହେରଫେରକୁ ନେଇ ଦାବିପତ୍ର ପ୍ରଦାନ

**କନିଷି,୮।୨(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ପଦ୍ମପୁର ଗ୍ରାମର ମହାଲକ୍ଷ୍ମୀ ମହିଳା ସଂଘର ସଭାନେତ୍ରୀ ସ୍ନିଗ୍ଧାରାଣୀ ପାଢ଼ୀ ଗୁରୁବାର ରଙ୍ଗେଇଲୁଣ୍ଡା ବିଡିଓ, ସମନ୍ୱୟ ଶିଶୁ ବିକାଶ ଅଧିକାରୀ, ବ୍ରହ୍ମପୁର ଉପଜିଲାପାଳ, ସ୍ଥାନୀୟ ବିଧାୟକଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ସଂଘ ଟଙ୍କା ହେରଫେରକୁ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୦-୧୧ରେ ସଂଘ ଗଠିତ ହୋଇଥିଲା। ସେତେବେଳେ ବିଜୟଲକ୍ଷ୍ମୀ ପାଣିଗ୍ରାହୀ ସଭାନେତ୍ରୀ ଥିଲେ। ତାଙ୍କ ପରେ ସ୍ନିଗ୍ଧାରାଣୀ ସଭାନେତ୍ରୀ ହୋଇ ସଂଘର ସମସ୍ତ କାଗଜପତ୍ର ଓ ପାସବୁକ ବିଜୟଲକ୍ଷ୍ମୀଙ୍କୁ ମାଗିଥିଲେ। କିନ୍ତୁ ସେ କହିଲେ ମୋ ପାଖରେ କିଛି ନାହିଁ, ସବୁ ଅଙ୍ଗନୱାଡି ଦିଦିଙ୍କ ପାଖରେ ଅଛି । ବହୁବାର ସଂଘର କାଗଜପତ୍ର ଓ ପାସବୁକ ମଗାଯାଇଥିଲେ ମଧ ସେ ଦେଉନାହାନ୍ତି। ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ପଦ୍ମପୁର ଗ୍ରାମର ଅଙ୍ଗନୱାଡି କର୍ମୀଙ୍କ ଠାରୁ ମହାଲକ୍ଷ୍ମୀ ସଂଘର ସମସ୍ତ କାଗଜପତ୍ର ଓ ପାସବୁକ ଯାଞ୍ଚ କରି ସଂଘକୁ ହସ୍ତାନ୍ତର କରି ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀଙ୍କୁ ଅଙ୍ଗନୱାଡିରୁ ଦୂରେଇ ରହିବାକୁ ଦାବିପତ୍ରରେ ଦର୍ଶାଇଛନ୍ତି। ଦାବିପତ୍ର ପ୍ରଦାନରେ କୁମାରୀ ନାୟକ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ଲୋପାମୁଦ୍ରା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରର ଏକ ମନ**
**ଚୋରିଗଲା ଲୋକର ସହସ୍ର ମନ ।**

ଚୋରର ମନ ସବୁବେଳେ ଚୋରି କରିବା ପାଇଁ ଫନ୍ଦିଫିକର ଖୋଜୁଥାଏ। ଅନ୍ଧାର ରାତିରେ ଚୋରି କରିବାକୁ ସହଜ ହେଉଥିବା ସ୍ଥଳେ ଟିକିଏ ସୁବିଧା ମିଳିଲେ ଚୋରି କରିବାରେ ପଛଘୁଞ୍ଚା ଦେଇ ନ ଥାଏ। ସେହିପରି ଯାହାର ଚୋରି ହୋଇଥାଏ ସେ ବହୁଲୋକଙ୍କୁ ଅଯଥାରେ ସନ୍ଦେହ କରିଥାଏ। କିଏ ନେଲା, କେମିତି ନେଲା, ଏପରିକି ଚୋରି ଯାଇଥିବା ଜିନିଷ କେମିତି ଫେରିପାଇବ ସେ ନେଇ ମନର ବ୍ୟସ୍ତତା ବଢ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଳକୁ ସୁନ୍ଦର ନଡ଼ା ଛପର**
**ଘରକୁ ସୁନ୍ଦର ଘରଣୀ ସାର ।**

ନଡ଼ାରେ ଛାଉଣି କରାଯାଇଥିବା ଘର ଆଖିକୁ ସୁନ୍ଦର ଦିଶିଥାଏ। ଗୃହିଣୀ ବିନା ଗୃହସ୍ଥାଶ୍ରମ ଶ୍ମଶାନ ସଦୃଶ। ଘରକୁ ସ୍ୱର୍ଗଠାରୁ ସୁନ୍ଦର କରିବାରେ ଗୃହିଣୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ସଭାରେ ଉପସ୍ଥିତ ଆଇଆଇସି ଓ ଅନ୍ୟମାନେ।

**ଧରାକୋଟ,୮।୨(ଡି.ଏନ୍.ଏ.):** ଧରାକୋଟ ଥାନା ତଥା ଆମ ପୋଲିସ ସମିତି ତରଫରୁ ଥାନା ପରିସରରେ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହାସହ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଧରାକୋଟ ଆଇଆଇସି ଶୁଭଲକ୍ଷ୍ମୀ ପୂଜାରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ଏହାସହ କେତେଜଣଙ୍କୁ ଶୀତବସ୍ତ୍ର ମଧ ପ୍ରଦାନ କରାଯାଇଥିଲା। ଆୟୋଜିତ ସଚେତନତା ସଭାରେ ଥାନାଧିକାରୀ ବରିଷ୍ଠ ନାଗରିକଙ୍କୁ ହତାଦର ନକରି ସେବା କରିବାକୁ ପରାମର୍ଶ ଦେଇଥିଲେ। କେହି ବରିଷ୍ଠ ନାଗରିକ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ତୁରନ୍ତ ଥାନାର ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଇଥିଲେ। ଆମ ପୋଲିସ ସମିତିର ବରିଷ୍ଠ ସଭ୍ୟ କବିରାଜ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ଏମ୍.ଭି.କେ. ଅଶୋକ, ଆୟୁଷ ଡାକ୍ତର ଗିରିଧାରୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

CO-OPERATIVE INADIA
Co-Operative India ଦ୍ୱାରା। P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

GET INSTANT CASH AGAINST GOLD
GOLD CASH™
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍।
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### କ୍ୟାରିୟର୍ କାଉନସେଲିଂ କାର୍ଯ୍ୟକ୍ରମ



ବ୍ରହ୍ମପୁର ଅଫିସ୍,୮।୨: ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଶୁକ୍ରବାର କ୍ୟାରିୟର୍ କାଉନସେଲିଂ ସେଲ୍ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବାଣିଜ୍ୟ ବିଷୟର ଅବସରପ୍ରାପ୍ତ ରିଡର୍ ଡ. ଭି.ଜେ ରାଓ ଯୋଗଦେଇଥିଲେ । ଏକ ବିଂଶ ଶତାବ୍ଦିରେ କ୍ୟାରିୟର୍ ଗଠନରେ ଆହ୍ୱାନ ସମ୍ପର୍କରେ ନିଜର ମତ ରଖିଥିଲେ । ଏହାକୁ କ୍ୟାରିୟର୍ କାଉନସେଲିଂ ସେଲ୍‌ର ସଂଯୋଜକ ଡ. ପ୍ରଭାତ ସାହୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ୮୦ରୁ ଅଧିକ ଛାତ୍ରୀଛାତ୍ର ଭାଗନେଇଥିଲେ । ଅତିଥି ଅଧ୍ୟାପକ ଆଶିଷ ସାହୁ, ଦୁର୍ଗାପ୍ରସାଦ ସାହୁ ଏବଂ ସନ୍ତୋଷ କୁମାର ବେହେରା ପରିଚାଳନାରେ ସହଯୋଗ କରିଥିଲେ । ରସାୟନ ବିଭାଗର ଅଧ୍ୟାପକ ଡ. ସୁନାସୀର ମିଶ୍ର ଧନ୍ୟବାଦ ଦେଇଥିଲେ ।

### ଶିକ୍ଷକଙ୍କ ଛୁଟି ଆବେଦନକୁ ନେଇ ବିବାଦ

ଭଞ୍ଜନଗର,୮।୨(ଡି.ଏନ.ଏ.): ଭଞ୍ଜନଗର ବ୍ଲକର ଜଣେ ଶିକ୍ଷକ ଛୁଟିରେ ଯିବାପାଇଁ ଆବେଦନପତ୍ର ଧରି ଶୁକ୍ରବାର ସନ୍ଧ୍ୟାରେ ବିଇଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦେଖା କରିଥିଲେ। ବିଇଓ ଆବଶ୍ୟକ କାଗଜପତ୍ର ସହ ଛୁଟି ଆବେଦନ କରିବାକୁ ଶିକ୍ଷକଙ୍କୁ କହିଥିଲେ । ଏହାକୁ ନେଇ ଶିକ୍ଷକ ଓ ବିଇଓ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ପରିସ୍ଥିତି ଜଟିଳ ଆଡ଼କୁ ଯାଉଥିବା ବେଳେ ବିଇଓ ପୋଲିସକୁ ଡ଼କାଇଥିଲେ । ପରେ ପୋଲିସ ଓ ଶିକ୍ଷକ ନେତାଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ହୋଇଛି । ୧୬ ତାରିଖରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଇଓ ଓ ଶିକ୍ଷକନେତାଙ୍କ ମଧ୍ୟରେ ଏକ ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି ।

### ପୃଥକ ଘଟଣାରେ ୨ ଗିରଫ

ଛତ୍ରପୁର,୮।୨(ଡି.ଏନ.ଏ): ପୃଥକ ଘଟଣାରେ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ଛତ୍ରପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରଛି। ସେମାନେ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଅଞ୍ଚଳର ଟି. ମୋହନ ରାଓ ଓ ଛତ୍ରପୁର ଏନଏସି କଲୋନୀର ବିଷ୍ଣୁ ବେହେରା। ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗ ପ୍ରକାରେ ନଂ.୧୬/୧୯ରେ ମାମଲା ରୁଜୁ କରି ଛତ୍ରପୁର ପୋଲିସ ମୋହନଙ୍କୁ ଛତ୍ରପୁର ପୋଲିସ ଗିରଫ କରିଥିଲା। ସେହିପରି ବେଆଇନ ମଦ କାରବାର ଅଭିଯୋଗରେ ନଂ.୧୧/୧୯ରେ ମାମଲା ରୁଜୁ କରାଯାଇ ବିଷ୍ଣୁଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଠାରୁ ୯.୬ ଲିଟର ଦେଶୀ ମଦ ଜବତ ହୋଇଥିଲା।

# ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟରେ ଉତ୍ତେଜନା

ବ୍ରହ୍ମପୁର ଅଫିସ୍,୮।୨



ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଶୀତଳାପଲ୍ଲୀସ୍ଥିତ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟରେ ଇୟର୍ ବ୍ୟାକ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଶୁକ୍ରବାର ଉତ୍ତେଜନା ଦେଖାଦେଇଛି। ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚାଲିଥିଲା। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

ଆଗକୁ ସେମିଷ୍ଟାର୍ ପରୀକ୍ଷା ଥିବାରୁ ମହାବିଦ୍ୟାଳୟରେ ବର୍ତ୍ତମାନ ଫର୍ମ ପୂରଣ ଚାଲିଛି। ତେବେ କେତେଜଣ ଛାତ୍ରୀଛାତ୍ରଙ୍କ ଇୟର୍‌ବ୍ୟାକ୍ ଏବଂ ଉପସ୍ଥାନ କମ୍ ଥିବା ଦର୍ଶାଇ ପ୍ରଥମ ବର୍ଷ ଠାରୁ ୪ର୍ଥ ବର୍ଷର ୭୭ ଛାତ୍ରଛାତ୍ରୀ ଫର୍ମ ପୂରଣ କରିପାରିବେ ନାହିଁ ବୋଲି ନୋଟିସ୍ ମରାଯାଇଛି । ଗୁରୁବାର ପ୍ରଥମ ସେମିଷ୍ଟାରର କେତେଜଣ ଛାତ୍ରୀଛାତ୍ର ଏ ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ପାଇଁ ଫର୍ମ ପୂରଣ କରିବେ ବୋଲି ଅନୁମତି ମାଗିଥିଲେ । ହେଲେ ଅଧ୍ୟକ୍ଷ ସ୍ୱାଇଁ ଏପରି ହୋଇପାରିବ ନାହିଁ ବୋଲି ଦର୍ଶାଇବାରୁ ସମସ୍ତ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ବିରୋଧ କରି ଶୁକ୍ରବାର ସମସ୍ତ ଛାତ୍ରୀଛାତ୍ର ସକାଳ ୮ଟାରେ ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିପିୟୁଟି ତରଫରୁ ଇୟର୍ ବ୍ୟାକ୍ ଏବଂ ଉପସ୍ଥାନ ନେଇ କୌଣସି ଗାଇଡ୍‌ଲାଇନ୍ ନାହିଁ । ତଥାପି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ନିୟମ ଜାରି କରିଛନ୍ତି । ଏ ନେଇ ପୂର୍ବରୁ ଅବଗତ କରା ନ ଯାଇ ହଠାତ୍ ସେମିଷ୍ଟାର ପରୀକ୍ଷା ନିମନ୍ତେ ଫର୍ମ ପୂରଣ ପାଇଁ ମନା କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ତେଣୁ ଇୟର୍ ବ୍ୟାକ୍ ଏବଂ ଉପସ୍ଥାନ ନିୟମକୁ ହଟାଇ ଫର୍ମ ପୂରଣ ପାଇଁ ଅନୁମତି ପ୍ରଦାନ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଥିଲେ । ଭାରପ୍ରାପ୍ତ ଅଧ୍ୟକ୍ଷ ଶରତ ସାହୁ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ଅଧ୍ୟକ୍ଷ ନ ଥିବା ଯୋଗୁ ପରବର୍ତ୍ତି ସମୟରେ ଏନେଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

**ଇୟର୍ ବ୍ୟାକ୍‌କୁ ନେଇ ବିକ୍ଷୋଭ**

ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ସ୍ୱାଇଁ କହିଛନ୍ତି, ବିପିୟୁଟି ନିୟମ ଅନୁଯାୟୀ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ୭୫ପ୍ରତିଶତ ରହିବା ଜରୁରୀ । ଯେଉଁମାନଙ୍କ ଉପସ୍ଥାନ କମ୍ ଅଛି, ସେମାନଙ୍କ ଇୟର୍‌ବ୍ୟାକ୍ ରହିଛି । ଛାତ୍ରୀଛାତ୍ରମାନେ ଏ ସମ୍ପର୍କରେ ଜାଣିବା ଉଚିତ ବୋଲି ସେ କହିଛନ୍ତି ।

## ଡିପଲ୍ ସ୍କୁଲ ସମ୍ମୁଖରେ ଅଭିଭାବକଙ୍କ ଧାରଣା

ବ୍ରହ୍ମପୁର ଅଫିସ୍,୮।୨

ଆମ୍ବପୁଆସ୍ଥିତ ନିୟୁ ଡିପଲ୍ ସ୍କୁଲ ସମ୍ମୁଖରେ ଅଭିଭାବକମାନେ ବିଭିନ୍ନ ଦାବିନେଇ ଶୁକ୍ରବାର ଧାରଣାରେ ବସିଛନ୍ତି । ସ୍କୁଲରେ ବିଭିନ୍ନ ଅବ୍ୟବସ୍ଥା, ଫି' ବୃଦ୍ଧିକୁ ନେଇ ଅସନ୍ତୁଷ୍ଟ ଅଭିଭାବକମାନେ ପୂର୍ବରୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଏହା ପ୍ରତିବାଦରେ ଧାରଣା ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ସକାଳ ସାଢ଼େ ୭ରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଅଭିଭାବକମାନେ ସ୍କୁଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ପ୍ରକାଶ କରିଛନ୍ତି ।

ଅଭିଭାବକଙ୍କ ଅଭିଯୋଗ ଯେ, ସ୍କୁଲରେ ଚଳିତ ବର୍ଷ ଶତକଡ଼ା ୫୦ଭାଗ ଫି' ବୃଦ୍ଧି ହୋଇଥିଲା। ଏହାକୁ ବିରୋଧ କରାଯାଇଥିଲା। ଏପରିକି ଆନ୍ଦୋଳନ ଚେତାବନୀ ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ସେହିପରି ବେଆଇନ୍ ଭାବେ ଜରିମାନା ଆଦାୟ, ଅଭିଭାବକ- ଶିକ୍ଷକ କମିଟି ଗଠନ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଲା ଭଳି କାର୍ଯ୍ୟ ହେଉଛି । ପିଲାମାନଙ୍କ ମୁଣ୍ଡରୁ କ୍ଲିପ୍ ଏବଂ ରିବନ୍ ଖୋଲିଦିଆଯାଉଛି । ଅନିଚ୍ଛା ସତ୍ତ୍ୱେ ଖ୍ରୀଷ୍ଟମାସ କାର୍ଯ୍ୟକ୍ରମରେ ପିଲାଙ୍କୁ ସାମିଲ୍ କରାଯାଉଛି ବୋଲି ଅଭିଭାବକ ସଞ୍ଜୟ କୁମାର, ବି.ଗାୟତ୍ରୀ, ପ୍ରିୟବ୍ରତ ମହାନ୍ତି, ମନୋଜ କୁମାର ମହାନ୍ତି, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରହ୍ଲାଦ ପ୍ରଧାନ, ପ୍ରଫୁଲ୍ଲ କୁମାର, ଭକ୍ତି ସେଠୀ, ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ପ୍ରକାଶ କରିଛନ୍ତି ।




ଅଭିଭାବକମାନେ ସ୍କୁଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ୩ ରାଜପଥ ଲୁଟେରା ଗିରଫ

## ବାଇକ୍, ଖଣ୍ଡା, ସୁନା ଅଳଙ୍କାର, ଟଙ୍କା ଜବତ



ଗିରଫ ୩ ହାଇୱେ ଲୁଟେରା ।

ବ୍ରହ୍ମପୁର ଅଫିସ୍,୮।୨

ବୈଦ୍ୟନାଥପୁର ଏବଂ ଗୋଷାଣୀ ନୂଆଗାଁ ଥାନା ଅଞ୍ଚଳ ରାଜପଥରେ ଘଟିଥିବା ପୃଥକ ୨ଟି ଲୁଟ୍ ଘଟଣାରେ ପୋଲିସ ଶୁକ୍ରବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧିନସ୍ଥ ଖୋଡାସିଙ୍ଗି ବ୍ରାହ୍ମଣ ସାହିର ପି.ଶିବ ଦାସ, ନୂଆ ବାଉରୀ ସାହିର ଟିକୁ ଦାସ ଓ ସଦର ଥାନା ଅଧିନ ଭାବିନୀପୁର ବଡସାହିର କୋକ ଦାସ । ସେମାନଙ୍କ ନିକଟରୁ ଗୋଟିଏ ବାଇକ୍, ଗୋଟିଏ ଖଣ୍ଡା, ସୁନା ଚେନ୍, ମୁଦି ଓ ୬ ହଜାର ଟଙ୍କା ହୋଇଛି । ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗତ ୩୧ ରାତିରେ ସାନବଜାର ଛକର ମଙ୍ଗିଲାଲ୍ ରାଠୋଡ ନରେନ୍ଦ୍ରପୁରରୁ ସ୍କୁଟି ଯୋଗେ ଫେରୁଥିବା ବେଳେ ୩ ଅଭିଯୁକ୍ତ ବାଇକ୍‌ରେ ପିଛା କରି ଖଣ୍ଡା ଦେଖାଇ ଲୁଟପାଟ କରିଥିଲେ। ଅଭିଯୁକ୍ତମାନେ ୮ ହଜାର ଟଙ୍କା, ସୁନା ଚେନ୍, ଘଣ୍ଟା ଲୁଟି ନେଇଯାଇଥିବା ୧ ତାରିଖରେ ବୈଦ୍ୟନାଥପୁର ଥାନାରେ ମଙ୍ଗିଲାଲ୍ ଏତଲା ଦେଇଥିଲେ । ଏ ନେଇ ନଂ. ୧୮/୧୯ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା । ଗୁରୁବାର ସନ୍ଧ୍ୟାରେ ଅଭିଯୁକ୍ତ କୋକଙ୍କୁ ଥାନାକୁ ଆଣି ପୋଲିସ ଜେରା କରିଥିଲା । ସେ ଅପରାଧ ସ୍ୱୀକାର କରିବା ସହ ଅନ୍ୟ ଅଭିଯୁକ୍ତ ଶିବ ଓ ଟିକୁଙ୍କ ସମ୍ପର୍କରେ କହିବାରୁ ପୋଲିସ ସେମାନଙ୍କୁ ଗିରଫ କରିଥିଲା । ଜେରା ବେଳେ ଗୋଷାଣୀନୂଆଗାଁ ଥାନା ଅଧିନସ୍ଥ ପୁରୁଣା ଖଜୁରିଆ ଠାରେ ଘଟିଥିବା ଲୁଟ୍ ଘଟଣାରେ ୩ ଅଭିଯୁକ୍ତ ସମ୍ପୃକ୍ତ ଥିବା ଜଣାପଡିଥିଲା । ୩ ତାରିଖ ରାତିରେ ହଳଦିଆପଦରରୁ ପୁରୁଣା ଖଜୁରିଆ ଗାଁକୁ ଏସ୍.ସନ୍ତୋଷ ରେଡ୍ଡୀ ନାମକ ଜଣେ ଯୁବକ ବାଇକରେ ଯାଉଥିବା ବେଳେ ୩ ଅଭିଯୁକ୍ତ ତାଙ୍କୁ ଖଣ୍ଡା ଦେଖାଇ ଭୟଭୀତ କରି ଏକ ମୋବାଇଲ ଫୋନ, ସୁନା ମୁଦି, ଓ ୪ ହଜାର ଟଙ୍କା ଲୁଟି ନେଇଥିଲେ । ଏ ନେଇ ସନ୍ତୋଷଙ୍କ ଏତଲା ପ୍ରକାରେ ଗୋଷାଣୀ ନୂଆଗାଁ ଥାନାରେ ନଂ. ୮/୧୯ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଇଥିଲା। ୩ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ବୈଦ୍ୟନାଥପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶାନ୍ତନୁଦାସ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସଡିପିଓ ବିଷ୍ଣୁପ୍ରସାଦ ପତି, ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ଓ କୁଳମଣୀ ସେଠୀ ଉପସ୍ଥିତ ଥିଲେ ।

## ସାଉଥ୍‌କୋ ସହ ଆଲୋଚନା ବିଫଳ

ବ୍ରହ୍ମପୁର ଅଫିସ୍,୮।୨

ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ତରଫରୁ ଗତ ୧୮ ତାରିଖରୁ ସାଉଥ୍‌କୋ କର୍ପୋରେଟ୍ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ୨୨ ଦିନରେ ପହଞ୍ଚିଛି । ଫଳରେ ସାଉଥ୍‌କୋର ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଶୁକ୍ରବାର ସାଉଥ୍‌କୋ ଏବଂ ସଂଘ ମଧ୍ୟରେ ଆଲୋଚନା ବୈଠକ ହୋଇଥିଲା । ସାଉଥ୍‌କୋ ତରଫରୁ ସ୍ୱୀକୃତିପ୍ରାପ୍ତ ଅଧିକାରୀ ଇଂ. ରାଧାରମଣ ପଣ୍ଡା ଏବଂ ସଂଘ ତରଫରୁ ସାଧାରଣ ସମ୍ପାଦକ କାଳୁଚରଣ ସାହୁ, କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା, ଉପସଭାପତି କେ.ମୋହନ ରେଡ଼ି, ଜବହାରଲାଲ୍ ବିଷୋୟୀ, ସହସାଧାରଣ ସମ୍ପାଦକ ନିରଞ୍ଜନ ପାତ୍ର, ପ୍ରଫୁଲ୍ଲ କୁମାର ଦାସ, ଗୌର ସାହୁ, ସିଟୁ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଶିବପ୍ରସାଦ ମହାପାତ୍ର, ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କର୍ମଚାରୀଙ୍କ ଦାବି ପୂରଣ କରାଯାଇପାରିବ ନାହିଁ ବୋଲି ସାଉଥ୍‌କୋ ଅଧିକାରୀ ଅସହାୟତା ପ୍ରକାଶ କରିଥିଲେ। ବିଶେଷକରି ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇ ପାରିବ ନାହିଁ ବୋଲି କହିଥିଲେ । ଫଳରେ ସଂଘର କର୍ମକର୍ତ୍ତାମାନେ ମଧ୍ୟ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି କହିଛନ୍ତି।

### ଜାତୀୟ ସବ୍‌ଜୁନିୟର୍ ହ୍ୟାଣ୍ଡବଲ୍

## ଓଡ଼ିଶା ଦଳରେ ଗଞ୍ଜାମର ୩ ଖେଳାଳି

ବ୍ରହ୍ମପୁର ଅଫିସ୍,୮।୨

ଆସନ୍ତା ୧୦ରୁ ୧୪ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଲକ୍ଷ୍ନୌ ଠାରେ ଜାତୀୟ ସବ୍‌ଜୁନିୟର୍ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଥିବା ଓଡ଼ିଶା ଦଳରେ ଗଞ୍ଜାମର ୩ ଖେଳାଳିଙ୍କୁ ସ୍ଥାନ ମିଳିଛି । ସେମାନେ ହେଲେ କୁସୁମି ଆଦର୍ଶ ବିଦ୍ୟାଳୟର ବର୍ଷାରାଣୀ ବେହେରା, ସିମରନ୍ ଗିଧି ଏବଂ କେ.ରୋଜା ପାତ୍ର । ଡିସେମ୍ବରରେ ପୁରୀ ଠାରେ ହୋଇଥିବା ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍‌ରେ ଏହି ୩ ଖେଳାଳି ଉନ୍ନତ ପ୍ରଦର୍ଶନ କରିଥିବାରୁ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଗଞ୍ଜାମ ଜିଲା ହ୍ୟାଣ୍ଡବଲ୍ ସଂଘର ସଭାପତି ଅଶୋକ ଶୁକ୍ଲା, ସମ୍ପାଦକ ସୁରେଶ ପାଢ଼ୀ, ଶକ୍ତିଧର ରାଜଗୁରୁ, କୋଚ୍ ପ୍ରଶାନ୍ତ ରଥ ଏବଂ ଆଦର୍ଶ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମଧୁସୂଦନ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।



ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଗଞ୍ଜାମ ଖେଳାଳିମାନେ ।

# କେଏଟିଏସ୍‌ରେ ନୂତନ ଅଧ୍ୟକ୍ଷ

ବ୍ରହ୍ମପୁର ଅଫିସ, ୮।୨

ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡା. ଈଶ୍ୱରୀ ପ୍ରସାଦ ବଡପଣ୍ଡା ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପ୍ରଫେସର ଖୁଣ୍ଟିଆ ଏହାପୂର୍ବରୁ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଫିଜିଓଲୋଜି ବିଭାଗରେ ପ୍ରଫେସର ରହିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡା. ବଡପଣ୍ଡାଙ୍କ ସମେତ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡା. ବିମଳ କୁମାର ପଣ୍ଡା, ପୂର୍ବତନ ଛାତ୍ର ସଂସଦ ସଭାପତି ଆଶୁତୋଷ କର, ସଭାପତି ଅବିରାମ ମାଝି, ସତ୍ୟ ପାଳ, ରାଜେଶ ସାହୁ, ଶାଶ୍ୱତ ମୋଦିଆ, ଅଧ୍ୟାପିକା ଅଧ୍ୟାପକ, ହାଉସ ଷ୍ଟାଫ ଓ ଅନ୍ୟ କର୍ମକର୍ତ୍ତା ମାନେ ନୂତନ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ନୂତନ ଅଧ୍ୟକ୍ଷ ଛାତ୍ରାବାସ ପରିଦର୍ଶନ କରିଥିଲେ।



ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

### ରାଜ୍ୟସ୍ତରୀୟ ବାତଜ୍ୱର ନିରାକରଣ ଔଷଧ ସେବନ

# ୪ ଜିଲାରେ ଔଷଧ ଖାଇବେ ୭୩ ଲକ୍ଷ

ବ୍ରହ୍ମପୁର ଅଫିସ୍,୮।୨

ବାତଜ୍ୱର ନିରାକରଣ ପାଇଁ ସମୁହ ଔଷଧ ସେବନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଶୁକ୍ରବାର ବ୍ରହ୍ମପୁର ଟାଉନ୍‌ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ, ଅନୁଗୋଳ, ନୟାଗଡ଼ ଏବଂ ଭଦ୍ରକରେ ଲୋକଙ୍କୁ ଶୁକ୍ରବାର ବାତଜ୍ୱର ଔଷଧ ପ୍ରଦାନ କରାଯାଉଛି। ଏହି ୪ ଜିଲାରେ ମୋଟ ୭୩ ଲକ୍ଷ ଏହା ସେବନ କରିବେ। କେହି ଯଦି ଔଷଧ ସେବନରୁ ବଞ୍ଚିତ ହୁଅନ୍ତି, ତେବେ ୯ ଏବଂ ୧୦ତାରିଖରେ ଆଶା କର୍ମୀ ଏବଂ ପୁରୁଷ ସ୍ୱେଚ୍ଛାସେବୀମାନେ ଘରକୁ ଘର ଔଷଧ ପ୍ରଦାନ କରିବେ। ପ୍ରତ୍ୟେକ ଲୋକ ଯେଭଳି ଡିଇସି ଏବଂ ଆଲ୍‌ବେଣ୍ଡାଜୋଲ୍ ଔଷଧ ଖାଇବେ ସେଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଛି।

ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର ସମୁହ ଔଷଧ ସେବନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଗଞ୍ଜାମ ଜିଲା ପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ମହାନଗର ନିଗମ (ବିଏମସି) କମିଶନର୍ ଚକ୍ରବର୍ତ୍ତି ସିଂ ରାଠୋର୍, ସ୍ୱାସ୍ଥ୍ୟ ସେବାର ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ବିପିନ ବିହାରୀ ପାଣିଗ୍ରାହୀ, ରକ୍ତ ସୁରକ୍ଷା ନିର୍ଦ୍ଦେଶକ ଡା. ସୁଶିଲ କର, ଗଞ୍ଜାମ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟର ବାହିତ ରୋଗ) ଡା. ଆର୍. ଜଗଦୀଶ ପଟ୍ଟନାୟକ, ବ୍ରହ୍ମପୁର ମହାନଗର ନିଗମର ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲଲାଟେନ୍ଦୁ ଦାସ, ମେଡ଼ିକାଲ୍ ଅଫିସର ଡା. ପି.ସି. ମହାପାତ୍ର ଏବଂ ଅବସରପ୍ରାପ୍ତ ଔଷଧ ବିଶେଷଜ୍ଞ ଡା. ଆର୍.ସି.ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉପକୁଳ ଜିଲାଗୁଡ଼ିକରେ ବାତଜ୍ୱର ଅଧିକ ଦେଖାଦେଇଥାଏ। ଏଣୁ ଏସବୁ ଜିଲାଗୁଡ଼ିକରୁ ବାତଜ୍ୱର ରୋକିବା ପାଇଁ ସମୁହ ଔଷଧ ସେବନ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଆୟୋଜିତ ହେଉଛି। ମନରେ କୌଣସି ଭ୍ରାନ୍ତ ଧାରଣା ନ ରଖି ସମସ୍ତେ ଔଷଧ ସେବନ କରିବା ଜରୁରୀ ବୋଲି ଅତିଥିମାନେ କହିବା ସହ ନିଜେ ନିଜେ ଔଷଧ ସେବନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଡା. ପ୍ରମିଳା ବରାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ମଞ୍ଚାସୀନ ଅତିଥି ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ।

**■ ୧୪,୬୫୦ଔଷଧ ବଣ୍ଟନକାରୀ ନିୟୋଜିତ**

**■ ତଦାରଖ କରିବେ ୧୪୬୫ ସୁପରଭାଇଜର୍**

ଚଳିତ ବର୍ଷ ଉପରୋକ୍ତ ୪ ଜିଲାର ୫୮ ବ୍ଲକ୍, ୨୩ ସହରାଞ୍ଚଳର ମୋଟ ୯୭୯ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଔଷଧ ପ୍ରଦାନ କରାଯିବ। ମୋଟ ୧୪,୬୫୦ଜଣଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି। କାର୍ଯ୍ୟ ତଦାରଖ ପାଇଁ ୧,୪୬୫ ସୁପରଭାଇଜର ରହିଛନ୍ତି। କାର୍ଯ୍ୟକ୍ରମ ସମ୍ପର୍କରେ ୪ ଜିଲାରେ ବ୍ୟାପକ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଛି। ୬୮ ବିଦ୍ୟାଳୟ, କଲେଜ, ଆଶ୍ରମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ମୋଟ ୧୬, ୬୦୯ଜଣଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ସେହିପରି ୬ ଚର୍ଚ୍ଚ, ୫ ମସ୍‌ଜିଦ୍, ଏବଂ ହିନ୍ଦୁଙ୍କ ୬ ଧାର୍ମିକ ସ୍ଥଳରେ ଏକ ଲକ୍ଷ ୫୨ହଜାର ଲୋକଙ୍କୁ ସଚେତନ କରାଯାଇଛି। ଏଥିସହ ୬ ଶିଳ୍ପ ସଂସ୍ଥା, ୧୨ ଟ୍ରକ୍ ଓ ବସ୍ ମାଲିକ ସଂଘ ଏବଂ ଶ୍ରମିକ ସଂଗଠନଗୁଡ଼ିକରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

## କାର୍ଯ୍ୟକ୍ରମ ଅଧାରୁ ଉଠିଗଲେ ଜିଲାପାଳ

ବ୍ରହ୍ମପୁର ଅଫିସ୍,୮।୨

ଟାଉନ ହଲ୍‌ରେ ହୋଇଥିବା ବାତଜ୍ୱର ନିରାକରଣ ପାଇଁ ସମୂହ ଔଷଧ ସେବନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହ ଜିଲା ପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ବିଏମ୍‌ସି କମିଶନର୍ ଚକ୍ରବର୍ତ୍ତି ସିଂ ରାଠୋର୍‌ଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ପ୍ରାୟ ୧୦ ଅଧିକାରୀ ମଞ୍ଚାସୀନ ଥିଲେ। ସମସ୍ତ ଅତିଥିଙ୍କୁ ବକ୍ତବ୍ୟ ରଖିବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜିକା ଡା. ପ୍ରମିଳା ବରାଳ ଜଣକ ପରେ ଜଣେ ବକ୍ତାଙ୍କୁ ଡାକିଥିଲେ। ଶେଷରେ ଜିଲାପାଳ କୁଲାଙ୍ଗେଙ୍କ ବକ୍ତବ୍ୟ ରହିଥିଲା। ପୂର୍ବ ବକ୍ତାମାନଙ୍କ ଦୀର୍ଘ ସମୟ ବକ୍ତବ୍ୟରେ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ । ଅନ୍ୟ କେତେକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଥିବାରୁ ଜିଲାପାଳ ଅଧିକ ବକ୍ତାଙ୍କୁ ନ ଡାକି, ଔଷଧ ସେବନ କରି କାର୍ଯ୍ୟକ୍ରମ ସାରିବାକୁ ସିଡିଏମ୍‌ଓ ଡା. ସଦାନନ୍ଦ ମିଶ୍ରଙ୍କୁ ପରାମର୍ଶ ଦେଇଥିଲେ। ତଥାପି ବକ୍ତବ୍ୟ ଜାରି ରହିବାରୁ ଜିଲାପାଳ ବିରକ୍ତି ପ୍ରକାଶ କରି କାର୍ଯ୍ୟକ୍ରମ ଅଧାରୁ ଉଠିଯାଇଥିଲେ। ପରେ ସେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିବାର ଅଛି, ଅଧଘଣ୍ଟା ମଧ୍ୟରେ କାର୍ଯ୍ୟାଳୟକୁ ଆସିବାକୁ ସିଡିଏମ୍‌ଓ ଡା. ମିଶ୍ରଙ୍କୁ କହିଥିବା ଦେଖାଯାଇଥିଲା।

## ସଂକ୍ଷେପରେ

### ବଇଁଚ ବଣିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ହିଞ୍ଜିଳିକାଟୁ, ୮।୨(ଡି.ଏନ୍.ଏ):** ପୌରାଞ୍ଚଳର ନବନିର୍ମିତ କୋର୍ଟ କୋଠା ନିକଟ ପଡ଼ିଆରେ ବଇଁଚ ବଣିଆ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ ଅଧକ୍ଷ ଏନ୍. ରଘୁନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌର ଉପାଧକ୍ଷ ସୁବାସ ପଲେଇ, ହିଞ୍ଜିଳି ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ, ପ୍ରେସ୍ କ୍ଲବ ସଭାପତି ପ୍ରିୟଦର୍ଶୀ ପଟ୍ଟନାୟକ, ସମାଜସେବୀ ପ୍ୟାରୀ ମୋହନ ପାଢ଼ୀ, କାହ୍ନୁ ଚରଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଗ୍ରୀନ-୧୫ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ଟସ୍ ଜିଣି ୧୨ଓଭରରେ ୧୨୨ରନ କରିଥିବା ବେଳେ ଜାଗୁଆର କ୍ରିକେଟ କ୍ଲବ ବ୍ରହ୍ମପୁର ୧୧.୨ ଓଭରରେ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ମ୍ୟାଚକୁ ବଇଁଚ ବଣିଆ କ୍ରିକେଟ କ୍ଲବର ଜଗନ୍ନାଥ ସାହୁ, ବିଶ୍ୱଜିତ ସାହୁ, ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବ୍ୟବସାୟୀଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୮।୨(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ଶୁକ୍ରବାର ମୁଷୁଣ୍ଡା ଗ୍ରାମର ଲିଟୁ ଗୌଡ଼ଙ୍କୁ କୋର୍ଟଚାଲାଣ କରିଛି। ଥାନା ମାମଲା ନଂ. ୨୧/୧୯ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଲିଟୁଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ପଥରକ୍ୱାରି ମାଲିକାନାକୁ କେନ୍ଦ୍ରକରି ବୁଧବାର ସନ୍ଧ୍ୟାରେ ଲିଟୁ ପଦ୍ମନାଭପୁର ଗ୍ରାମର ଯୁବ ବ୍ୟବସାୟୀ ଟି. କାଳିଆ ରାଓ ଓ ତାଙ୍କ କର୍ମଚାରୀ ରାମଚନ୍ଦ୍ର ଗୌଡ଼ଙ୍କୁ ମାଡ଼ ମାରିଥିଲେ। କାଳିଆଙ୍କ ଏତଲାକ୍ରମେ ପୋଲିସ ଅଭିଯୁକ୍ତଙ୍କ ନାଁରେ ମକଦ୍ଦମା ରୁଜୁ କରିବା ସହ ତାଙ୍କୁ ଘରୁ ଉଠାଇ ଥାନାରେ ଅଟକ ରଖିଥିଲେ। କାଳିଆ ମୁଷୁଣ୍ଡା ଗ୍ରାମ ନିକଟରେ ଏକ ଷ୍ଟୋନ କ୍ରଶର ୟୁନିଟ କରିଛନ୍ତି। ନିକଟସ୍ଥ ଚକାତେନ୍ତୁଳି ପାହାଡ଼ ପଥରକ୍ୱାରିରୁ ସେ ତାଙ୍କ କ୍ରଶର ପାଇଁ ପଥର ଖଣ୍ଡ ସଂଗ୍ରହ କରୁଥିଲେ। ଲିଟୁ ପାହାଡ଼ରେ ବେଆଇନ ଭାବେ ପଥରକ୍ୱାରି କରି ତାଙ୍କ ବ୍ୟବସାୟ ଚଳାଇଥିଲେ। ପାହାଡ଼ରେ ବେଆଇନ ପଥର ବ୍ଲାଷ୍ଟିଂକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ପୂର୍ବରୁ ତିକ୍ତତା ଲାଗି ରହିଥିଲା ବୋଲି ତଦନ୍ତକାରୀ ପୋଲିସ ଏସଆଇ ମଧୁସ୍ମିତା ପ୍ରଧାନ ଜଣାଇଛନ୍ତି।

### ହରିହର ଭେଟ ପ୍ରସ୍ତୁତି ବୈଠକ

**ଖଲ୍ଲିକୋଟ,୮।୨(ଡି.ଏନ୍.ଏ.):** ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତ ପରିସରରେ ହରିହର ଭେଟଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ରବି ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗୁପ୍ତେଶ୍ୱର ମହାଦେବଙ୍କ ପୀଠରେ ଚଳିତ ବର୍ଷ ଶ୍ରୀକୃଷ୍ଣଶରଣପୁର ଶାସନରେ ଥିବା ଶକଳେଶ୍ୱର ମହାଦେବଙ୍କ ଚଳନ୍ତି ବିଗ୍ରହ ସାହି ପରିକ୍ରମା କରି ଶୋଭାଯାତ୍ରାରେ ଗୁପ୍ତେଶ୍ୱରପୀଠରେ ପହଞ୍ଚି ହରିହର ଭେଟଯାତ୍ରା ହୋଇଥିଲା। କେଶପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ମିଟୁ ପରିଡ଼ା, ବାବୁଲା ପରିଡ଼ା, ଯାତ୍ରା କମିଟି ସମ୍ପାଦକ ଦୟାନିଧି ମହାରଣା, ଶ୍ରୀକୃଷ୍ଣଶରଣପୁର ଶାସନର ଭିକାରି ଚରଣ ନନ୍ଦ, ରାମଚନ୍ଦ୍ରପୁର ଗ୍ରାମର ଭିକାରି ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ମାଘ ମାସ ଶୁକ୍ଳପକ୍ଷ ସପ୍ତମୀତିଥି ମଙ୍ଗଳବାର ଏହା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

### ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ

**ଆର.ଉଦୟଗିରି,୮।୨(ଡି.ଏନ.ଏ.):** ନୂଆଗଡ଼ ବ୍ଲକ ସମ୍ବଲପୁର ପଞ୍ଚାୟତର ଗୁଡ଼ା ଗ୍ରାମର ଆମ୍ବତୋଟାରେ ବୁଧବାର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ ବିଜେଡି ବ୍ଲକ ସଭାପତି ସୁଦାମ ଶବରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ଗମାଙ୍ଗ, ସମିତିସଭ୍ୟା ପାରମିତା ଶବର, ନାଏବ ସରପଞ୍ଚ ଆବିଦିନ୍ ରଇତ ଓ ଏମ୍‌ପି ପ୍ରତିନିଧି ଜେମସ୍ ରାଇକା ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା ହେବା ସହ ସମସ୍ତ ଜନସାଧାରଣ ଯୋଜନା ସମ୍ପର୍କରେ ଯେପରି ଜାଣିପାରିବେ ସେ ନେଇ ୱାର୍ଡ କମିଟି କାମ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସମସ୍ତ ୱାର୍ଡର ବହୁ ମହିଳା, ପୁରୁଷ ଓ ପଞ୍ଚାୟତର ସଭାପତି ଏବଂ ସମ୍ପାଦକ ପ୍ରମୁଖ ଯୋଗ ଦେଇଥିଲେ।

---

କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

# ତଦନ୍ତ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଜି.ଉଦୟଗିରି,୮।୨(ଡି.ଏନ.ଏ.)**


ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ।

ଜି.ଉଦୟଗିରି ଥାନା କଳିଙ୍ଗା ଛକ ସ୍ଥିତ ଏକ କୂଅରୁ ଶୁକ୍ରବାର ୧୫ ଦିନ ଧରି ନିଖୋଜ ଥିବା ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ମୃତକ ହେଲେ ଟିକାବାଲି ଥାନା ଚକାପାଦ ବ୍ଲକ ବେହେରାଗାଁ ପଞ୍ଚାୟତ ସୁନାପାଙ୍ଗା ଗ୍ରାମର ଅବିନାଶ ଦିଗାଲ (୧୯)। ମୃତ୍ୟୁର ତଦନ୍ତ ଓ ଉପଯୁକ୍ତ ନ୍ୟାୟ ପ୍ରଦାନ ସହ ସରକାରୀ ସାହାଯ୍ୟ ଦାବିରେ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଉତ୍ତ୍ୟକ୍ତ ଲୋକେ ଫୁଲବାଣୀ-କଳିଙ୍ଗା ରାସ୍ତା ଅବରୋଧ କରିଥିଲେ। ଜି.ଉଦୟଗିରି ପୋଲିସ ଏସଡିପିଓ ଜୟକୃଷ୍ଣ ବେହେରା, ଜି.ଉଦୟଗିରି ଥାନାଧିକାରୀ ଲକ୍ଷ୍ମଣ ସେଠୀ, ଜି.ଉଦୟଗିରି ତହସିଲଦାର ଭିକାରୀ ସାହୁ ଓ ଟିକାବାଲି ଥାନାଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା ।

ପ୍ରକାଶ ଯେ, ଯୁକ୍ତ ୨ ପଢୁଥିବା ଅବିନାଶ କିଛି ମାସ ହେବ ଗୋଆରେ ରହୁଥିଲେ। ଜାନୁୟାରୀ ୨୫ରେ ଗୋଆରୁ ଆସି ବ୍ରହ୍ମପୁରରେ ପହଞ୍ଚିଥିଲେ। ଅପରାହ୍ନ ୪ଟାରେ ଶେଷଥର ପାଇଁ ମା'ଙ୍କ ସହିତ କଥା ହୋଇଥିଲେ। ପରେ ତାଙ୍କ ସହ ଯୋଗାଯୋଗ ନ ହେବାରୁ ଅବିନାଶ ନିଖୋଜଥିବା ଗତ ୨୬ ତାରିଖରେ ପରିବାର ଲୋକେ ଟିକାବାଲି ଥାନାରେ ଜଣାଇଥିଲା । ଶୁକ୍ରବାର କଳିଙ୍ଗା ଛକ ନିକଟରେ ପନିପରିବା ଚାଷ ପାଇଁ ପମ୍ପ ଲଗାଯାଇଥିବା ଏକ କୂଅରୁ ମଟର ଯୋଗେ ପାଣି ନ ଆସିବା ଓ କୂଅ ନିକଟ ଦୁର୍ଗନ୍ଧ ହେବା ଜାଣି ଲୋକମାନେ ଦେଖିଲା ବେଳେ ଏକ ମୃତଦେହ ଭାସୁଥିଲା। ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଜି.ଉଦୟଗିରି ତହସିଲଦାର ଭିକାରୀ ସାହୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରାଥମିକ ସହାୟତା ଦେଇଛନ୍ତି।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

**ବ୍ରହ୍ମପୁର ଅଫିସ୍,୮।୨**

୩୦ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ବ୍ରହ୍ମପୁର ପୋଲିସ ଜିଲା ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଶୁକ୍ରବାର ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ଯାନବାହାନରେ ପରିବହନ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସଡିପିଓ ବିଷ୍ଣୁପ୍ରସାଦ ପତି ଓ ଏମ୍‌ଭିଆଇ ସମୀର କୁମାର ଦଳାଇ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ଟାଉନ୍ ଥାନା ଆଇଆଇସି ନିହାର ରଞ୍ଜନ ପ୍ରଧାନ ମଞ୍ଚାସୀନ ଥିଲେ। ଟ୍ରାଫିକ୍ ଥାନା ଆଇଆଇସି ଏସ୍.କିଷାନ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଛାତ୍ରୀଛାତ୍ର ଘରୁ ଶିକ୍ଷାନୁଷ୍ଠାନ ଯିବାବେଳେ ରାସ୍ତାରେ କିଭଳି ସତର୍କତା ଅବଲମ୍ବନ କରିବେ ସେ ନେଇ ସଚେତନ କରାଯାଇଥିଲା । ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ନେଉଥିବା ଯାନବାହାନର ଫିଟ୍‌ନେସ୍ ନିୟମିତ ଯାଞ୍ଚ କରିବା ସହିତ ପରିବହନ ପରିଚାଳନା ନେଇ ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡିକରେ କମିଟି ଗଠନ କରିବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଶିକ୍ଷାନୁଷ୍ଠାନକୁ ୨୦ ବର୍ଷରୁ କମ୍ ଛାତ୍ରୀଛାତ୍ର ଗାଡିମୋଟର ନେଇ ଆସିଲେ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରିବା ସହିତ ଅଭିଭାବକମାନଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ନିୟମ ଖିଲାପ ହେଲେ ଅଭିଭାବକ ତଥା ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା । କର୍ମଶାଳାରେ ବ୍ରହ୍ମପୁର ସହର ତଥା ଆଖପାଖ ରହିଥିବା ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ଓ ଯାନବାହାନ ଚାଳକମାନେ ଅଂଶ ଗ୍ରହଣ କରିଥିଲେ ।

## ବିଜୁ କନ୍ୟାରତ୍ନ ଯୋଜନା ସଚେତନତା ମାରାଥନ, ସଭା

**ବୁଗୁଡ଼ା,୮।୨(ଡି.ଏନ.ଏ.)**

ବୁଗୁଡ଼ା ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ସୌଜନ୍ୟରେ ଶୁକ୍ରବାର ବୁଗୁଡ଼ାରେ ବିଜୁ କନ୍ୟାରତ୍ନ ଯୋଜନାର ସଚେତନତା ମିନି ମାରାଥନ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ତରଫରୁ ସ୍ଥାନୀୟ ବିରଞ୍ଚି ନାରାୟଣ ମନ୍ଦିରରୁ ବିରଞ୍ଚି ନାରାୟଣ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ, ଅଙ୍ଗନୱାଡି କର୍ମୀ, ଅଞ୍ଚଳ ପରିଦର୍ଶିକା, ସିଡିପିଓ ପ୍ରମୁଖ ଶୋଭାଯାତ୍ରାରେ ବାହାରି ମିନି ମାରାଥନ ଯୋଗେ ବୁଗୁଡ଼ା ସହର ପରିକ୍ରମା କରି ଆମରି କନ୍ୟା-ଆମର ରତ୍ନ, ଆମେ ସମସ୍ତେ ନେବାରେ ଯତ୍ନ ସ୍ଲୋଗାନ ଦେଇ ବିଜୁ କନ୍ୟା ରତ୍ନ ଯୋଜନାର ସଚେତନତା କରାଇଥିଲେ। ସିଡିପିଓଙ୍କ କାର୍ଯ୍ୟାଳୟ ସଭାଗୃହରେ ସଚେତନତା ସଭା ସିଡିପିଓ ରଞ୍ଜିତା ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ଶିଶୁ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସିଡିପିଓ ନଳିନୀ ମହାରଣା, ମମତା ପଣ୍ଡା, ରେଣୁକା ପଟ୍ଟନାୟକ, ସରସ୍ୱତୀ ତ୍ରିପାଠୀ ଯୋଗ ଦେଇ ସଚେତନତା କରାଇଥିଲେ। ଏଥିସହ ବୁଗୁଡ଼ା ବ୍ଲକରେ ପୁଅ ସଂଖ୍ୟା ଅପେକ୍ଷା ଝିଅଙ୍କ ସଂଖ୍ୟା କମ୍ ହେଉଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ କନ୍ୟାଭ୍ରୁଣ ହତ୍ୟାକୁ ବିରୋଧ ଓ କନ୍ୟା ସନ୍ତାନଙ୍କ ପ୍ରତି ଉତ୍ତମ ସୁରକ୍ଷା ଦିଗରେ ଦୃଷ୍ଟିଦେବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରାଶନ କାର୍ଡ ତାଲିକାରୁ ବଞ୍ଚିତ ଅଭିଯୋଗ


ରାଶନ କାର୍ଡରୁ ବଞ୍ଚିତ ମହିଳାମାନେ।

**ଗଞ୍ଜାମ,୮।୨(ଡି.ଏନ୍.ଏ.)**

ଗଞ୍ଜାମ ଏନ୍‌ଏସି ୱାର୍ଡ ନଂ. ୮ରେ କିଛି ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ୱାର୍ଡର ୨ ବିଧବା ପବିନୀ ତରାଇ ଏବଂ ରମି ସ୍ୱାଇଁଙ୍କୁ ମଧ୍ୟ ରାଶନ କାର୍ଡ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଶୁକ୍ରବାର ମହିଳାମାନେ ତହସିଲ କାର୍ଯ୍ୟାଳୟ ଯାଇ ତହସିଲଦାର ଅବନୀ କୁମାର ସାହୁଙ୍କୁ ଭେଟି ଆମ ନାଁରେ କାର୍ଡ ଆସିଥିଲେ ମଧ୍ୟ ଆମକୁ ଦିଆଯାଉନଥିବା କହିଛନ୍ତି। ୱାର୍ଡ ନଂ. ୮ ପୁଇଁତୋଳାର ବବିତା ପଲାଇ, ସୁପ୍ରଭା ରଣା, ଭବାନୀ ପଲାଇ, ଲିଙ୍କି ପଲାଇ ପ୍ରମୁଖ ରାଶନକାର୍ଡ ପାଇବାକୁ ଆମେ ଯୋଗ୍ୟ ଏବଂ ତଦନ୍ତ କରିବାକୁ ସେମାନେ ତହସିଲଦାରଙ୍କ ପାଖରେ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ସାହୁଙ୍କୁ ପଚାରିବାରୁ ଅଭିଯୋଗ ପାଇଛି, ବ୍ଲକ ଯୋଗାଣ ନିରୀକ୍ଷକ ଏବଂ ଏଆର୍‌ଆଇଙ୍କୁ ପଠାଇ ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଏ ନେଇ ସୁମିତା ଦଳାଇ ଜିଲାପାଳଙ୍କୁ ଭେଟି ରାଶନକାର୍ଡ ପାଇନଥିବା କହିଥିଲେ। ତୁମର କାର୍ଡ ଆସିଛି ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।


## ସେଲ୍‌ଫି କର୍ଣ୍ଣର


ବସନ୍ତ


ବୁବୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)


ବ୍ରହ୍ମପୁର ଗେଟବଜାର ଠାରେ ଜଣେ ଶିଳ୍ପୀ ମା'ସରସ୍ୱତୀଙ୍କ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି । (ଫଟୋ-ସମୀର ରଥ)

# ଆନନ୍ଦ ମାର୍ଗ ପକ୍ଷରୁ ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ,୮।୨**

ବ୍ରହ୍ମପୁରରେ ଆନନ୍ଦ ମାର୍ଗର ୩ ଦିନିଆ ସାମାଜିକ, ଆଧାତ୍ମିକ ଓ ଯୋଗ ଶିକ୍ଷା ଆଲୋଚନାଚକ୍ର ଶୁକ୍ରବାର ଉଦଘାଟିତ ହୋଇଛି। ବର୍ତ୍ତମାନ ବିଜ୍ଞାନର ପରିପ୍ରସାର ହୋଇଛି ଏବଂ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି । ତଥାପି ଦେଶରେ ଗରିବ ଓ ଧନୀଙ୍କ ମଧ୍ୟରେ ବିଷମତା, ତାରତମ୍ୟ ଦିନକୁଦିନ ବଢ଼ିଚାଲିଛି । ଆର୍ନ୍ତଜାତୀୟ ଖ୍ୟାତିସମ୍ପନ୍ନ ଯୋଗ ଓ ଆଧାତ୍ମିକ ପ୍ରବୀଣ ଆଚାର୍ଯ୍ୟ ପ୍ରିୟତୋଷାନନ୍ଦ ଅବଧୂତ ପ୍ରଶିକ୍ଷକ ଭାବେ ଯୋଗଦେଇ ଉପରୋକ୍ତ ମତ ପ୍ରକାଶ କରିଥିଲେ। ତ୍ରୁଟିପୂର୍ଣ୍ଣ ଅର୍ଥନୀତି, ଗୋଷ୍ଠୀଭିତ୍ତିକ ଚିନ୍ତାଧାରା, ସଂକୀର୍ଣ୍ଣ ମନୋଭାବ, ଅନ୍ଧବିଶ୍ୱାସ, ଦୁର୍ନୀତି, ଶୋଷଣ ମନୋବୃତ୍ତି ଏବଂ ନୀତିବାଦୀ ନେତୃତ୍ୱର ଅଭାବ ଏହାର ମୂଳ କାରଣ ହୋଇଥିବା ସେ ଦର୍ଶାଇଥିଲେ । ତେଣୁ ସମାଜରେ ଅସମତା ଓ ନିରାଶର ଭାବ ଦେଖା ଦେଇଥିବା ସୂଚାଇଥିଲେ ।

ଆଲୋଚନାଚକ୍ରରେ ଦେଶ ବିଦେଶର ସାଧୁମାନେ ଯୋଗ ଦେଇଛନ୍ତି । ମାନବୀୟ ବ୍ୟକ୍ତିତ୍ୱ, ମାନସିକ ଶାନ୍ତି ନିମନ୍ତେ ବିଜ୍ଞାନ ସମ୍ମତ ଅଷ୍ଟାଙ୍ଗ ଯୋଗ ସାଧନା ଦ୍ୱାରା ଆଧାତ୍ମିକ ବିକାଶ ନେଇ ୩ ଦିନ ଧରି ବ୍ୟାପକ ଆଲୋଚନା ହେବ। ଆନନ୍ଦ ମାର୍ଗର ପ୍ରତିଷ୍ଠାତା ଶ୍ରୀ ଆନନ୍ଦ ମୂର୍ତ୍ତିଜୀଙ୍କ ପ୍ରଣିତ ପୂର୍ଣ୍ଣାଙ୍ଗ ଓ ସାର୍ବଜନୀନ ଜୀବନ ଦର୍ଶନ ଦ୍ୱାରା ମାନବ ସମାଜକୁ ଧ୍ୱଂସମୁଖରୁ କିଭଳି ରକ୍ଷା କରିବ ଏବଂ ଦିବ୍ୟ ମାନବବାଦୀ ସମାଜ ପ୍ରତିଷ୍ଠା ହୋଇପାରିବ ସେନେଇ ଶିବିରାର୍ଥୀମାନଙ୍କୁ ସଚେତନ କରାଯିବ । ଯୋଗ ଶିବିରରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଥିଲେ । ଉତ୍କଳ ସମାଜ ରାଜ୍ୟ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ କୁଶ ବେହେରା, ପ୍ରାନ୍ତୀୟ ସମ୍ପାଦକ ଆଚାର୍ଯ୍ୟ ନବ ଅରୁଣା ନନ୍ଦ, ସମ୍ବଲପୁର ପ୍ରତିନିଧି ଆଚାର୍ଯ୍ୟ ରଣ ଦେବାନନ୍ଦ, ଭୁବନେଶ୍ୱରର ଆଚାର୍ଯ୍ୟ ପ୍ରଭୃଦ୍ରା ନନ୍ଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଯୋଗ ଶିବିରକୁ ରାଷ୍ଟ୍ରୀୟ ଫେଡେରେସନ ସମ୍ପାଦକ ଆଚାର୍ଯ୍ୟ ବିଦ୍ୟାନନ୍ଦ ଉଦଘାଟନ କରିଥିଲେ । ଆବାହକ ସୂର୍ଯ୍ୟ ନାରାୟଣ ବେହେରା, ପ୍ରଗତିଶୀଳ କୋଶଳ ସମାଜ ସମ୍ପାଦକ ଦିଲୀପ ପଣ୍ଡା ପ୍ରମୁଖ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ ।

# କଂଗ୍ରେସର ଜୋନସ୍ତରୀୟ ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୮।୨**



କଂଗ୍ରେସ କର୍ମୀ ସମ୍ମିଳନୀରେ ମଞ୍ଚାସୀନ ନେତାମାନେ।

ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଗୋପାଳପୁରରେ ୫୫ନଂ ଜୋନ ସ୍ତରୀୟ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରରେ ନରେନ୍ଦ୍ର ମୋଦି ଏବଂ ରାଜ୍ୟରେ ନବୀନ ପଟ୍ଟନାୟକ ସରକାର ଗରିବ ବିରୋଧୀ ବୋଲି ଏଥିରେ କଡ଼ା ସମାଲୋଚନା କରାଯାଇଥିଲା । ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ଓ ବିଜେଡିକୁ ହଟାଇ ରାଜନୀତିରେ ପରିବର୍ତ୍ତନ ପାଇଁ କର୍ମୀମାନେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା । ଜିଲା କଂଗ୍ରେସ ସଭାପତି ଡ଼ା. ତ୍ରିନାଥ ବେହେରା ଏଥିରେ ଯୋଗ ଦେଇ ମୋଦି ସରକାର ଦେଶର ବଡ଼ ବଡ଼ ପୁଞ୍ଜିପତିଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବା କଟାକ୍ଷ କରିଥିଲେ। ଏହି କର୍ପୋରେଟ ସ୍ୱାର୍ଥବାଦୀ ସରକାରକୁ ସମୁଦ୍ରରେ ଫିଙ୍ଗି ଦେବାକୁ ବେହେରା ପରାମର୍ଶ ଦେଇଥିଲେ ।

ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଭାଷଣ ପ୍ରସଙ୍ଗରେ ରାଜ୍ୟ ବିଜେଡି ସରକାର କାଳିଆ ଯୋଜନା ମାଧ୍ୟମରେ ହରିଲୁଟ କରିବାର ବାଟ ଫିଟାଇଛନ୍ତି ବୋଲି ସମାଲୋଚନା କରିଥିଲେ । ତିତଲି କ୍ଷତିଗ୍ରସ୍ତଙ୍କୁ ଏଯାଏ ସହାୟତା ଦେବାରେ ବିଫଳ ବିଜେଡି ସରକାର ଭୋଟ ରାଜନୀତି ପାଇଁ ପ୍ରତିଦିନ ନୂଆ ପ୍ୟାକେଜ ଘୋଷଣା କରି ଲୋକଙ୍କୁ ଭୂଆଁ ବୁଲାଉଥିବା ସେ ଅଭିଯୋଗ କରିଥିଲେ। ସେହିପରି ସ୍ଥାନୀୟ ବିଧାୟକ ବିଜୁ ଗୁଣ୍ଡା ବାହିନୀ ଦ୍ୱାରା ଆତଙ୍କ ଚଳାଇଥିବା ଦର୍ଶାଇଥିଲେ ।

ସମ୍ମିଳନୀରେ ଗୋପାଳପୁର ଏନଏସିର ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଜୋନ ସଭାପତି ମୋହନ ରେଡ୍ଡୀ ଓ ଏନଏସି କଂଗ୍ରେସ ସଭାପତି ଏମ. ମଧୁ ସମ୍ମିଳନୀ ସଂଯୋଜନା କରିଥିଲେ। ଏସ. ଧର୍ମାରାଜୁ ରେଡ୍ଡୀ, ଭୋକାଲି ସେଠୀ, ସୁଦର୍ଶନ ଖୁଣ୍ଟିଆ, ଉମାକାନ୍ତ ସାସମଲ, ଗୋକୁଳ କର ପ୍ରମୁଖ ଉପସ୍ଥିତ କର୍ମୀଙ୍କୁ ମାର୍ଗଦର୍ଶନ ଦେଇଥିଲେ । ରାମରାଓ ରେଡ୍ଡୀ, ଆର. କାଶି କ୍ରିଷ୍ଣାରାଓ, ଚନ୍ଦ୍ରଶେଖର ରାଓ, ଏସ. ମେନକା ରେଡ୍ଡୀ, ପ୍ରିୟା ମାଝୀ, ଉମା ରେଡ୍ଡୀ, ଶିବାରାଓ, ନାଲୁ ନାୟକ ପ୍ରମୁଖ ସାଙ୍ଗଠନିକ ଆଲୋଚନାରେ ଭାଗ ନେଇଥିଲେ। ଅନେକ ମତ୍ସ୍ୟଜୀବୀ ଯୋଗ ଦେଇଥିଲେ ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ୯ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### ଆସିକା ପୋଲିସ ପକ୍ଷରୁ ରୋଡ୍ ବ୍ଲକିଂ

ଆସିକା,୮।୨(ଡି.ଏନ୍.ଏ.): ଭଞ୍ଜନଗରଠାରେ ଗୁରୁବାର ସନ୍ଧ୍ୟାରେ ସିରିଜ୍ ବୋମା ବିସ୍ଫୋରଣ ଘଟଣା ପରେ ଶୁକ୍ରବାର ଆସିକା ପୋଲିସ ପକ୍ଷରୁ ଅପରାଧୀ ଧରପଗଡ଼ ଅଭିଯାନକୁ ଜୋର୍‌ଦାର କରାଯାଇଛି। ଅପରାହ୍ନରେ ଆସିକା ସହରର ବିଭିନ୍ନ ପ୍ରବେଶ ପଥ ଚାରି ମାଇଲି ଛକ, କଇଁଫୁଲିଆ ଛକ, ଝଗଡି ଛକ ପାକଲାପଲ୍ଲୀ ଛକ, ତାଳଶଣ୍ଢପୁର ଛକ, କୁମାର ସାହି ଛକରେ ପୋଲିସ ପକ୍ଷରୁ ଯାନବାହାନ ଯାଞ୍ଚ ଚାଲିଥିବା ଆସିକା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ସ୍ଥାନୀୟ ପୋଲିସ ଉପଖଣ୍ଡ ଅଧିକାରୀ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ଥାନା ଅଧିକାରୀ ଜେନାଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ଜିଲାସ୍ତରୀୟ ରଗ୍‌ବି ଆସୋସିଏଶନ୍‌ର କର୍ମକର୍ତ୍ତା ନିର୍ବାଚନ

ବାଲିଗୁଡା, ୮।୨(ଡି.ଏନ୍.ଏ.): କନ୍ଧମାଳ ଜିଲା ବାଲିଗୁଡାଠାରେ ପ୍ରଥମଥର ପାଇଁ ଜିଲା ସ୍ତରୀୟ 'ରଗ୍‌ବି' ଆସୋସିଏଶନ୍‌ର ଏକ ବୈଠକ ବରିଷ୍ଠ ନାଗରିକ ରବିଚନ୍ଦ୍ର ପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ଜିଲା ସଭାପତି ଭାବେ ରବିଚନ୍ଦ୍ର ପାଳଙ୍କୁ ମନୋନୀତ କରାଯାଇଥିବାବେଳେ ଉପସଭାପତି ଭାବେ ବିଶିଷ୍ଟ ଡ. ଅଭିଜିତ ପଟ୍ଟନାୟକ, ସମ୍ପାଦକ ଭାବେ ମହମ୍ମଦ ଜିଆଉଦ୍ଦିନ୍ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଅନ୍ତର୍ଯ୍ୟାମୀ ବେହେରା, ଦେବବ୍ରତ ସିଂ ଦେଓ ପ୍ରମୁଖ ନିର୍ବାଚିତ ହୋଇଥିବା ଜଣାପଡିଛି। ଶେଷରେ ସଭାପତି ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ରାଇକିଆ,୮।୨(ଡି.ଏନ.ଏ): ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟ ଠାରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଦୀପ ନାୟକ, ବରିଷ୍ଠ ଅଧାପକ ସୁରେନ୍ଦ୍ର ପଟ୍ଟନାୟକ, ବେଣୁପାଣି ମହାପାତ୍ର, ଜଗନ୍ନାଥ ଦାଶ, ଶ୍ୟାମସୁନ୍ଦର ଡାଙ୍ଗୁଆ, ଦିବାକର ଦାଶ ଯୋଗ ଦେଇଥିଲେ। ଏହି ଶିବରରେ ୩୬୦ ଜଣ ଛାତ୍ରୀ ପର୍ଯ୍ୟାୟକ୍ରମେ ତାଲିମ ନେଇଥିଲେ। ପ୍ରଶିକ୍ଷକ ଭାବେ ସୋନାଲି ପଲେଇ, ମାମିନା ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ନରେନ୍ଦ୍ର ଭୋଲ, ଉମାକାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମୃତ ଶିକ୍ଷକଙ୍କ ସ୍ତ୍ରୀଙ୍କୁ ସହାୟତା

ଦିଗପହଣ୍ଡି,୮।୨(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ କେଦାରପୁର ଗ୍ରାମର ଶିକ୍ଷକ ଇ. ସନାତନ ଦୋରାଙ୍କ ସ୍ତ୍ରୀ ଇ. ସୁକାନ୍ତିଙ୍କୁ ଶିକ୍ଷା ବିଭାଗ ଗୁରୁଛାତ୍ର କଲ୍ୟାଣ ସମିତି ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ବ୍ରହ୍ମପୁର ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଶିକ୍ଷକଙ୍କ ବାସଭବନରେ ପହଞ୍ଚି ସହାୟତା ଅର୍ଥରାଶି ଚେକ୍ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଗୋପୀନାଥ ପଟ୍ଟନାୟକ, ସନାତନ ପଟ୍ଟନାୟକ, ସହକାରୀ ଶିକ୍ଷକ ଏଲ. କୃଷ୍ଣମୂର୍ତ୍ତି ଦୋରା, ପ୍ରଦୀପ୍ତ ପ୍ରଧାନ, ଦେବରାଜ ସାବତ, ଜନକ କୁମାର ଜେନା, ଅନୀଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କେ. ସାମନ୍ତରାପୁର ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଇ. ସନାତନଙ୍କର ଗତ ୨୭ରେ ମୃତ୍ୟୁ ଘଟିଥିଲା।

ତାପସ ମେମୋରିଆଲ ଟ୍ରଫି

### ଫାଇନାଲରେ ଶେରଗଡ଼

ଧରାକୋଟ,୮।୨(ଡି.ଏନ୍.ଏ.)-ଧରାକୋଟ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ଅଷ୍ଟମ ତାପସ ମେମୋରିଆଲ ଟ୍ରଫିର ଚତୁର୍ଥ କ୍ୱାର୍ଟରେ ରୟାଲ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ଓ ରାଜବଂଶ କ୍ରିକେଟ କ୍ଲବ ଶେରଗଡ଼ ମଧରେ ହୋଇଥିଲା। ଟସ୍ ଜିଣି ହିଞ୍ଜିଳିକାଟୁ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ୍ କରିଥିବା ବେଳେ ଶେରଗଡ଼ ଦଳ ୧୮ ଓଭରରେ ୬ ଉଇକେଟ ହରାଇ ୧୦୯ ରନ୍ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୧ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶେରଗଡ଼ ଓ କେନ୍ଦୁପଦର ମଧରେ ହେବ।

# ହଳଦୀ ଦର ବୃଦ୍ଧି କରିବାକୁ ଦାବି

■ଦାରିଙ୍ଗବାଡ଼ିରେ ନିୟନ୍ତ୍ରୀତ ବଜାର ପ୍ରାଙ୍ଗଣ ଖୋଲିବାରେ ବିଳମ୍ବ

■ସ୍ଥିର ରହୁନି ଦର, ହଳଦୀ ଅମଳ ଚାଲିଛି

ଦାରିଙ୍ଗବାଡ଼ି,୮।୨(ଡି.ଏନ.ଏ)



ଚାଷୀ ଶୋଭାଯାତ୍ରାରେ ସଚେତନ କରୁଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଚାଷୀଙ୍କୁ ହଳଦୀର ଉଚିତ ମୂଲ୍ୟ ଦେବାରେ ବିଳମ୍ବ ଦେଖାଦେଇଛି। ଏଥି ପାଇଁ ରେଗୁଲେଟଡ଼ ମାର୍କେଟିଂ କମିଟି (ଆରଏମ୍‌ସି) ବା ନିୟନ୍ତ୍ରିତ ବଜାର କମିଟି ଜରିଆରେ ବ୍ୟବସାୟୀମାନେ ହଳଦୀ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ କିଣିବା ପାଇଁ ଚଳିତ ବର୍ଷ ଜାନୁୟାରୀ ୨୧ ଏବଂ ୨୦୧୭ ମସିହା ପେବୃଆରୀ ୧୬ରେ ବୈଠକ ବସି ବ୍ୟବସାୟୀଙ୍କ ସହ ଆଲୋଚନା କରାଯାଇଛି। କିନ୍ତୁ ଏବେ ମଧ ଏହା ଆରମ୍ଭ କରା ନ ଯିବାରୁ ଚାଷୀଙ୍କ ଠାରୁ ଶସ୍ତାରେ ହଳଦୀ କିଣାଯାଉଥିବା ଅଭିଯୋଗରେ ଅଞ୍ଚଳର ଚାଷୀମାନେ ଏକାଠି ହୋଇଛନ୍ତି। ଗୁରୁବାର କିରିକୁଟି ପଞ୍ଚାୟତରେ ଆଞ୍ଚଳିକ ହଳଦୀ ଚାଷୀ ମହାସଂଘ ପକ୍ଷରୁ ଏନେଇ ଆନ୍ଦୋଳନ କରାଯିବା ସହ ଏକ ଶୋଭାଯାତ୍ରାରେ ଲୋକଙ୍କୁ ସଚେତନ କରାଯାଇଥିଲା। ସେମାନଙ୍କ ୯ ଦଫା ଦାବି ରହିଥିଲା ସେଥିରେ ମୁଖ୍ୟ ହଳଦୀ ଦରକୁ ସର୍ବନିମ୍ନ ୧ଶହ ରୁ ୧ଶହ କୋଡ଼ିଏ କରିବାକୁ ଦାବି କରାଯିବା ସହ ଦରକୁ ସରକାର ମାନ୍ୟତା ପାଇଁ ନିଷ୍ପତ୍ତି ହୋଇଥିଲା। ଏନେଇ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା କହିଛନ୍ତି ଯେ ଏବେ ବ୍ୟବସାୟୀଙ୍କ ଠାରୁ ହଳଦୀ ଷ୍ଟକ ସଂଗ୍ରହ କରାଯାଉଛି। ଏଥିସହ ଏବେ ହଳଦୀ ଅମଳ ଚାଲିଛି ବୋଲି କୁହାଯାଇଛି। ଖୁବଶୀଘ୍ର ଦର ସ୍ଥିର କରାଯିବା ସହ ବ୍ୟବସାୟୀମାନେ ଉଚିତ ଦରରେ ନିୟନ୍ତ୍ରିତ ବଜାର କମିଟି ଜରିଆରେ କିଣିବେ ବୋଲି କହିଛନ୍ତି। ଏବେ ଘରୋଇ ଅନୁଷ୍ଠାନ ଗୁଡ଼ିକ ୫୨ ଟଙ୍କାରେ ହଳଦୀ କିଣୁଥିବା ସେ କହିଛନ୍ତି। ଚାଷୀଙ୍କ ଆନ୍ଦୋଳନରେ ମହାସଂଘର ସଭାପତି ଶୋଭରାଜ ପ୍ରଧାନ, ସମ୍ପାଦକ ବୁଲୁ ଡିଗଲଙ୍କ ସମେତ କନ୍ଧମାଳ ବିକାଶ ସୁରକ୍ଷା ସମିତିର ଆବାହକ ସୁଧୀର କୁମାର ସାହୁ, ପାଣ୍ଡବ ପ୍ରଧାନ, ନୀଳାମ୍ବର ପ୍ରଧାନ, ଉଦେଶ୍ୱର ପ୍ରଧାନ, ସମୀର ପ୍ରଧାନ, ଶ୍ରୀଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ନେତ୍ରମାନ ସେଠ୍ ଯୋଗଦେଇ ଚାଷୀଙ୍କୁ ଉତ୍ସାହିତ କରିବା ସହ ସରକାର ଚାଷୀଙ୍କ ଦାବିକୁ ମାନି ନେବାକୁ ଦାବି କରିଛନ୍ତି।

ବାଲିଗୁଡ଼ା ମହୋତ୍ସବକୁ କୁଇକୂଳ ସମିତିର ବିରୋଧ ଘଟଣା

# ସମିତିର ୧୨ ଘଣ୍ଟିଆ ବନ୍ଦ ଡାକରା

ବାଲିଗୁଡ଼ା,୮।୨(ଡି.ଏନ୍.ଏ.)

୮ ଓ ୯ ତାରିଖରେ ଦୁଇଦିନ ଧରି ଆୟୋଜିତ ହେଉଥିବା ବାଲିଗୁଡ଼ା ମହୋତ୍ସବକୁ ସ୍ଥାନୀୟ ଆଦିବାସୀ ଓ କୁଇକୂଳ ସମିତିକୁ ଅଣଦେଖା କରାଯିବା ନେଇ ଗୁରୁବାର ସ୍ଥାନୀୟ ସହକାରୀ ଉପଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଥିଲା। କିନ୍ତୁ କୌଣସି ପ୍ରକାରେ ପଦକ୍ଷେପ ଗ୍ରହଣ କରାଯାଇନଥିଲା। ସ୍ଥାନୀୟ ବିଡିଓ ନରେଶ ଚନ୍ଦ୍ର ଶବର କୁଟିକିଆ ସରପଞ୍ଚ ଦୟାନିଧି ମଲ୍ଲିକଙ୍କୁ ଡାକି ଗାଳିଗୁଲଜ କରିବା ଘଟଣାରେ ବିଡିଓଙ୍କୁ ଗିରଫ କରିବାକୁ ନେଇ ଶନିବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମିତି ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ଆଗାମୀ ଦିନରେ ସମଗ୍ର କନ୍ଧମାଳଜିଲା ବନ୍ଦ ଡାକରା ଦେବାପାଇଁ ବାଲିଗୁଡ଼ା କୁଇକୂଳ ସମିତିର ସଭାପତି ଶ୍ରୀକାନ୍ତ ମଲିକ ଓ ସରପଞ୍ଚଙ୍କ ସଭାପତି କୁନାଲ ପ୍ରଧାନ ଆହ୍ୱାନ ଦେଇଛନ୍ତି।

# ଗୋଚ୍ଛାପଡ଼ାରେ ସଡ଼କ ସୁରକ୍ଷା ସପ୍ତାହ


ରାଲିରେ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

ଫିରିଙ୍ଗିଆ, ୮।୨

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡାରେ ଶୁକ୍ରବାର ସଡକ ସୁରକ୍ଷା ସପ୍ତାହ ପାଳନ ହୋଇଛି। ଏହି ଅବସରରେ ଏକ ସଚେତନତା ରାଲି ଗୋଚ୍ଛାପଡା ସହର ପରିକ୍ରମା କରି ଗାଡି ଚଳାଇବା ବେଳେ ହେଲମେଟ ପିନ୍ଧିବା, ପୋଲିସ ଚେକିଂବେଳେ ସହାୟତା କରିବା, ଦ୍ରୁତ ଗତିରେ ଗାଡି ନ ଚଳାଇବାକୁ ଛାତ୍ରୀଛାତ୍ରମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ପୋଲିସ, ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ସବ୍‌ଇନ୍ସପେକ୍ଟର ଦୀପ୍ତିରଞ୍ଜନ ଓଝା, ଏଏସ୍‌ଆଇ ଅଜୟ କୁମାର ମଲ୍ଲିକ, ନାରାୟଣ ପ୍ରଧାନ, ବ୍ରହ୍ମା ମହାକୁଡ, ମଲିରାମ ଦିଗାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

# ପଞ୍ଚାୟତସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ବାଲିଗୁଡା, ୮।୨(ଡି.ଏନ୍.ଏ.)

କନ୍ଧମାଳ ସ୍ୱାଭିମାନ ସମାଜ, ସାରଙ୍ଗଡ ଓ ମେଜର ଧ୍ୟାନଚାନ୍ଦ ସ୍ପୋର୍ଟସ୍ ଆଣ୍ଡ ଗେମସ୍ ଏକାଡେମୀ, କନ୍ଧମାଳର ମିଳିତ ଉଦ୍ୟମରେ କନ୍ଧମାଳ ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ବ୍ଲକ୍ ସାରଙ୍ଗଡ ଖେଳପଡିଆରେ ପଞ୍ଚାୟତ ସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ୨୫ ବର୍ଷରୁ କମ୍ ଯୁବକ ମାନଙ୍କ ମଧରେ ଲିଗ୍ ଏବଂ ନକ୍ ଆଉଟ ପର୍ଯ୍ୟାୟର ଆୟୋଜନ କରାଯାଇଛି। ଏଥିରେ କ.ନୂଆଗାଁ ପଞ୍ଚାୟତ ସମିତି ଅଞ୍ଚଳର ୧୨ ଦଳକୁ ୪ ବିଭାଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାର ପୂର୍ବତନ ଖେଳାଳି ତଥା କନ୍ଧମାଳ ରଗ୍‌ବି ଆସୋସିଏଶନ୍‌ର ସଭାପତି ରବିଚନ୍ଦ୍ର ପାଳ, ଆସୋସିଏଶନ୍‌ର ଉପସଭାପତି ଡ. ଅଭିଜିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମେଜର ଧ୍ୟାନଚାନ୍ଦ ସ୍ପୋର୍ଟସ୍ ଏଣ୍ଡ ଗେମ୍ସଏକାଡେମୀର ସ୍ଥାପକ ମହମ୍ମଦ ଜିଆଉଦ୍ଦିନ ଖେଳାଳୀମାନଙ୍କୁ ପ୍ରତିଯୋଗିତା ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ଅଶ୍ୱିନୀ କୁମାର ପାତ୍ର, କାମାକ୍ଷା ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି।

### ପର୍ଡ଼ମାହାରେ ବିଏସଏନଏଲ ମୋବାଇଲ ସେବା ଆରମ୍ଭ

ଦାରିଙ୍ଗବାଡ଼ି,୮।୨(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ପର୍ଡ଼ମାହା ପଞ୍ଚାୟତ ଅଞ୍ଚଳବାସୀଙ୍କୁ ଶୁକ୍ରବାର ବିଏସ୍‌ଏନ୍‌ଏଲ୍‌ର ମୋବାଇଲ ସେବା ଉପଲବ୍ଧ ହୋଇଛି। ଏହି ସେବା ସନ୍ଧ୍ୟା ସାଢ଼େ ୫ରେ ଦିଆଯାଇଥିବା ବିଭାଗର ବାଲିଗୁଡ଼ା ଏସ୍‌ଡିଓ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି କହିଛନ୍ତି । ଉକ୍ତ ବ୍ଲକର ସବୁଠାରୁ ବଡ଼ ପଞ୍ଚାୟତ ଭାବେ ରହିଛି ପର୍ଡ଼ମାହା ଏହା ଉପରେ ପଡ଼ୋଶୀ କୋଟଗଡ଼ ବ୍ଲକର କିଛି ପଞ୍ଚାୟତବାସୀ ମଧ ନିର୍ଭର କରୁଥିବା ବେଳେ ଜରୁରୀକାଳିନ ସେବା ପାଇଁ ମୋବାଇଲ ସେବା ନଥିବାରୁ ଅଞ୍ଚଳବାସୀ ବହୁ ହଇରାଣ ଭୋଗୁଥିଲେ। ଏନେଇ ଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ଚେତବାନି ଦେବା ସହ ଜାନୁଆରୀ ୩୧ ତାରିଖ ଡେଡ୍‌ଲାଇନ ଦେଇଥିଲେ। ତେବେ ବିଭାଗୀୟ ଅଧିକାରୀ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ଖୁବ୍‌ଶିଘ୍ର ଏହି ସେବା ଯୋଗାଇଦେବୁ ବୋଲି ପ୍ରତିଶୃତି ଦେଇଥିଲେ। ଶୁକ୍ରବାର ଏହାର ଶୁଭାରମ୍ଭ ହୋଇଛି। ଏଥିପାଇଁ ଅଞ୍ଚଳବାସୀ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

# ରାଇକିଆରେ ସଡ଼କ ସୁରକ୍ଷା ସପ୍ତାହ



ଛାତ୍ରୀଛାତ୍ର ରାଲିରେ ଯାଉଛନ୍ତି।

ରାଇକିଆ,୮।୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ଜୀବନ ଜ୍ୟୋତି ମହାବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କଦ୍ୱାରା ସଡକ ସୁରକ୍ଷା ନେଇ ଏକ ସଚେତନତା ରାଲି କଲେଜରୁ ବାହାରି ବେରେଡ଼ାକିଆ ପର୍ଯ୍ୟନ୍ତ ଯାଇ ଲୋକଙ୍କୁ ସଚେତନ କରାଇଥିଲା। ଛାତ୍ରୀଛାତ୍ରମାନେ ପ୍ଲା କାର୍ଡ଼ ଓ ପ୍ରଚାର ପତ୍ର ଧରି ରାଲିରେ ଯାଇ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ବିଶେଷ କରି ଅଧିକ ବେଗରେ ଗାଡ଼ି ନ ଚଳାଇବା, ବାଇକ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ହେଲମେଟ ପିନ୍ଧିବା, ଗାଡ଼ିର କାଗଜ ପତ୍ର ଓ ଲାଇସେନ୍ସ ପାଖରେ ରଖିବା, ୧୮ ବର୍ଷରୁ କମ ପିଲା ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ମାନିବା ଆଦି ବାର୍ତ୍ତା ଦେଇଥିଲେ। ରାଇକିଆ ପୋଲିସ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଥାନା ଅଧିକାରୀ ନରେଶ ସାହୁ ପରିଚାଳନା କରିଥିଲେ। ଜୀବନଜ୍ୟୋତି ମହାବିଦ୍ୟାଳୟର ସମସ୍ତ ଅଧାପକ ଉପସ୍ଥିତ ଥିଲେ। ରାଇକିଆ ମୋଟର ଚାଳକ ସଂଘ ଏବଂ ଅଟୋ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ଓଡ଼ିଶା ଲୋକସେବା ଅଧିକାର ନିୟମାବଳୀ, ଅଧିନିୟମ କର୍ମଶାଳା

ଶେରଗଡ଼,୮।୨(ଡି.ଏନ.ଏ.)

ଶେରଗଡ଼ ତହସିଲ ପକ୍ଷରୁ ବ୍ଲକ ସଭାଗୃହରେ ଓଡ଼ିଶା ଲୋକସେବା ଅଧିକାର ନିୟମାବଳୀ ଓ ଅଧିନିୟମ ସମ୍ପର୍କିତ ସଚେତନତା କର୍ମଶାଳା ଅଧକ୍ଷା ସାରସ ସ୍ୱାଇଁଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ନିର୍ଦ୍ଧାରିତ ସମୟ ସୀମା ମଧରେ ଯୋଗା ଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାରଙ୍କ ୨୪ ଟି ବିଭାଗ ପକ୍ଷରୁ ୩୫୦ଟି ସେବା ଯୋଗାଇ ଦିଆଯାଇଛି। ତାର ସମସ୍ତ ବିବରଣୀ ସମୟ ସୀମା ମଧରେ ସେବା ଯୋଗାଇବାକୁ ବାଧ ବୋଲି ଅଧିକାରୀମାନେ ମତ ବ୍ୟକ୍ତ କରିଥିଲେ। ଖାଲି ଆବଶ୍ୟକ ମୁତାବକ କାଗଜପତ୍ର ସହ ବିଭିନ୍ନ କାଗଜର ନକଲ ଦେଲେ ଆପେଆପେ ନିର୍ଦ୍ଧାରିତ ସମୟରେ ତାହା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ବିଡିଓ ସୁରଞ୍ଜନ କୁମାର ସାହୁ ନିଜ ବିଭାଗର ସେବା ଓ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ବିଭାଗର ସେବା କରିଥିଲେ। ସୁପରଭାଇଜର ଗେଲିସାରିଆ ସାହୁ, ସହକାରୀ ଯନ୍ତ୍ରୀ ବିଦ୍ୟୁତ୍ ବିଭାଗ ହୃଷୀକେଶ ପଟ୍ଟନାୟକ ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ହୃଷୀକେଶ ପାଢୀ, ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ।

### ବିଦ୍ୟାଳୟର ବାର୍ଷିକୋତ୍ସବ

ପୋଲସରା,୫।୨(ଡି.ଏନ.ଏ.)

ପୋଲସରା ସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ କର ମୁଖ୍ୟଅତିଥି, କଲେଜ ଅଧାପକ ହିମାଂଶୁ ଶେଖର ରଥ ମୁଖ୍ୟବକ୍ତା, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ଆଚାରୀ, ବିଭୂତି ଭୂଷଣ ପାତ୍ର, ସ୍ୱରୂପ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଉଜ୍ଜ୍ୱଳ ତାଲିମ ଶିବିର ଉଦ୍‌ଯାପିତ

■୪ ଦିନ ତାଲିମ ନେଲେ ୪୦ ଶିକ୍ଷୟିତ୍ରୀ, ଶିକ୍ଷକ


ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଲିମ ନେଉଛନ୍ତି।

ଶଙ୍କରାଖୋଲ,୮।୨(ଡି.ଏନ୍.ଏ.)

ଚକାପାଦ ବ୍ଲକ ଶଙ୍କରାଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଚକାପାଦ ଗୋଷ୍ଠୀ ସାଧନ କେନ୍ଦ୍ରଠାରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ୪ ଦିନ ଧରି ଚାଲିଥିବା ଉଜ୍ଜ୍ୱଳ ଶିକ୍ଷଣ ଅଭିବୃଦ୍ଧି ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶଙ୍କରାଖୋଲରେ ପ୍ରଶିକ୍ଷକ ଭାବେ ନରସିଂହ ଡାକୁଆ, ଅଶୋକ କୁମାର ମଲିକ, ଗୌରୀ ଚନ୍ଦ୍ର ନାୟକ, ସଙ୍ଗୀତା ତ୍ରିପାଠୀ ଯୋଗଦେଇଥିଲେ। ୪୦ ଶିକ୍ଷୟିତ୍ରୀ, ଶିକ୍ଷକ ତାଲିମ ନେଇଥିଲେ। ସେହିପରି ଚକାପାଦରେ ପ୍ରଶିକ୍ଷକ ଭାବେ ସୁମନ୍ତ ବେହେରା ତାଲିମ ପ୍ରଦାନ କରିଥିବାବେଳେ ଅନେକ ଶିକ୍ଷୟିତ୍ରୀ, ଶିକ୍ଷକ ତାଲିମ ନେଇଥିଲେ। ବିଦ୍ୟାଳୟର ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଏହାର ଲକ୍ଷ୍ୟ। କାର୍ଯ୍ୟକ୍ରମରେ ଚକାପାଦ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେଶ କୁମାର ଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୁଲୁ ଦେଶୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବ ଜାଗ୍ରତ କନ୍ଧମାଳ

■ମେଡିକାଲ କଲେଜ ସ୍ଥାପନ, ଗୋଚ୍ଛାପଡା ଓ ବ୍ରାହ୍ମଣୀଗାଁକୁ ବ୍ଲକ ଦାବି

ଫୁଲବାଣୀ ଅଫିସ, ୮।୨


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ଆସନ୍ତା ୧୦ରେ ମୁଖ୍ୟମନ୍ତ୍ରୀ କନ୍ଧମାଳ ଗସ୍ତରେ ଆସୁଛନ୍ତି। ଜିଲାର ବିଭିନ୍ନ ସମସ୍ୟା ନେଇ ଜାଗ୍ରତ କନ୍ଧମାଳ ପକ୍ଷରୁ ବିରୋଧ କରିବାକୁ ଅନୁଷ୍ଠାନ ନିଷ୍ପତ୍ତି ନେଇଛି। ଜାଗ୍ରତ କନ୍ଧମାଳ ପକ୍ଷରୁ ଶୁକ୍ରବାର କନ୍ଧମାଳରେ ମେଡିକାଲ କଲେଜ ସ୍ଥାପନ, ଗୋଚ୍ଛାପଡା ଓ ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା ଦାବି କରାଯାଇଛି। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ବିଜେଡି ସରକାରଙ୍କୁ ଫୁଲବାଣୀରେ ଏକ ମେଡିକାଲ କଲେଜ ସ୍ଥାପନ, ଫିରିଙ୍ଗିଆ ବ୍ଲକର ଗୋଚ୍ଛାପଡା ଏବଂ ଦାରିଙ୍ଗବାଡି ବ୍ଲକର ବ୍ରାହ୍ମଣୀଗାଁକୁ ବ୍ଲକ କରାଯିବା ପାଇଁ ଦାବି ହୋଇ ଆସୁଛି। ଏହାକୁ କୁଇ ସମାଜ ସମନ୍ୱୟ ସମିତି, ପାଣ ସମାଜ କଲ୍ୟାଣ ସମିତି, ଘାସି କୁଳ ସମାଜ କଲ୍ୟାଣ ସମିତି, ଜିଲା ନାଗରିକ ମଞ୍ଚ, ଜିଲା ବିକାଶ ପରିଷଦ ପକ୍ଷରୁ ମଧ ଦାବି ହୋଇଆସୁଛି। ଏଥିରେ ଭାଜପା, କଂଗ୍ରେସ, ବହୁଜନ ସମାଜ ପାର୍ଟି, ସମତା କ୍ରାନ୍ତି ଦଳ ଏପରିକି ବିଜେଡି ମଧ ସାମିଲ ଅଛି। କିନ୍ତୁ ଆଜି ପର୍ଯ୍ୟନ୍ତ ସରକାର କନ୍ଧମାଳ ଜିଲାବାସୀଙ୍କ ପାଖରେ କୌଣସି ନିଷ୍ପତ୍ତି ରଖିଲେ ନାହିଁ। ଫଳରେ ଜିଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଗାମୀ ୧୦ରେ ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତକୁ ଜାଗ୍ରତ କନ୍ଧମାଳ ପକ୍ଷରୁ ବିରୋଧ କରାଯିବ। ଏଥିପାଇଁ ଜିଲାର ସମସ୍ତ ଅନୁଷ୍ଠାନ ତଥା ବଣିକ ସଂଘ, ଘରୋଇ ବସ୍ ମାଲିକ ସଂଘ, ପାଣ ସମାଜ କଲ୍ୟାଣ ସମିତି, ନାଗରିକ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ବିକାଶ ପରିଷଦ, କନ୍ଧମାଳ ପିପୁଲସ୍ ଫୋରମ, ବୈଶ୍ୟ ସମାଜ, କନ୍ଧ-ଗଉଡ ସମାଜ ଏବଂ ପ୍ରମୁଖ ରାଜନୈତିକ ଦଳକୁ ନୈତିକ ସମର୍ଥନ ପାଇଁ ଅନୁରୋଧ କରାଯାଇଥିବା ଜାଗ୍ରତ କନ୍ଧମାଳ ସଙ୍ଗଠନ ସାଧାରଣ ସମ୍ପାଦକ ସତ୍ୟନାରାୟଣ ବେହେରା, ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ସଭାପତି ଅଙ୍ଗଦ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ଦାବି ସମ୍ପର୍କିତ ପତ୍ରର ନକଲ ମଧ ସମସ୍ତ ସଂଗଠନକୁ ପ୍ରଦାନ କରାଯାଇଛି।

### କଳାପତାକା ଦେଖାଇବ କଂଗ୍ରେସ

ଫୁଲବାଣୀ ଅଫିସ, ୮।୨

ମୁଖ୍ୟମନ୍ତ୍ରୀ କନ୍ଧମାଳ ଗସ୍ତରେ ରବିବାର ଆସୁଛନ୍ତି। ଜିଲାବାସୀ ଜାଣିଛନ୍ତି କନ୍ଧମାଳରେ ବିଭିନ୍ନ ସମସ୍ୟା ଲାଗି ରହିଛି ଏବଂ ଦୀର୍ଘ ବର୍ଷ ଧରି ଦାବି ସତ୍ତ୍ୱେ ତାହା ପୂରଣ ହୋଇନାହିଁ। ବିଶେଷ କରି ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠାକୁ ସରକାର ଗୁରୁତ୍ୱ ଦେଇ ନାହାନ୍ତି। ବେକାରୀ ସମସ୍ୟା ବଢିଛି। ଛାତ୍ରୀ ଗର୍ଭବତୀ ହେବା କନ୍ଧମାଳରେ ଏକ ସାଧାରଣ ଘଟଣାରେ ପରିଣତ ହେଲାଣି। ସରକାର ଜିଲାପାଳ କି ଜିଲା ମଙ୍ଗଳ ଅଧିକାରୀଙ୍କୁ ବଦଳି କଲେ ନାହିଁ। ଏହାର ପ୍ରତିକାର ପାଇଁ କିଛି ବି ବ୍ୟବସ୍ଥା କଲେ ନାହିଁ। କନ୍ୟାଶ୍ରମରେ ମହିଳା ସୁପରିଟେଣ୍ଡେଣ୍ଟ ନିଯୁକ୍ତି ଦାବି କାର୍ଯ୍ୟକାରୀ କରାଯାଉ ନାହିଁ । ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ଦିନ ଧରି ଖାଲି ପଡିଥିବା ଡାକ୍ତରୀ ପଦବୀ ପୂରଣ କରାଯାଉ ନାହିଁ । କନ୍ଧମାଳ ଜିଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ବିରୋଧ କରିବୁ ଏବଂ କଳା ପତାକା ପ୍ରଦର୍ଶନ କରିବୁ ବୋଲି ନଗର କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ସଞ୍ଜୟ ଭଞ୍ଜ ପ୍ରେସ୍ ବିବୃତିରେ ଜଣାଇଛନ୍ତି।



ପଞ୍ଚଦଶ ବିଧାନସଭାର ଅନ୍ତିମ ଦିବସରେ ଉତ୍ତୋଳନ କରାଯାଇଥିବା ଫଟୋଚିତ୍ର। ଏଥିରେ ବାଚସ୍ପତି ପ୍ରଦୀପ ଅମାତ, ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ସମେତ ବିଧାୟକଗଣ।

**ସଂକ୍ଷେପରେ**

## ଆମେରିକାରେ ମନ୍ଦିର ସୁରକ୍ଷା ଦାବିକଲେ ଭର୍ତ୍ତୃହରି

**ନୂଆଦିଲ୍ଲୀ,୮।୨:** ଆମେରିକାର କେଣ୍ଟୁକୀସ୍ଥିତ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଘଟଣାର ତଦନ୍ତ ଲାଗି ଟ୍ରମ୍ପ୍ ପ୍ରଶାସନ ଉପରେ ଚାପ ପକାଇବାକୁ ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। କେଣ୍ଟୁକୀ ରାଜ୍ୟର ଲୁଇସ୍‌ଭିଲେ ସହରରେ ଥିବା ସ୍ୱାମୀ ନାରାୟଣ ମନ୍ଦିରରେ କେତେଜଣ ଦୁର୍ବୃତ୍ତ ଗତ ମାସରେ ଭଙ୍ଗାରୁଜା କରିବା ସହ ମୂର୍ତ୍ତି ମୁହଁରେ କଳା ବୋଳିଦେଇଥିଲେ। ଏଥିସହିତ ସେମାନେ ମନ୍ଦିର କାନ୍ଥରେ ଅରୁଚିକର ମନ୍ତବ୍ୟ ଲେଖିଥିଲେ। ଶୁକ୍ରବାର ଲୋକ ସଭାର ଶୂନ୍ୟ କାଳରେ ଭର୍ତ୍ତୃହରି ଉକ୍ତ ପ୍ରସଙ୍ଗ ଉଠାଇ ଏହା ଭାରତୀୟ-ଆମେରିକୀୟମାନଙ୍କୁ ବ୍ୟଥିତ କରିଥିବା କହିଥିଲେ। ଲୁଇସ୍‌ଭିଲେ ମେୟର ମନ୍ଦିର ଭଙ୍ଗାରୁଜା ଘଟଣାକୁ ନିନ୍ଦା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହାର ତଦନ୍ତ କରାଯାଇ ନାହିଁ। ତେଣୁ ଭବିଷ୍ୟତରେ ଏଭଳି ଘୃଣ୍ୟ ଅପରାଧ ରୋକିବାକୁ ହେଲେ ଘଟଣାର ତଦନ୍ତ କରି ଅପରାଧୀଙ୍କୁ ଦଣ୍ଡିତ କରିବା ଲାଗି ଆମେରିକା ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଭର୍ତ୍ତୃହରି କେନ୍ଦ୍ରକୁ ଆହ୍ୱାନ କରିଛନ୍ତି।

## କାର ଧକ୍କାରେ ଚାଷୀ ମୃତ

**କାମାକ୍ଷାନଗର, ୮।୨(ଡି.ଏନ୍.ଏ.):** କାମାକ୍ଷାନଗର ଥାନା ମହୁଲପାଳ ପଞ୍ଚାୟତ ଅନ୍ତର୍ଗତ ଜଡ଼ାପାଳ ଛକରେ ଶୁକ୍ରବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟିଛି। କାର୍ (ଓଡ଼ି ୦୨ ଆର୍ ୩୮୯୯) ଧକ୍କାରେ ମହୁଲପାଳ ଗ୍ରାମର ମାଣ୍ଡୁଆ ଦେହୁରୀ(୪୦)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ କାମାକ୍ଷାନଗର-ଢେଙ୍କାନାଳ ମୁଖ୍ୟରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଅପରାହ୍ନ ୨ଟାରେ ରାସ୍ତାରୋକୋ ହଟିଥିଲା। ମାଣ୍ଡୁଆ କୋଳଥ ଜମିରୁ କାମସାରି ଚାଲିଚାଲି ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।

# ୪ମାସିଆ ଲେଖାନୁଦାନକୁ ମଞ୍ଜୁରୀ

**ଭୁବନେଶ୍ୱର,୮।୨(ବ୍ୟୁରୋ)**

୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ୪ମାସ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ୫୬,୯୨୧ କୋଟି ଟଙ୍କାର ଲେଖାନୁଦାନକୁ ଶୁକ୍ରବାର ଓଡ଼ିଶା ବିଧାନସଭାର ଅନୁମୋଦନ ମିଳିଛି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଦ୍ୱାରା ଏହି ଲେଖାନୁଦାନ ବ୍ୟୟମଞ୍ଜୁରୀ ବିଧେୟକ ଗୁରୁବାର ଗୃହରେ ଉପସ୍ଥାପନ କରାଯାଇଥିଲା।

ବିଧେୟକକୁ ଗୃହୀତ କରାଇବା ପୂର୍ବରୁ ଅର୍ଥମନ୍ତ୍ରୀ ଶଶିଭୂଷଣ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ କରାଯାଇଥିବା ବଜେଟ୍‌ରେ କୃଷି ଓ କୃଷକ କଲ୍ୟାଣ, ଜଳସେଚନ, ସାମାଜିକ ସୁରକ୍ଷା, ମହିଳା ସଶକ୍ତୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ନିରାପତ୍ତା, ସୁରକ୍ଷିତ ପାନୀୟ ଜଳ ଯୋଗାଣ, ପକ୍କାଘର ଗ୍ରାମ୍ୟ ଉନ୍ନୟନକୁ ପ୍ରାଧାନ୍ୟ ଦିଆଯାଇଛି। କାଳିଆ ଯୋଜନା ଦ୍ୱାରା ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ। ୨୦୧୯-୨୦ ପାଇଁ ଏହି ଯୋଜନାରେ ୪୪୬୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସାମାଜିକ ନିରାପତ୍ତା ଦୃଷ୍ଟିରୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୪୮ ଲକ୍ଷ ହିତାଧିକାରୀଙ୍କୁ ସୁବିଧା ଦିଆଯାଉଛି। ଏହି ବାବଦକୁ ବ୍ୟୟ ପାଇଁ ୨୧୨୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ବାର୍ଷିକ ୫ ଲକ୍ଷ ଏବଂ ମହିଳା ହିତାଧିକାରୀଙ୍କୁ ୭ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ରାଜ୍ୟର ବିଭିନ୍ନ ଭେଷଜ ମହାବିଦ୍ୟାଳୟଗୁଡିକରେ ସିଟ୍ ସଂଖ୍ୟା ବୃଦ୍ଧି, ଉପାନ୍ତ ଅଞ୍ଚଳରେ ଡାକ୍ତର ମାନଙ୍କୁ ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବା ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ୩ ଲକ୍ଷ ନୂତନ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କାର ମୂଳଧନ, ମଣ୍ଡଳ ମହାସଂଘକୁ ୨୫ ଲକ୍ଷ ଲେଖାଏ ରିଭଲଭିଂ ଫଣ୍ଡ ଯୋଗାଇ ଦିଆଯାଇଛି। ଏସ୍‌ଏଚ୍‌ଜିଙ୍କ ପାଇଁ ଆସିଥିବା ଲେଖାନୁଦାନରେ ୩୦୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ରାଜ୍ୟର ୬ ଲକ୍ଷ ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ୪୩୦୦ ଆବାସିକ ବିଦ୍ୟାଳୟ, ୬୪୦୦ରୁ ଅଧିକ ଛାତ୍ରାବାସ ନିର୍ମାଣ କରାଯାଇଛି। ସେମାନେ ମାଗଣାରେ ରହିବା ଓ ଖାଇବାର ସୁବନ୍ଦୋବସ୍ତ କରାଯାଇଛି। ଏଥିପାଇଁ ବଜେଟ୍‌ରେ ଆବଶ୍ୟକ ବ୍ୟୟବରାଦ କରାଯାଇଛି। ପୁଞ୍ଜି ଖର୍ଚ୍ଚ ପାଇଁ ୨୩,୭୮୪ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହା ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୪.୪ ପ୍ରତିଶତ। ଖୋର୍ଦ୍ଧା-ବଲାଙ୍ଗୀର, ତାଳଚେର-ବିମଳାଗଡ଼, ହରିଦାସପୁର-ପାରାଦୀପ, ଅନୁଗୋଳ-ସୁକିନ୍ଦା ଏବଂ ନବରଙ୍ଗପୁର-ଜୟପୁର-ମାଲକାନଗିରି ରେଳ ସଂଯୋଗୀକରଣ ପାଇଁ ୪୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ୮୪୩୩ କୋଟି ଟଙ୍କାର ରାଜସ୍ୱ ବଳକା ହେବ ବୋଲି ଅନୁମାନ କରାଯାଇଛି। ଏହା ଜିଏସ୍‌ଡିପିର ୧.୬ ପ୍ରତିଶତ। ବିତ୍ତୀୟ ନିଅଣ୍ଟ ୧୬,୧୯୩ କୋଟି ଟଙ୍କା ଆକଳନ କରାଯାଇଛି। ଏହା ଜିଏସ୍‌ଡିପିର ୩ ପ୍ରତିଶତ । ସେହିପରି ଆର୍ଥିକ ବର୍ଷ ଶେଷରେ ଋଣ ଭାର ଜିଏସ୍‌ଡିପିର ୧୯.୨ ପ୍ରତିଶତ ମଧ୍ୟରେ ରହିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଲେଖାନୁଦାନ ଗୃହୀତ ହେବା ସମୟରେ ଗୃହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ଶତାଧିକ ବିଧାୟକ ଉପସ୍ଥିତ ଥିଲେ। କଂଗ୍ରେସ ସଭ୍ୟମାନେ ଗୃହରେ ଉପସ୍ଥିତ ରହିଥିବା ବେଳେ, ଗୃହୀତ ହେବାର କିଛି ସମୟ ପୂର୍ବରୁ ଭାଜପା ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ। ପରବର୍ତ୍ତୀ ସମୟରେ ବାଚସ୍ପତିଙ୍କ ଅନୁରୋଧ ରକ୍ଷା କରି ଭାଜପା ସଭ୍ୟମାନେ ବନ୍ଦେ ଉତ୍କଳ ଜନନୀ ଗାନ ସମୟରେ ଉପସ୍ଥିତ ରହିଥିଲେ।

# ଭାବବିହ୍ୱଳ ହେଲେ ଯୋଗେନ୍ଦ୍ର

**ଭୁବନେଶ୍ୱର,୮।୨(ବ୍ୟୁରୋ):** ଶୁକ୍ରବାର ଶେଷ ହୋଇଛି ପଞ୍ଚଦଶ ବିଧାନସଭାର ଶେଷ ଅଧିବେଶନ। ଇତିମଧ୍ୟରେ ୫ ବର୍ଷ ଶେଷ ହୋଇଯାଇଛି। ଏହି ସମୟରେ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ପରସ୍ପର ବିରୋଧରେ ଗର୍ଜୁଥିଲେ ମଧ୍ୟ ଶେଷ ଦିବସରେ ପରିସ୍ଥିତି ଭିନ୍ନ ଥିଲା। ଶାସକ ସଭ୍ୟ ଯୋଗେନ୍ଦ୍ର ବେହେରା ଅଧିବେଶନ ଶେଷ ହେଉଥିବାରୁ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ଭାବବିହ୍ୱଳ ହୋଇପଡିଥିଲେ। ସେ କହିଥିଲେ, ବିଧାନସଭାକୁ ଆସିବା ମୋର ୫ ଥର ହୋଇଗଲା। ବିଧାନସଭାର ସମସ୍ତ ସ୍ମୃତି ମୋ ପାଇଁ ବିରଳ ହୋଇରହିବ। କାହା ପ୍ରତି ରାଗ କିମ୍ବା ଅଭିମାନ ନାହିଁ। ମୁଁ ଏ ଗୃହକୁ ଆସିବି କି ନାହିଁ ଠିକ୍ ନାହିଁ। କିନ୍ତୁ ନବୀନବାବୁ ପୁଣି ପଞ୍ଚମଥର ମୁଖ୍ୟମନ୍ତ୍ରୀ ହେବେ। ଗୀତ ଗାଇ ନିଜର ବକ୍ତବ୍ୟ ଶେଷ କରିଥିଲେ। ଯୋଗେନ୍ଦ୍ରଙ୍କ ବକ୍ତବ୍ୟକୁ ସମସ୍ତ ସଦସ୍ୟ ନୀରବରେ ଶୁଣୁଥିଲେ।

**ବିଧାନସଭା ଆଉ ଆସି ନ ପାରେ**

ଆସନ୍ତା ଏପ୍ରିଲ-ମେରେ ନିର୍ବାଚନ। ଆଉ ପରସ୍ପର ଭେଟ ହେବ କି ନାହିଁ ସେନେଇ ଅନେକ ସଦସ୍ୟ ସନ୍ଦୀହାନ ହୋଇପଡିଥିଲେ। ନିଜ ମନର କଥା କହି ନ ଥିଲେ ମଧ୍ୟ ଭବିଷ୍ୟତକୁ ନେଇ ସେମାନଙ୍କ ମାନସପଟରେ ଅନିଶ୍ଚିତତା ଯେ ଉଙ୍କି ମାରୁଥିଲା, ତାହା ଜଳ ଜଳ ଦେଖାଦେଇଥିଲା। ଗୃହ ବାହାରେ ଶାସକ ଓ ବିରୋଧୀ ସଦସ୍ୟ ପରସ୍ପର କୋଳାକୋଳି ଏବଂ କରମର୍ଦ୍ଦନ କରୁଥିବା ଦେଖାଯାଇଥିଲା। ଅଧିବେଶନ ଶେଷରେ ବିଧାନସଭାର ସମସ୍ତ ସଦସ୍ୟ ଗୃହର ନେତା ନବୀନ ପଟ୍ଟନାୟକ ଓ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ସହ ଫଟୋ ଉଠାଇଥିଲେ।

### ବଜେଟକୁ ନେଇ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

# ଚାଷୀଙ୍କ ସ୍ଥିତିରେ ପରିବର୍ତ୍ତନ ଆଣିବା ଅସମ୍ଭବ: ପଞ୍ଚାନନ

**ଭୁବନେଶ୍ୱର, ୮।୨ (ବ୍ୟୁରୋ):** ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହା ରାଜ୍ୟ ଅର୍ଥନୀତିକୁ ଗତିଶୀଳ କରିବା ପରିବର୍ତ୍ତେ ଅର୍ଥନୀତିରେ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ସରକାର ଆସନ୍ତା ନିର୍ବାଚନ ବୈତରଣୀ ପାର ହେବା ପାଇଁ ଏବଂ ନିମ୍ନ ମଧ୍ୟବିତ ଚାଷୀ ଏବଂ ଗ୍ରାମାଞ୍ଚଳ ବୟସ୍କ ବ୍ୟକ୍ତିମାନଙ୍କର ଭୋଟକୁ ହାତେଇବାକୁ ବଜେଟରେ ଯେଉଁ ବ୍ୟବସ୍ଥା କରିଛନ୍ତି ତାହା ପ୍ରକୃତରେ ଚାଷୀମାନଙ୍କ ଆର୍ଥିକ ସ୍ଥିତିର ପରିବର୍ତ୍ତନ ଆଣିବା ଅସମ୍ଭବ ବୋଲି କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି ଯେ, ସରକାର କୃଷକମାନଙ୍କ ଋଣଛାଡ଼, ସେମାନଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଜଳସେଚନ ପାଇଁ ଅର୍ଥ ବ୍ୟୟବରାଦ ନ କରିବା ଏବଂ ଚାଷୀର କୃଷିଜାତ ଦ୍ରବ୍ୟକୁ କିଭଳି ଭାବରେ ଶୀତଳଭଣ୍ଡାରରେ ସଂରକ୍ଷଣ କରାଯିବ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ କୃଷିଶିଳ୍ପର ବିକାଶ ପାଇଁ କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ତେଣୁ ରାଜ୍ୟ ସରକାର କାଳିଆ ଯୋଜନା ମାଧ୍ୟମରେ ଚାଷୀଙ୍କ ଭୋଟ ହାତେଇବା ଛଡା ତାଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ବଜେଟରେ କୌଣସି ଯୋଜନା କରିନାହାନ୍ତି। ରାଜ୍ୟର ନିଜସ୍ୱ ଆୟ କମିବାରେ ଲାଗିଛି। ଋଣ ଭାର ମଧ୍ୟ କ୍ରମାନ୍ୱୟରେ ବଢ଼ି ଚାଲିଛି। ୨୦୧୯-୨୦ ସୁଦ୍ଧା ରାଜ୍ୟର ଋଣ ଭାର ୧ ଲକ୍ଷ ୧୦ ହଜାର କୋଟି ଟଙ୍କାରୁ ଅଧିକ ହେବ, ଯାହା ସାମଗ୍ରିକ ଉତ୍ପାଦନ (ଜିଏସ୍‌ଡିପି) ୨୦.୨୫ ପ୍ରତିଶତ ହେବ। 'ପିଠା' ଯୋଜନା ପାଇଁ ଯେଉଁ ୪ଶହ କୋଟି ଟଙ୍କାର ଅନୁଦାନ ରଖାଯାଇଛି ଏହା ବିଜେଡିର ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଚାର ପ୍ରସାର ପାଇଁ ରାଜ୍ୟ ରାଜକୋଷରୁ ବ୍ୟୟବରାଦର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର "ବିଜୁ ଯୁବ ବାହିନୀ" ପାଇଁ ରାଜ୍ୟ ରାଜକୋଷରୁ ୧୦୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ରାଜ୍ୟର ଟିକସଦାତାଙ୍କ ଅର୍ଥକୁ ବ୍ୟୟ କରି ନିଜ ଦଳର ସଂଗଠନକୁ ସୁଦୃଢ କରିବା ପାଇଁ ଏଭଳି ଯୋଜନା କରୁଛନ୍ତି ବୋଲି ପଞ୍ଚାନନ କହିଛନ୍ତି।



ବିଜେଡି ବିଧାୟକମାନେ କେନ୍ଦ୍ର ସରକାରଙ୍କ ନିଯୁକ୍ତି ପ୍ରତିଶ୍ରୁତି ପାଳନ ବିଫଳତା ବିରୋଧରେ ରାଜ୍ୟପାଳଙ୍କୁ ସାକ୍ଷାତକରି ଫେରୁଛନ୍ତି।

# ଚାଷୀ, ନିଯୁକ୍ତି ପ୍ରସଙ୍ଗକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

**ଭୁବନେଶ୍ୱର,୮।୨(ବ୍ୟୁରୋ):** ଚାଷୀଙ୍କୁ ଋଣଛାଡ, ଏମଏସପି ବୃଦ୍ଧି, ଚିଟ୍‌ଫଣ୍ଡ ଏବଂ ବେକାରି ସମସ୍ୟାକୁ ନେଇ ଦୁଇଦିନ ବିଧାନସଭା ଅଚଳ ହେବା ପରେ ଶୁକ୍ରବାର ମଧ୍ୟ ଗୃହରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା। ଉଭୟ ଶାସକ ଓ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ବାଏଁ ବାଏଁ ଉଡି ଯାଇଥିଲା। ମାତ୍ର ୧ ମିନିଟ ପରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିବାକୁ ବାଧ ହୋଇଥିଲେ। ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଦୀପ ଅମାତ ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ସମେତ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହକୁ ମାଡି ଆସି ଚାଷୀ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଅଡି ବସିଥିଲେ। ଅନ୍ୟ ପକ୍ଷରେ ବିରୋଧୀଙ୍କୁ ମୁକାବିଲା କରିବାକୁ ଶାସକ ଦଳ ନିଯୁକ୍ତିକୁ ମୁଖ୍ୟ ଅସ୍ତ୍ର କରିଥିଲା। ଶାସକ ସଭ୍ୟମାନେ ନିଜ ଆସନରେ ଛିଡା ହୋଇ ନିଯୁକ୍ତି ପ୍ରସଙ୍ଗକୁନେଇ କେନ୍ଦ୍ର ବିରୋଧରେ ନାରାବାଜି କରିଥିଲେ। ବିରୋଧୀ ଏବଂ ଶାସକଙ୍କ ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ୯୩ ନମ୍ବର ପ୍ରଶ୍ନର ଉତ୍ତର ପଢିବାକୁ କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରାଙ୍କୁ ଡାକିଥିଲେ। ମନ୍ତ୍ରୀ ଉତ୍ତର ପଢିବା ମାତ୍ରେ ବାଚସ୍ପତି ହଟ୍ଟଗୋଳକୁ ଦେଖି ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ବନ୍ଦ କରି ଦେଇଥିଲେ। ବିଜେଡି ସଭ୍ୟମାନେ କେନ୍ଦ୍ର ସରକାର ବର୍ଷକୁ ଦୁଇକୋଟି ନିଯୁକ୍ତି ଦେବାକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବାକୁ ବିରୋଧ କରି ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ସଦସ୍ୟମାନେ ଏକ ଶୋଭାଯାତ୍ରାରେ ରାଜଭବନ ଯାଇ କେନ୍ଦ୍ର ବିରୋଧରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଗୃହକୁ ଦୁଇଟି ପର୍ଯ୍ୟାୟରେ ୧୨ଟା ୨୦ ମିନିଟ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ବୈଠକ ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଗତ ବ୍ୟୟ ମଞ୍ଜୁରୀ ବିଲ୍ ଉପରେ ଆଲୋଚନା ହୋଇଥିଲା।

# ଫୁସ୍‌କିଗଲା କାଳିଆ: ନରସିଂହ

**ଭୁବନେଶ୍ୱର,୮।୨(ବ୍ୟୁରୋ)**

କାଳିଆ, ପିଠା ଯୋଜନା କରି ରାଜ୍ୟ ସରକାର ଚାଷୀଙ୍କୁ ଭେଳିକି ଦେଖାଉଛନ୍ତି। ଭାଗଚାଷୀ, ନାମମାତ୍ର ଚାଷୀ, ଭୂମିହୀନ ଏପର୍ଯ୍ୟନ୍ତ ଚିହ୍ନଟ ହୋଇନାହାନ୍ତି। କେଉଁ ଆଧାରରେ କାଳିଆ ଯୋଜନାରେ ସରକାର ଆକାଉଣ୍ଟକୁ ଟଙ୍କା ପଠାଉଛନ୍ତି। ଉକ୍ତ ଟଙ୍କା ବିଜେଡି କର୍ମୀଙ୍କ ପକେଟକୁ ଯାଉଛି। ଗରିବ ଚାଷୀ ଏହାର ଫାଇଦା ପାଇପାରୁନାହିଁ। ଭୋଟ କିଣିବା ପାଇଁ ପରୋକ୍ଷରେ ଏଭଳି କାର୍‌ସାଦି କରାଯାଇଛି । ଏହି ଯୋଜନାର ଲାଭ ପାଇବାକୁ ସରକାର ଯେଉଁ ଉଦ୍ୟମ କରିଥିଲେ, କଂଗ୍ରେସର ଋଣଛାଡ଼ ଓ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି ଘୋଷଣା ପରେ ତାହା ଫୁସ୍‌କି ଯାଇଛି। ଗୋଟିଏ କୁଇଣ୍ଟାଲ ଧାନ ଅମଳ କରିବାକୁ ଚାଷୀଙ୍କର ୨୩୪୪ ଟଙ୍କା ଖର୍ଚ୍ଚ ହେଉଛି ବୋଲି ସରକାର ହିସାବ ଦେଇଛନ୍ତି। ଚାଷୀ ଧାନ ବିକିଲା ବେଳେ ଏମ୍‌ଏସ୍‌ପି ମିଳୁଛି ମାତ୍ର ୧୭୫୦ ଟଙ୍କା। ଖର୍ଚ୍ଚକୁ ହିସାବକୁ ନେଲେ ୬୦୦ ଟଙ୍କା ପ୍ରତି କୁଇଣ୍ଟାଲରେ କ୍ଷତି ହେଉଛି। ଅର୍ଥାତ୍ ପ୍ରତି ଏକର ପିଛା ଧାନ ଚାଷ ପାଇଁ ଚାଷୀଙ୍କର ୧୨ ହଜାର ଟଙ୍କା କ୍ଷତି ହେଉଛି। କାଳିଆ ଯୋଜନାରେ ରାଜ୍ୟ ସରକାର ୫ ହଜାର ଟଙ୍କା ଦେଉଛନ୍ତି। ଆହୁରି ୭ ହଜାର ଟଙ୍କା କିଏ ଦେବ। ଛତିଶଗଡ଼ର କଂଗ୍ରେସ ସରକାର ଚାଷୀଙ୍କୁ ଋଣଛାଡ଼ କରିବା ସହ ଧାନ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୨୫୦୦ ଟଙ୍କା ଦେଉଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଶୁକ୍ରବାର ୨୦୧୯-୨୦ ଆର୍ଥିକ ବର୍ଷର ୪ ମାସିଆ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ରାଜ୍ୟ ସରକାରଙ୍କ ଉପରେ ଏଭଳି ବର୍ଷିଛନ୍ତି।

ନରସିଂହ କହିଛନ୍ତି ଯେ, ଚାଷଜମିକୁ ଜଳସେଚନ କେବଳ କାଗଜ କଲମରେ ଚାଲିଛି। ଗତ ୫ ବର୍ଷ ଧରି ସରକାର ତାହା ମିଛ କହିଚାଲିଛନ୍ତି। ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ଲୋକମାନେ ବିରୋଧ କରୁଥିବା ବେଳେ କାର୍ଯ୍ୟ ଚାଲୁଥିଲା। ଲୋକମାନେ ସମର୍ଥନ କରିବା ବେଳେ ତାହା ବନ୍ଦ ରହିଛି। ଯେଉଁଠି ଜଳସେଚନ ପ୍ରକଳ୍ପ କରାଯାଇଛି ସେଠାରେ ୭୫ ଭାଗ ଜମିକୁ ପାଣି ମାଡୁନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡିଛି। ପିଲାଙ୍କ ଡ୍ରେସ୍ କିଣାରେ ଦୁର୍ନୀତି ଭରି ରହିଛି। କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ନରସିଂହ କହିଲେ ଯେ, ଭାଜପା ପରିଚାଳିତ କେନ୍ଦ୍ରର ଏନ୍‌ଡିଏ ସରକାର ୫ ବର୍ଷ ପୂରଣ କରିବାକୁ ଯାଉଛନ୍ତି।

**ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା**

ସୁପ୍ରିମ୍‌କୋର୍ଟ ବିଚାରପତି ଖବରଦାତା ସମ୍ମିଳନୀରେ ଗଣତନ୍ତ୍ର ବିପଦରେ ଥିବା କଥା କହିଲେ। ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କୁ ଇସ୍ତଫା ଦେବାକୁ ପଡିଲା। ସିବିଆଇର ଦୁଇ ବରିଷ୍ଠ ଅଫିସରଙ୍କ ଝଗଡ଼ା କେନ୍ଦ୍ରର ଅସଲ ମୁଖାକୁ ପଦାରେ ପକାଇ ଦେଇଛି। ବର୍ଷକୁ ୨ କୋଟି ନିଯୁକ୍ତି ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିଲେ। ୫ ବର୍ଷରେ ୧୦ କୋଟି ନିଯୁକ୍ତି ଦେବା କଥା। ଭୋଟ ପାଇବା ପାଇଁ ଲୋକମାନଙ୍କୁ ତାହା ମିଛ କହିଛନ୍ତି। ଲୋକେ ମଧ୍ୟ ଏହାର ଜବାବ ଦେବା ଆରମ୍ଭ କରିଛନ୍ତି, ଯାହାର ପ୍ରତିଫଳନ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଦେଖିବାକୁ ମିଳିଛି ବୋଲି ନରସିଂହ କହିଛନ୍ତି।

ବିଜେଡି ସଭ୍ୟ ଅରୁଣ ସାହୁ କହିଛନ୍ତି ଯେ, ସାରା ଦେଶରେ ରାଜନୀତିରେ ଆରୋପ-ପ୍ରତ୍ୟାରୋପର ଘଟଣା ଦେଖିବାକୁ ମିଳୁଛି। ରାଜନୈତିକ ଶୀର୍ଷ ବ୍ୟକ୍ତିମାନେ ଶାଳୀନତା ରକ୍ଷା କରୁନାହାନ୍ତି। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ସମୟରେ ଶାଳୀନତା ରକ୍ଷା କରିବା ସହ ବିକାଶମୁଖୀ ରାଜନୀତି କରୁଛନ୍ତି। କେନ୍ଦ୍ର ସରକାର ସମ୍ବିଧାନକୁ ଅଣଦେଖା କରି ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ରାଜ୍ୟ ସରକାର ୪ ମାସ ପାଇଁ ଲେଖାନୁଦାନ ଆଗତ କରିଛନ୍ତି। କେନ୍ଦ୍ର ସରକାର ପ୍ରଥମେ କାଳିଆ ଯୋଜନାକୁ ସମାଲୋଚନା କରିଥିଲେ, ହେଲେ ପରବର୍ତ୍ତୀ ସମୟରେ ସେହି ପ୍ରକାର ଯୋଜନା ଘୋଷଣା କଲେ। ପୂର୍ବରୁ ମମତା ଯୋଜନାକୁ ମଧ୍ୟ ଓଡ଼ିଶାରୁ ପ୍ରେରଣା ନିଆଯାଇଥିବା ଅରୁଣ କହିଛନ୍ତି। ଭାଜପା ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ, ପ୍ରଭାକରନ ଖଣି କମ୍ପାନୀ ଏବଂ ବେଦାନ୍ତ ଭଳି କମ୍ପାନୀକୁ ଫାଇଦା ଦେବା ପାଇଁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ମଣ୍ଡିରେ ଧାନ ପଡ଼ିରହୁଛି, ହେଲେ ମଣ୍ଡି ଖୋଲୁନାହିଁ। ଅସାଧୁ ମିଲରମାନେ ଶାସକ ଦଳକୁ ଚାନ୍ଦା ଦେଇ ଚାଷୀଙ୍କୁ ଲୁଟ୍ କରୁଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଗ୍ରାମରକ୍ଷୀ, ଜିଆରଏସ୍‌ମାନଙ୍କ ଦୁଃଖ ସରକାର ବୁଝୁନାହାନ୍ତି। କୃଷିଋଣ ଛାଡ଼ କରାଯାଉ। କୋରାପୁଟ ଜିଲାରେ ଏଲ୍ ଆଣ୍ଡ ଟି କମ୍ପାନୀକୁ ଦିଆଯାଇଥିବା ୨ଟି ଖଣି ଲିଜ୍ ବାତିଲ କରାଯାଉ।

# ନିଜ ପ୍ରତିମୂର୍ତ୍ତି ଅନାବରଣ କଲେ ପ୍ରିୟଙ୍କା

**ନ୍ୟୁୟର୍କ:** ଏଠାରେ ମାଡାମ୍ ଟୁସାଡ୍ସ ମ୍ୟୁଜିୟମ୍‌ରେ ନିଜର ମହମ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ତଥା ପ୍ରଯୋଜିକା ପ୍ରିୟଙ୍କା ଚୋପ୍ରା। ଏହାପରେ ଆଉ ୩ଟି ଦେଶରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରିୟଙ୍କା ଏହାର ଫଟୋଗ୍ରାଫ୍ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଏହି ପ୍ରକ୍ରିୟା ୬ମାସ ତଳେ ଆରମ୍ଭ ହୋଇଥିଲା। ସେଥିପାଇଁ ମାଡାମ୍ ଟୁସାଡ୍ସ ମ୍ୟୁଜିୟମ୍ ଟିମ୍ ତାଙ୍କ ଦେହର ମାପ ନେଇଥିଲେ ଏବଂ ଉକ୍ତ ପ୍ରତିମୂର୍ତ୍ତିକୁ ଅବିକଳ ନିର୍ମାଣ କରିବା ପାଇଁ ସେ ନିଜେ ସହଯୋଗ କରିଥିଲେ ବୋଲି ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଏହାପରେ ସେ ପ୍ରତିମୂର୍ତ୍ତି ସହ ପୋଜ୍ ଦେଇ ସେଥିରେ ଏକ କ୍ୟାପ୍ସନ୍ ଲେଖିଛନ୍ତି: 'ମୋର ନୂଆ ଯମଜ'। ନ୍ୟୁୟର୍କରେ ପ୍ରତିଷ୍ଠିତ ଏହି ପ୍ରତିମୂର୍ତ୍ତିରେ ସେ ଏକ ଲାଲ୍ ଫ୍ଲୋଇଙ୍ଗ୍ ଗାଉନ୍ ପରିଧାନ କରିଥିବା ଦେଖାଯାଉଛି।



୨୦୧୬ରେ ଏମ୍ମି ଆୱାର୍ଡ ପାଇବା ବେଳର ଏକ ନିଆରା ଚାହାଣିକୁ ଏହା ସ୍ମରଣ କରାଇ ଦେଉଛି। ଉକ୍ତ ପ୍ରତିମୂର୍ତ୍ତିର ଅଙ୍ଗୁଳିରେ ଥିବା ଏକ ହୀରାମୁଦି ଏହାକୁ ଆହୁରି ଆକର୍ଷଣୀୟ କରିପାରିଛି। ବ୍ରିଟେନ୍, ଅଷ୍ଟ୍ରେଲିଆ ଏବଂ ଏସିଆରେ ପ୍ରିୟଙ୍କାଙ୍କ ପ୍ରତିମୂର୍ତ୍ତି ଖୁବ୍ ଶୀଘ୍ର ନିର୍ମାଣ ହେବାକୁ ଯାଉଥିବା ବେଳେ ମାଡାମ୍ ଟୁସାଡ୍ସ ଟିମ୍‌କୁ ପ୍ରିୟଙ୍କା ଧନ୍ୟବାଦ ଜଣାଇଛନ୍ତି।

## BERHAMPUR MUNICIPAL CORPORATION

**Letter No. 1819** **Dt. 08.02.19**

**No.470-C:-** Berhampur Municipal Corporation, Berhampur inviting sealed quotation from Agency/ firm having prior experience for printing of banners/ flex including flexication of frame, flex pasting and transportation cost at various locations under BeMC area.

1. Interested agency may send their financial quotation in the hard copy to Commissioner, Berhampur Municipal Corporation, Berhampur through speed post or by hand, on or before Dt. 15.02.2019.
2. The financial quotations should be enclosed in a sealed envelope, along with registration certificate and proof of prior work with government.
3. The quotation should be submitted in the prescribed format. The details are available on the website www.berhampur.gov.in. for any clarification you can contact Commissioner office during office hours.
4. Details of the subject to be printed on the Banner/ Flex will provided by the BeMC.
5. The corporation has right to reject any or all quotation without assign thereof.
6. Bid should be accompanied with 2% of total quoted value as EMD.

**Sd./- Commissioner**
13035/11/0215/1819 **Berhampur Municipal Corporation**

## OFFICE OF THE PRINCIPAL, S.K.C.G. (AUTONOMOUS) COLLEGE, PARALAKHEMUNDI

**L. No. 358** **Dt. 07.02.2019**

**QUOTATION CALL NOTICE**

Sealed quotations are invited from authorized Dealers/ Suppliers with valid GST, ITCC, PAN, VAT clearance for supply of branded Laboratory equipments, chemicals, glass ware, laboratory furniture for different departments. Detail specifications of the above will be available from college website www.skcgparala.ac.in. The quotation must reach to the undersigned (Speed Post only) by 14th February 2019 and the same will be opened in the chamber of the Principal at 11 AM on 15th February 2019. The quotation price must include all taxes with free delivery, installation & demonstration. The authority reserves the right to cancel or reject any or all quotations without assigning any reason thereof.

**Sd./- Principal, S.K.C.G. (A) College, Paralakhemundi**

## OFFICE OF THE MUNICIPAL COUNCIL, MALKANGIRI

**Odisha, Pin: 764045, Ph: 06861-230244, e-Mail: eomalkangiri@gmail.com**

**Lt. No. 347/ Mpl./ 2019** **Dated: 08.02.19**

**e-NOTICE**

**BID IDENTIFICATION No. EOMKG06/2018-19**

Bid document consisting of Specifications the schedule of quantities and the set of terms and condition of contract and other necessary documents can be seen in the Government website i.e. www.tendersorissa.gov.in.

**1.** Name of the works : Civil works. **2.** Numbers of works: 51. **3.** Estimated Cost: As mentioned in the DTCN. **4.** Period of completion: 04 Months for Building & 02 Months for other works. **5.** Date and time of availability of Bid documents in the portal: From 10 AM of dt. 11.02.2019 to 5 PM of dt. 18.02.2019. **6.** Last date & Time for receipt of Bids in the Portal: 5 PM of dtd. 18.02.2019. **7.** Original Bid documents, Bid Security, Paper Cost & EMD must be reached from 11.02.2019 to on or before 5.00 PM of dt. 20.02.2019 by Regd. Post/ Speed Post only. **8.** Bids received online shall be opened on: 11.00 AM of dt. 21.02.2019. **9.** Name and Address of the Officer inviting Bid: Executive Officer, Malkangiri Municipality.

Further details can be seen from the Procurement Portal: www.tendersorissa.gov.in.

**Sd./- Executive Officer, Malkangiri Municipality**

## OFFICE OF THE DIVISIONAL LABOUR COMMISSIONER, KALAHANDI, BHAWANIPATNA

**No.170 /** **Date.06.02.2019**

**TENDER CALL NOTICE**

1. The tender call notice No.94, Dtd.22.01.2019 of this Office is hereby canceled due to unavoidable circumstances.
2. Fresh sealed tenders are invited from registered firms / authorised dealers / Rate contract holders / Agencies / Reputed Manufactures forsupply of Working Tools and safety equipment with specifications, terms & conditions mentioned in the tender paper (also available in the website **www.kalahandi.nic.in.** Officer Notice Board) which should reach to the Office of the undersigned from before 4.00 PM. of 13.02.2019 through registered post / Speed post/ Courier Service only, which will be opened on 13.02.2019 at 5.00 PM. The goods to be supplied are as follows

| Sl. No. | Name of Article | Specification | Unit required |
|---|---|---|---|
| 1 | Working Tools, Masson Kit, Carpenter Kit, Painter Kit | Details of Kit placed at Annexure-1 | Approximately 13,000 |
| 2. | Safety Equipment Kit | Details of Kit placed at Annexure-2 | |

Bids submitted beyond the manner prescribed in the tender documents shall be rejected.

**Sd./-**
**District Labour Officer,**
**Kalahandi**

## OFFICE OF THE MUNICIPAL COUNCIL, PARADEEP

## Short Quotation Call Notice

**No.- 497 /** **Dt.05.02.2019**

The Executive Officer, Paradeep Municipality on behalf of Paradeep Municipal council invites short quotation for supply & installation of 20 nos retro sign steel stand drive by Boards fixing up at different wards inside Municipality area. The quotation should reach to the undersigned on or before Dt.12.02.19 at about 12.30 PM. and will be opened on the same day at about 1.30 P.M. in presence of the quotationes or their authorized agent.

The intending quotationer can visit Official website of Paradeep Municipality **www.paradeepmunicipality.org.in** for short quotation call Notice.

**Sd./- Executive Officer,**
**Paradeep Municipality**

## INVITATION FOR BIDS (IFB)
## NATIONAL COMPETITIVE BIDDING THROUGH E-PROCUREMENT

**IDENTIFICATION NO: RWS&S DIVN., PURI-98 OF 2018-19**
**Phone: (06752) 251276, Fax: (06752) 251276,**
**E-mail: eerwss_puri@nic.in**

**No.1628-O:-** The Executive Engineer, RWS&S Division, Puri on behalf of Governor of Odisha invites item rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 4(Four) |
| 2. | Estimated Cost: | Rs 98.74 lakhs to 317.05 lakhs(app.) |
| 3. | Time for completion: | 9 (Nine) months |
| 4. | Cost of bidding document: | Rs.10000/- |
| 5. | Class of Contractors eligible: | B, A & Special |
| 6. | Availability of bids on-line: | From 17 hour of 12.02.2019 to 17.00 hours of 21.02.2019 |
| 7. | Last date and time for seeking clarification: | 17.00 hours of 16.02.2019 |
| 8. | Date & time of opening of technical bids: | On dt 22.02.2019 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | To be decided. |

Further details can be seen from the website **https://www.tendersorissa.gov.in.**

**Sd./- Executive Engineer,**
25017/11/0123/1819 **RWS&S Division, Puri**

## INVITATION FOR BIDS (IFB)
## NATIONAL COMPETITIVE BIDDING THROUGH E-PROCUREMENT

**IDENTIFICATION NO: RWS&S DIVN., PURI-100 OF 2018-19**
**Phone: (06752) 251276, Fax: (06752) 251276,**
**E-mail: eerwss_puri@nic.in**

**No.1630-O:-** The Executive Engineer, RWS&S Division, Puri on behalf of Governor of Odisha invites item rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 4(Four) |
